CMYK

- Vol.- 45, Issue No. 02
- Wednesday, 2 April 2025
- ବୁଧବାର, ୨ ଏପ୍ରିଲ ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ଆଜି ଲୋକସଭାରେ ୱାକଫ୍ ବିଲ୍ ଉପରେ ଭୋଟିଂ



ନୂଆଦିଲ୍ଲୀ, ୧ ।୪: ଲୋକସଭାରେ ବୁଧବାର ୱାକଫ୍ ସଂଶୋଧନ ବିଧେୟକ ଉପରେ ଭୋଟିଂ ହେବ । ଏଥିପାଇଁ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ପ୍ରସ୍ତୁତି କରିସାରିଛି । ଏହା ପୂର୍ବରୁ ମଙ୍ଗଳବାର ବିଜେପି ତିନି ଲାଇନ୍ ହ୍ୱିପ୍ ଜାରି କରି ନିଜର ସବୁ ସାଂସଦଙ୍କୁ ଉପସ୍ଥିତ ରହିବା ପାଇଁ କହିଛି। ଦଳ ଦ୍ୱାରା ଜାରି ହ୍ୱିପ୍‌ରେ କୁହାଯାଇଛି ଯେ ବୁଧବାର ଗୃହରେ ଅତି ଗୁରୁତ୍ୱପୂର୍ଣ୍ଣ ବିଧି କାର୍ଯ୍ୟ ଅଛି । ଏହାକୁ ପାରିତ କରାଇବା ପାଇଁ ସମସ୍ତେ ପାର୍ଟିର ସମର୍ଥନ କରିବେ ଓ ଭୋଟିଂ କରିବେ । ହ୍ୱିପରେ ସବୁ ସାଂସଦଙ୍କୁ ଦିନ ତମାମ ଗୃହରେ ଉପସ୍ଥିତ ରହିବା ପାଇଁ କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ ଲୋକସଭାରେ ବିଜେପିର ୨୪୦ ସାଂସଦ ଅଛନ୍ତି । ସରକାର ଜେଡିୟୁ ଓ ଟିଡିପି ନିର୍ଭର ଅଟନ୍ତି । ତେଣୁ ଏହି ବିଧେୟକକୁ ନେଇ କେଉଁ ଦଳର ଆଭିମୁଖ୍ୟ କ'ଣ ରହୁଛି ତାହା ଉପରେ ସଭିଙ୍କ ନଜର ରହିଛି । ଏବେ ସୁଦ୍ଧା ଚିରାଗ ପାସୱାନଙ୍କ ପାର୍ଟି ଏହି ବିଧେୟକକୁ ଖୋଲାଖୋଲି ସମର୍ଥନ କରିନାହିଁ। ସେହିପରି ଜେଡିୟୁର ଆଭିମୁଖ୍ୟ ମଧ୍ୟ ସ୍ପଷ୍ଟ ନାହିଁ।

### ଓଡ଼ିଶା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ମନ୍ତ୍ର: ଅସ୍ମିତା, ଉଚ୍ଚାଶା ଓ ଅବିଶ୍ରାନ୍ତ ଉଦ୍ୟମ

# ସମୃଦ୍ଧ ଓଡ଼ିଶା ଗଠନ ସ୍ୱପ୍ନ ପୂରଣ କରିବୁ

କଟକ, ୧ ।୪(ନିପ୍ର): ରାଜ୍ୟ ସରକାର ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ଓଡିଶା ଗଠନର ମୁଖ୍ୟ ବିନ୍ଧାଣୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମମାଟି ସତ୍ୟଭାମାପୁରରେ ମଙ୍ଗଳବାର ଆୟୋଜନ କରିଛନ୍ତି ରାଜ୍ୟସ୍ତରୀୟ ଓଡ଼ିଶା ଦିବସ -୨୦୨୫ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ମଧୁବାବୁଙ୍କ ଜନ୍ମମାଟି ସତ୍ୟଭାମାପୁର ହେଉଛି ଆମ ପାଇଁ ଏକ ପବିତ୍ର ସ୍ଥାନ, ଏକ ତୀର୍ଥ। ଏ ସ୍ଥାନକୁ ଓଡ଼ିଆ ଜାତୀୟତା ଭାବର ଏକ କେନ୍ଦ୍ର ସ୍ଥଳ ଭାବେ ବିକଶିତ କରାଯିବ । ଅସ୍ମିତା, ଓଡ଼ିଆ ସ୍ୱାଭିମାନକୁ ଗୁରୁତ୍ୱ ଦେଇ ଓଡ଼ିଶାବାସୀ ଯେଉଁ ପରିବର୍ତ୍ତନ ଆଣିଥିଲେ, ତାକୁ ସମ୍ମାନ ଦେଉଛୁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉତ୍କଳ ଗୌରବ 'ମଧୁସୂଦନ ଦାସଙ୍କ ଜନ୍ମ ସ୍ଥାନର ସମନ୍ୱିତ ବିକାଶ କାର୍ଯ୍ୟକ୍ରମ'ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ୨୧ କୋଟି ଟଙ୍କା ବିନିଯୋଗରେ ଏହି ପୀଠର ଉନ୍ନତିକରଣ କରାଯିବା ସହ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ, ଏନ୍ତୁଡିଶାଳର ଉନ୍ନତିକରଣ, ପ୍ରତିମୂର୍ତ୍ତି ନିର୍ମାଣ, ଅତିଥି ଭବନ, ପାଠାଗାର ଏବଂ ସେଠାରେ ଥିବା ଜଳାଶୟରେ ଲାଇଟ ଆଣ୍ଡ ସାଉଣ୍ଡ ସିଷ୍ଟମ ସ୍ଥାପନ ଆଦି କରାଯିବ। ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆମର ବରପୁତ୍ରମାନେ



- ୨ ସପ୍ତାହରେ ଲାଗୁ ହେବ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା
- ୧୪ ତାରିଖ ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ' ପାଳନ

ଯେଉଁ ତ୍ୟାଗ ଓ ସଂଗ୍ରାମ କରିଯାଇଛନ୍ତି, ସେ ଋଣକୁ ଆମେ କେବେ ବି ଶୁଝି ପାରିବୁ ନାହିଁ। ତେବେ, ଏକ ସମୃଦ୍ଧ ଓଡିଶା ଗଠନ କରି ସେମାନଙ୍କ ସ୍ୱପ୍ନକୁ ନିଶ୍ଚୟ ପୂରଣ କରିବୁ । ଓଡ଼ିଆପଣ, ଓଡ଼ିଆ ଅସ୍ମିତାକୁ ଆଗେଇ ନେବା ପାଇଁ ଆଜିଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଆମେ 'ଓଡ଼ିଆ ପକ୍ଷ' ପାଳନ କରିବା ଓ ଏହି ସମୟରେ ପ୍ରତ୍ୟେକ ଓଡିଆ ପାରମ୍ପରିକ ଓଡ଼ିଆ ଖାଦ୍ୟ ଖାଇବା, ଓଡ଼ିଆ ପୋଷାକ ପିନ୍ଧିବା ଏବଂ ଓଡ଼ିଆରେ ବାର୍ତ୍ତାଳାପ କରିବା ସହିତ ଓଡ଼ିଆ ପତ୍ରପତ୍ରିକା ମଧ୍ୟ ପଢ଼ିବାକୁ ସେ ଆହ୍ୱାନ ଦେଇଥିଲେ। ସମୃଦ୍ଧ ଓଡ଼ିଶା ଗଠନରେ ଆମର ମୁଖ୍ୟ ଆଧାର ରହିବ ଅସ୍ମିତା, ଉଚ୍ଚାଶା ଓ ଅବିଶ୍ରାନ୍ତ ଉଦ୍ୟମ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ୨ ସପ୍ତାହ ଭିତରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଲାଗୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ରାଜ୍ୟରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଲାଗୁ ହେଲେ ଓଡ଼ିଶାର ୩ କୋଟି ୫୨ ଲକ୍ଷ ଲୋକ ଏହାର ସୁଫଳ ପାଇବେ। ରାଜ୍ୟ ଓ ରାଜ୍ୟ ବାହାରର ୨୯ ହଜାର ଡାକ୍ତରଖାନାରେ ଏହି ଯୋଜନାରେ ଲୋକେ ମାଗଣାରେ ଚିକିତ୍ସା ସୁବିଧା ପାଇପାରିବେ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ କରିବୁ। ଆହୁରି ଆଗକୁ ଯାଇ, ୨୦୪୭ରେ ଆମକୁ ଓଡ଼ିଶାକୁ ଏକ ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ୍ କରିବାକୁ ହେବ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ ପ୍ରଥମେ ମଧୁବାବୁଙ୍କ ଜୀବନୀ ଓ ସ୍ୱତନ୍ତ୍ର ଓଡିଶା ଗଠନ ସମ୍ପର୍କିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମମାଟିରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଓଡ଼ିଆ ସ୍ୱାଭିମାନ, ଓଡ଼ିଶା ଓ ଓଡ଼ିଆ ଭାଷାକୁ ଭଲ ପାଇବାର କାର୍ଯ୍ୟକ୍ରମ । କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳ ଆରଡିସି. ବି. ପରମେଶ୍ୱରନ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଧନ୍ୟବାଦ ଅର୍ପଣ କରିଥିଲେ।

## ଖଡିଛୁଆଁ ଆଜିଠୁ

ଭୁବନେଶ୍ୱର, ୧ ।୪: ଏପ୍ରିଲ ୨ରୁ ଓଡ଼ିଶାର ସମସ୍ତ ବିଦ୍ୟାଳୟରେ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ପାଳିତ ହେବ। ଏଥିସହ ୨୦୨୫-୨୬ ଶିକ୍ଷାବର୍ଷରୁ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ଜାତୀୟ ଶିକ୍ଷା ନୀତି-୨୦୨୦ ଲାଗୁ ହେବ ବୋଲି ସୂଚନା ମିଳିଛି।

## ୧୩ ମାଓବାଦୀ ଗିରଫ

ମାଲକାନଗିରି, ୧ ।୪: ସୀମାନ୍ତ ଛତିଶଗଡ଼ର ୧୩ ଜଣ ମାଓବାଦୀଙ୍କୁ ବିଜାପୁର ପୁଲିସ ମଙ୍ଗଳବାର ଗିରଫ କରିଛି। ବିଜାପୁର ଜିଲ୍ଲା ପୋଲିସ ବିଭିନ୍ନ ଥାନା ଅଞ୍ଚଳରେ ଚଢାଉ କରାଯାଇ ଏମାନଙ୍କୁ ଗିରଫ କରାଯାଇଥିବା ପୁଲିସ କହିଛି। ଏମାନଙ୍କ ମଧ୍ୟରୁ ଜଣକ ନାମରେ ଏକ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ଏମାନେ ଉସୁର ଥାନାର ପୋଲିସ ପାର୍ଟି ଉପରେ ବୋମା ବିସ୍ଫୋରଣ କରିବା ନେଇ ୭ ଜଣ ନକ୍ସଲ ନାମରେ କେସ ରହିଛି। ସେହିପରି ମାରୁଡବାକା ଗ୍ରାମର ଗ୍ରାମବାସୀଙ୍କୁ ହତ୍ୟା କରିବା ଘଟଣାରେ ଅନ୍ୟ ୬ ଜଣ ନକ୍ସଲ ସାମିଲ ଥିବା ପୁଲିସ କହିଛି। ଏମାନଙ୍କ ଠାରୁ ଟିଫିନ ବୋମା, କୋଡେକ୍ସ ତାର, ବୈଦ୍ୟୁତିକ ତାର, ପୋଷ୍ଟର ସହ ମାଓ ସାମଗ୍ରୀ ଜବତ କରାଯାଇଛି। ସମସ୍ତ ନକ୍ସଲକୁ ଗିରଫଦାରି ପରେ ପଚରାଉଚରା କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୁଲିସ କହିଛି।

## ବାଣ କାରଖାନାରେ ଅଗ୍ନିକାଣ୍ଡ: ୧୮ ମୃତ

ନୂଆଦିଲ୍ଲୀ, ୧ ।୪: ମଙ୍ଗଳବାର ଗୁଜରାଟର ବନାସକାଣ୍ଠା ଜିଲାରେ ଏକ ବାଣ କାରଖାନାରେ ଅଗ୍ନିକାଣ୍ଡ ଘଟି ୧୮ ଜଣଙ୍କର ମୃତ୍ୟୁ ହୋଇଛି। ଅଧିକାରୀମାନେ କହିଛନ୍ତି ଯେ ଅଗ୍ନିକାଣ୍ଡ ପରେ ଅନେକ ବିସ୍ଫୋରଣ ହୋଇଥିଲା। ଏହି କାରଣରୁ, ଦୀସା ସହର ନିକଟରେ ଅବସ୍ଥିତ କାରଖାନାର କିଛି ଅଂଶ ଭୁଶୁଡ଼ି ପଡ଼ିଥିଲା। ଭଗ୍ନାବଶେଷ ତଳେ ଅନେକ ଶ୍ରମିକ ଫସି ରହିଥିବା ଆଶଙ୍କା କରାଯାଉଛି।ଦୀସା ଗ୍ରାମୀଣ ପୋଲିସ ଷ୍ଟେସନର ଇନ୍ସପେକ୍ଟର ବିଜୟ ଚୌଧୁରୀ କହିଛନ୍ତି ଯେ ଦୀସା ପୌରପାଳିକାର ଅଗ୍ନିଶମ କର୍ମଚାରୀମାନେ ଭଗ୍ନାବଶେଷ ତଳେ ଫସି ରହିଥିବା ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରୁଛନ୍ତି। ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟରେ କୌଣସି ଶିଥିଳତା ଦେଖାଯାଇନାହିଁ। ସକାଳେ ଡିସା ଶିଳ୍ପ ଅଞ୍ଚଳରେ ଏକ ବଡ଼ ବିସ୍ଫୋରଣ ସମ୍ପର୍କରେ ଜିଲ୍ଲା ପ୍ରଶାସନ ସୂଚନା ପାଇଥିଲା। ଆହତ ଶ୍ରମିକମାନଙ୍କୁ ବିଭିନ୍ନ ହସ୍ପିଟାଲକୁ ପଠାଯାଇଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ କାରଖାନାର ସ୍ଲାବ୍ ଭୁଶୁଡ଼ି ପଡ଼ିଥିଲା।

## ୩୦ ବରିଷ୍ଠ ଓଏଏସ୍ ଆଇଏଏସ୍ ପାହ୍ୟାକୁ ଉନ୍ନୀତ

ଭୁବନେଶ୍ୱର, ୧ ।୪ : ରାଜ୍ୟର ୩୦ଜଣ ବରିଷ୍ଠ ଓଏଏସ୍ ଅଫିସର ମଙ୍ଗଳବାର ଆଇଏଏସ୍ ପାହ୍ୟାକୁ ଉନ୍ନୀତ ହୋଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଓଡ଼ିଶା ପ୍ରଶାସନିକ ସେବାର ଅଫିସରମାନଙ୍କୁ ରାଜ୍ୟ କ୍ୟାଡ଼ରରେ ଖାଲି ପଡ଼ିଥିବା ଆଇଏଏସ୍ ପଦବୀରେ ନିଯୁକ୍ତି ଦେବା ପରେ ମଙ୍ଗଳବାର କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ସିଲେକ୍ଟ ଲିଷ୍ଟ-୨୦୨୩ ଓ ସିଲେକ୍ଟ ଲିଷ୍ଟ-୨୦୨୪ ବର୍ଷରେ ଏହି ୩୦ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଆଇଏଏସ୍ ପାହ୍ୟାକୁ ଉନ୍ନୀତ ହୋଇଛନ୍ତି । ତେବେ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିନେ ଦୁଇଦିନ ମଧ୍ୟରେ ଏହି ଅଫିସରମାନଙ୍କୁ ଆଇଏଏସ୍ ପଦବୀକୁ ଉନ୍ନୀତ ହେବା ନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବ ବୋଲି ଜଣାପଡ଼ିଛି ।

# ଆଜିଠୁ ଯୁକ୍ତ ଦୁଇ ଖାତାଦେଖା

### ଏକସଙ୍ଗେ ପ୍ରକାଶ ହେବ କଳା, ବାଣିଜ୍ୟ, ବିଜ୍ଞାନ, ଧନ୍ଦାମୂଳକ ପରୀକ୍ଷାଫଳ




ଭୁବନେଶ୍ୱର, ୧ ।୪: ଯୁକ୍ତ ଦୁଇ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳାଫଳ ମେ ୧ ସୁଦ୍ଧା ପ୍ରକାଶ ପାଇବାକୁ ଲକ୍ଷ୍ୟ ରଖାଯାଇଛି। ଏଥିଲାଗି ଖାତାଦେଖା ଏପ୍ରିଲ ୨ ଠାରୁ ଆରମ୍ଭ ହେବ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରକ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ପରୀକ୍ଷା ନିୟନ୍ତ୍ରକଙ୍କ ସୂଚନା ଅନୁସାରେ, ଏକ ସଙ୍ଗେ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାର ପରୀକ୍ଷାଫଳ ପ୍ରକାଶ କରାଯିବ। ଖାତା ଦେଖା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୮ ହଜାର ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। ସେମାନଙ୍କ ସୁବିଧା ଦୃଷ୍ଟିରୁ ନିଜ ଜିଲ୍ଲାରେ ହୋଇଥିବା ମୂଲ୍ୟାଙ୍କନ କେନ୍ଦ୍ରରେ ଖାତା ଦେଖିବା ପାଇଁ ନିୟୋଜିତ କରାଯାଇଛି। ଖାଲି ସେତିକି ନୁହେଁ ଖରାକୁ ଦୃଷ୍ଟିରେ ରଖି ଦୁଇଟି ସିଫ୍ଟରେ ଖାତାଦେଖା ହେବ। ଅତ୍ୟଧିକ ଖରା ଓ ମୂଲ୍ୟାଙ୍କନ କେନ୍ଦ୍ରର ଦୂରତା ଯୋଗୁଁ ଯେପରି କୌଣସି ଶିକ୍ଷକ ଶିକ୍ଷୟିତ୍ରୀ ଖାତା ଦେଖିବାକୁ ଆସିବାରେ ଅସୁବିଧା ନହେବ ସେଥିପାଇଁ ମୂଲ୍ୟାଙ୍କନ କେନ୍ଦ୍ର ସଂଖ୍ୟା ବଢ଼ାଯାଇଛି । ଯଦି କୌଣସି ଭୁଲ ନ ଥାଇ ତ୍ରୁଟିପୂର୍ଣ୍ଣ ଭାବେ କେହି ଛାତ୍ର ମାଲପ୍ରାକ୍ଟିସରେ ବୁକ ହୋଇଥିବେ ତେବେ ସେମାନଙ୍କ ପରୀକ୍ଷା ଫଳ ସାଧାରଣ ପରୀକ୍ଷାର୍ଥୀଙ୍କ ସହ ଏକାସାଙ୍ଗରେ ପ୍ରକାଶ ପାଇବ। କାଉନସିଲ ଦ୍ୱାରା ଗଠିତ ସ୍ୱତନ୍ତ୍ର କମିଟିର ଯାଞ୍ଚରେ ଏହି ଛାତ୍ରଛାତ୍ରୀ ନିଜର ପକ୍ଷ ରଖିବାକୁ ସୁଯୋଗ ଦିଆଯିବ । ସୂଚନାଥାଉକି ପ୍ରାୟ ୩ ଲକ୍ଷ ୯୩ ହଜାର ୬୧୬ ପରୀକ୍ଷାର୍ଥୀ ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷା ଦେଇଛନ୍ତି।

## ପିଲାଙ୍କୁ ମିଳିଲା ମାଣ୍ଡିଆ ପ୍ରସ୍ତୁତ ଲଡୁ



ନବରଙ୍ଗପୁର, ୧ ।୪: ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରେ ମଙ୍ଗଳବାର ଠାରୁ ପୋଷଣ ଅଭିଯାନ ଆରମ୍ଭ ହୋଇଛି । ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ପୋଷଣ ଯୁକ୍ତ ମଧ୍ୟାହ୍ନ ଭୋଜନର ଶୁଭାରମ୍ଭ କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଉମରକୋଟ ଠାରେ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଓ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଉଭୟ ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଣ୍ଡିଆରେ ପ୍ରସ୍ତୁତ ଲଡୁ ପ୍ରଦାନ କରିଛନ୍ତି ମନ୍ତ୍ରୀ । ଏହି ଲଡୁ ସପ୍ତାହକୁ ୩ ଦିନ ବଣ୍ଟନ କରାଯିବ । ଆଜିଠାରୁ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ସାମିଲ କରାଯାଇଛି । ପୂର୍ବରୁ ନବମ, ଦଶମ ପିଲାଙ୍କୁ ପୋଷଣରେ ସାମିଲ କରାଯାଇନଥିଲା । ଏବେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପୋଷଣ ଯୋଜନାରେ ସେମାନଙ୍କୁ ସାମିଲ ପାଇଁ ନିଷ୍ପତ୍ତି ହୋଇଛି । ଅତିରିକ୍ତ ଅଣ୍ଡା ଓ ପୋଷଣଯୁକ୍ତ ଲଡୁ ଦେବାକୁ ବ୍ୟବସ୍ଥା ହୋଇଛି । ମାଣ୍ଡିଆର ଅସୁବିଧା ନାହିଁ । ସରକାର ବଜାରରୁ ମାଣ୍ଡିଆ କିଣିବେ । ଯେଉଁଠି ପାଚିକା ନାହାନ୍ତି ସେଠାରେ ପାଚିକା ଦିଆଯିବ ।

## ୩ରୁ କୁଆପଥର ବର୍ଷା ହୋଇପାରେ

ଭୁବନେଶ୍ୱର, ୧ ।୪: ଏପ୍ରିଲ ୩ରୁ ୩ ଦିନ ଧରି ବିଜୁଳି ଘଡ଼ଘଡ଼ି ସହ କୁଆପଥର ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ୯ ଜିଲାକୁ ଅରେଞ୍ଜ ଆଲର୍ଟ ଜାରି କରିଛି। ଏସବୁ ଜିଲାଗୁଡ଼ିକ ହେଲା କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼, କନ୍ଧମାଳ, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ।

## ଚିଲି ସହ ସହଯୋଗର ଅନେକ ସମ୍ଭାବନା: ମୋଦି



ନୂଆଦିଲ୍ଲୀ, ୧ ।୪(ପିଆଇବି) : ଚିଲି ରାଷ୍ଟ୍ରପତି ଗାବ୍ରିଏଲବୋରିକ ଫଣ୍ଟଙ୍କର ପ୍ରଥମ ଭାରତ ଗସ୍ତ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତ ପ୍ରତି ତାଙ୍କର ଦୃଢ଼ ବନ୍ଧୁତା ଭାବନା ଏବଂ ଆମ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ତାଙ୍କର ପ୍ରତିବଦ୍ଧତା ପ୍ରକୃତରେ ପ୍ରଶଂସନୀୟ । ଏଥିପାଇଁ ମୁଁ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ଏବଂ ତାଙ୍କୁ ତଥା ତାଙ୍କ ବିଶିଷ୍ଟ ପ୍ରତିନିଧି ଦଳକୁ ସ୍ୱାଗତ କରୁଛି । ଲାଟିନ ଆମେରିକାରେ ଚିଲି ଭାରତ ପାଇଁ ଏକ ମୂଲ୍ୟବାନ ବନ୍ଧୁ ଏବଂ ସହଯୋଗୀ ଦେଶ । ଆଜିର ଆଲୋଚନାରେ ଆମେ ଆଗାମୀ ଦଶନ୍ଧିରେ ଆମର ସହଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ଅନେକ ନୂତନ ପଦକ୍ଷେପ ଚିହ୍ନଟ କରିଛୁ । ଆମେ ପାରସ୍ପରିକ ବାଣିଜ୍ୟ ଏବଂ ନିବେଶର ସମ୍ପ୍ରସାରଣକୁ ସ୍ୱାଗତ କରୁଛୁ ଏବଂ ଆମେ ସହମତ ଯେ ଆଗକୁ ସହଯୋଗର ଅନେକ ସମ୍ଭାବନା ରହିଛି। ପାରସ୍ପରିକ ଲାଭଦାୟକ ବ୍ୟାପକ ଅର୍ଥନୈତିକ ଭାଗିଦାରୀ ଚୁକ୍ତି ଉପରେ ଆଲୋଚନା ଆରମ୍ଭ କରିବାକୁ ଆଜି ଆମେ ଆମ ଟିମ୍ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛୁ। ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ଭାଗିଦାରୀ ଉପରେ ଗୁରୁତ୍ୱ ଦିଆଯିବ । ସ୍ଥାୟୀ ଯୋଗାଣ ଏବଂ ମୂଲ୍ୟ ଶୃଙ୍ଖଳା ପ୍ରତିଷ୍ଠା ପାଇଁ ପ୍ରୟାସ କରାଯିବ। କୃଷି କ୍ଷେତ୍ରରେ ଆମେ ପରସ୍ପରର ଶକ୍ତିର ଉପଯୋଗ କରି ଖାଦ୍ୟ ନିରାପତ୍ତା ବୃଦ୍ଧି ପାଇଁ ସହଯୋଗ କରିବୁ। ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, ଅକ୍ଷୟ ଶକ୍ତି, ରେଳବାଇ, ମହାକାଶ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଚିଲି ସହିତ ଏହାର ସକାରାତ୍ମକ ଅଭିଜ୍ଞତା ବାଣ୍ଟିବାକୁ ଭାରତ ପ୍ରସ୍ତୁତ ଅଛି।

# ଭାରତରେ ହୋଇପାରେ ଭୟଙ୍କର ଭୂମିକମ୍ପ: ପ୍ରଫେସର ମଲିକ

- ସାଗାଇଙ୍ଗ ଫଲ୍ଟ ବହୁତ ବିପଦପୂର୍ଣ୍ଣ
- ବଡ଼ ଭୂମିକମ୍ପ ପାଇଁ ଅପେକ୍ଷା କରିବା ଅନୁଚିତ



କାନପୁର, ୧ ।୪: ଆଇଆଇଟି କାନପୁରର ବୈଜ୍ଞାନିକ ଟିମ୍ ଭାରତରେ ମ୍ୟାନମାର ଭଳି ଭୂମିକମ୍ପ ହୋଇପାରେ ବୋଲି ଚେତାବନୀ ଦେଇଛନ୍ତି। ଗତ ମାର୍ଚ୍ଚ ୨୮ତାରିଖରେ ମ୍ୟାନମାରରେ ଦୁଇଟି ଭୟଙ୍କର ଭୂମିକମ୍ପରେ ବ୍ୟାପକ କ୍ଷୟକ୍ଷତି ହୋଇସାରିଛି। ଏହି କାରଣରୁ ଏପର୍ଯ୍ୟନ୍ତ ୩ ହଜାର ପାଖାପାଖି ଲୋକଙ୍କର ମୃତ୍ୟୁ ହୋଇସାରିଛି। ହଜାର ହଜାର ଲୋକ ଆହତ ହୋଇଛନ୍ତି। ୩୦୦ରୁ ଅଧିକ ଲୋକ ଏବେ ବି ନିଖୋଜ ଅଛନ୍ତି। ମ୍ୟାନମାରରେ ପଡ଼ୋଶୀ ଦେଶ ଥାଇଲ୍ୟାଣ୍ଡରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିଲା। ଆଇଆଇଟି କାନପୁରର ଆର୍ଥ ସାଇନସେସ୍ ବିଭାଗର ପ୍ରଫେସର ଜାଭେଦ ମଲିକ କହିଛନ୍ତି, ମ୍ୟାନମାର ଏବଂ ବ୍ୟାଙ୍କକରେ ହୋଇଥିବା ଭୟଙ୍କର ଭୂମିକମ୍ପର ମୁଖ୍ୟ କାରଣ ହେଉଛି ସାଗାଇଙ୍ଗ ଫଲ୍ଟ। ଏହି ଫଲ୍ଟ ବହୁତ ବିପଦପୂର୍ଣ୍ଣ । ଭାରତର ପଶ୍ଚିମବଙ୍ଗର ସିଲିଗୁଡ଼ିରେ ଗଙ୍ଗା-ବଙ୍ଗ ଫଲ୍ଟ ଅଛି।ଏହି ଦୁଇଟି ତ୍ରୁଟି ମଧ୍ୟରେ ଆହୁରି ଅନେକ ତ୍ରୁଟି ଅଛି। ଗୋଟିଏ ଫଲ୍ଟ ସକ୍ରିୟ ହେବା ଯୋଗୁଁ ଅନ୍ୟ ଏକ ଫଲ୍ଟ ମଧ୍ୟ ସକ୍ରିୟ ହୋଇପାରେ। ପରିଣାମରେ ଭାରତରେ ଭୟଙ୍କର ଭୂମିକମ୍ପ ସୃଷ୍ଟି ହୋଇପାରେ। ବିଶେଷ କରି ଗଙ୍ଗାନଦୀ ତଟବର୍ତ୍ତୀ ବାଲୁକାମୟ ଅଞ୍ଚଳ ଅଧିକ ଆଶଙ୍କାରେ ରହିଛି। ଭୂକଂପ ହେଲେ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇପାରେ। ଜାପାନୀ ଏବଂ ୟୁରୋପୀୟ ବିଶେଷଜ୍ଞମାନେ ସାଗାଇଙ୍ଗ ଫଲ୍ଟ ଉପରେ କାମ କରିଛନ୍ତି। ବହୁ ଗବେଷଣାରୁ ଜଣାପଡିଛି ଯେ ଏଠାରେ ଭୂମିକମ୍ପ ୧୫୦ ରୁ ୨୦୦ ବର୍ଷ ବ୍ୟବଧାନରେ ହୋଇଥାଏ, ଆମକୁ ଭାରତରେ କୌଣସି ବଡ଼ ଭୂମିକମ୍ପ ପାଇଁ ଅପେକ୍ଷା କରିବା ଉଚିତ ନୁହେଁ। କାରଣ ହିମାଳୟରେ ଅନେକ ସକ୍ରିୟ ଫଲ୍ଟ ରେଖା ଅଛି। ଏହି କ୍ଷେତ୍ରଗୁଡ଼ିକରେ ବ୍ୟାପକ ଗବେଷଣାର ଆବଶ୍ୟକତା ରହିଛି। ଭୂମିକମ୍ପର ପ୍ରଭାବକୁ ହ୍ରାସ କରିବା ପାଇଁ କାର୍ଯ୍ୟ କରାଯିବା ଉଚିତ ବୋଲି ପ୍ରଫେସର ମଲିକ କହିଛନ୍ତି। ଏହି ପ୍ରଫେସରଙ୍କ ଟିମ୍ ଉତ୍ତରପଶ୍ଚିମ ହିମାଳୟର ଆଭ୍ୟନ୍ତରୀଣ ଅଞ୍ଚଳ ଅନୁଧ୍ୟାନ କରିଥିବା କୁହାଯାଇଛି।

## ସେକ୍ସ ରାକେଟ ଠାବ, ଘର ମାଲିକ ଅଟକ




ରାଉରକେଲା, ୧ ।୪: ସ୍ଥାନୀୟ ଜଗଦା ଅଞ୍ଚଳରେ ଏକ ବଡ଼ଧରଣର ସେକ୍ସ ରାକେଟ୍ ଠାବ କରିବାରେ ପୋଲିସ ସଫଳ ହୋଇଛି। ସେକ୍ସ ରାକେଟ ଚଳାଇବା ଅଭିଯୋଗରେ ରାକେଟର ରାଣୀ ମହୁମାଛି ସମେତ ୫ ଜଣ ମହିଳାଙ୍କୁ ମଧ୍ୟ ପୁଲିସ ଉଦ୍ଧାର କରିଛି। ଅଟକ ଥିବା ଦଲାଲମାନେ ପୂର୍ବରୁ ମଧ୍ୟ ସେକ୍ସ ରାକେଟ ଚଳାଇବା ଅଭିଯୋଗରେ ଗିରଫ ହୋଇଥିଲେ। ରାଉରକେଲା ଜଗଦା ଅଞ୍ଚଳରେ ଏକ ସେକ୍ସ ରାକେଟ ଚାଲିଥିବା ସଂପର୍କରେ ସୂଚନା ପାଇବା ପରେ ରାଉରକେଲା ଏସପି ନୀତେଶ ୱାଧୱାନିଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଟିମ୍ ଚଢ଼ାଉ କରିଥିଲା। ରାଉରକେଲା ପୁଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଏବଂ ଝିରିପାଣି ଥାନା ପୁଲିସ ଚଢ଼ାଉ କରି ଜଗଦାର ଏକ ଘରୁ ୫ ଜଣ ମହିଳାଙ୍କୁ ଉଦ୍ଧାର କରିବା ସହ ଉକ୍ତ ଘରର ମାଲିକଙ୍କୁ ପୋଲିସ ଅଟକ ରଖିଛି। ପୋଲିସ ଗ୍ରାହକ ସାଜି ଏହି ରାକେଟ ଧରିଥିଲା ବୋଲି କୁହାଯାଇଛି।


CMYK

# ମା' କୁଷ୍ମାଣ୍ଡା





ମା କୁଷ୍ମାଣ୍ଡାଙ୍କୁ ଜଳ ପୁଷ୍ପ ଅର୍ପଣ କରି ଦେବୀମାଆଙ୍କୁ ଲାଲ କିମ୍ବା ହଳଦିଆ ଚୁନରୀ ଚଢାଇ ସିନ୍ଦୂର, କାଜଲ, ଚୁଡି, ବିନ୍ଦି, ମୁଦି ,କାନଫୁଲ ଓ ହାରରେ ସଜାଇ ଦିଅନ୍ତୁ ।

ପୌରାଣିକ ମତେ କୁଷ୍ମାଣ୍ଡା ଦେବୀଙ୍କ ହସରୁ ବ୍ରହ୍ମାଣ୍ଡ ସୃଷ୍ଟି । ଭକ୍ତ ନିଜ ମନକୁ ଅନାହତ ଚକ୍ରରେ ଅବସ୍ଥାପିତ କରି ତାଙ୍କୁ ଆରାଧନା କରିଥାନ୍ତି । ଦେବୀ ଅଷ୍ଟଭୁଜା ଓ ହାତରେ କମଣ୍ଡଳୁ, ଧନୁ, କମଳ, ଅମୃତ କଳସ, ଚକ୍ର, ଗଦା ଓ ଜପାମାଳି ଧାରଣ କରିଥାନ୍ତି । କୁତ୍ସିତ ତାପର ନାମ କୁଷ୍ମାଣ୍ଡ। ସଂସାର ତ୍ରିବିଧ ତାପରେ ଜର୍ଜରିତ । ଦେବୀ ଏହି ତ୍ରିତାପକୁ ନିଜ ଉଦରରେ ବହନ କରିଥିବାରୁ ସେ କୁଷ୍ମାଣ୍ଡା । ସିଂହ ବାହିନୀ ଦେବୀ ଅଷ୍ଟ ଭୁଜା । ସାତ ହସ୍ତରେ ଆୟୁଧ ଦକ୍ଷିଣ ହସ୍ତରେ ଜପାମାଳି । ଯିଏ ମାଆର ଅଭୟ ଚରଣାଶ୍ରିତ ନୁହେଁ ସେ ତ୍ରିତାପରେ ଦଗ୍ଧ ହେଉଥାଏ । ମାଆ କୁଷ୍ମାଣ୍ଡା ସନ୍ତାନ ତାପହାରିଣୀ କଲ୍ୟାଣମୟୀ ଜନ୍ମ ଦାତ୍ରୀ, ଜନନୀ । ଦେବୀଙ୍କ ଗ୍ରହ ସୂର୍ଯ୍ୟ । ମାନ୍ୟତା ରହିଛି ଯେ ଭକ୍ତ ଆଜିର ଦିନରେ ମା'ଙ୍କର ଏହି ରୂପକୁ ପୂଜା କରିବା ଦ୍ୱାରା ବ୍ୟକ୍ତି ଜୀବନରେ କୌଣସି ଅସୁବିଧା ରହିନଥାଏ । ସନ୍ତାନ ସୁଖ ମିଳିଥାଏ । ମାତାଙ୍କର ଉପାସନାରେ ତାଙ୍କର ମନ୍ତ୍ରଗୁଡ଼ିକର ବିଶେଷ ଗୁରୁତ୍ୱ ରହିଛି । ଏହି ମନ୍ତ୍ର ଦ୍ୱାରା, ଜୀବନରେ ସୁସ୍ଥ ରହିବା ଏବଂ ଶିଶୁ ସୁଖ ପାଇବାର ଆଶୀର୍ବାଦ ପ୍ରାପ୍ତ ହୁଏ । ନବରାତ୍ରୀର ଚତୁର୍ଥ ଦିନରେ ପ୍ରଥମେ ସ୍ନାନ କରି ହଳଦିଆ କିମ୍ବା ଲାଲି ରଙ୍ଗର ପୋଷାକ ପରିଧାନ କରନ୍ତି । ନବରାତ୍ରୀ ପାଇଁ ସ୍ଥାପନ କରିଥିବା କଳସକୁ ପୂଜା କରି ମା' କୁଷ୍ମାଣ୍ଡାଙ୍କୁ ଆବାହନ କରନ୍ତୁ । ମା କୁଷ୍ମାଣ୍ଡାଙ୍କୁ ଜଳ ପୁଷ୍ପ ଅର୍ପଣ କରି ଦେବୀମାଆଙ୍କୁ ଲାଲ କିମ୍ବା ହଳଦିଆ ଚୁନରୀ ଚଢାଇ ସିନ୍ଦୂର, କାଜଲ, ଚୁଡି, ବିନ୍ଦି, ମୁଦି ,କାନଫୁଲ ଓ ହାରରେ ସଜାଇ ଦିଅନ୍ତୁ । ହଳଦିଆ ରଙ୍ଗର ଫୁଲ ଯେପରି ହଳଦିଆ ରଙ୍ଗର ମନ୍ଦାର, କୁସୁମ ଫୁଲ କିମ୍ବା କୌଣସି ହଳଦିଆ ଫୁଲ ଚଢାନ୍ତୁ । ଧୂପ-ଦୀପ ଲଗାଇ ଦୁର୍ଗା ଚାଳିଶା ପାଠ କରିବେ ଓ ମା'ଙ୍କ ଆଳତି କରନ୍ତୁ । ଯାହା ଦ୍ୱାରା ମାତା ପ୍ରସନ୍ନ ହୋଇ ଭକ୍ତମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟର ସୁଫଳ ଦିଅନ୍ତି । ପୂଜାରେ ନାଲି ରଙ୍ଗର ଫୁଲ ମଧ୍ୟ ବ୍ୟବହାର କରିପାରିବେ । ଶେଷରେ ମା'ଙ୍କ ପାଖରେ ଫଳମୂଳ କିମ୍ବା ହାଲୱା ଭୋଗ ଲାଗି କରନ୍ତୁ । ମାଆ କୁଷ୍ମାଣ୍ଡାଙ୍କ ପ୍ରିୟ ମାଲପୁଆ ଭୋଗ ଲାଗି କରନ୍ତୁ । ବ୍ରତଧାରୀମାନେ ଏପରି ଭାବେ ମା'ଙ୍କ ଆରାଧନା କଲେ ସମସ୍ତ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି

# ନବରାତ୍ରୀରେ ଲକ୍ଷ୍ମୀ ପଞ୍ଚମୀ କେବେ

ଲକ୍ଷ୍ମୀ ପଞ୍ଚମୀ ଉପବାସ ହିନ୍ଦୁ ଧର୍ମରେ ଅତ୍ୟନ୍ତ ସ୍ୱତନ୍ତ୍ର ବୋଲି ବିବେଚନା କରାଯାଏ । ପ୍ରକୃତରେ, ଚୈତ୍ର ମାସର ଶୁକ୍ଳ ପକ୍ଷ ପଞ୍ଚମୀ ଦିନକୁ ଲକ୍ଷ୍ମୀ ପଞ୍ଚମୀ ଭାବରେ ପାଳନ କରାଯାଏ । ଚୈତ୍ର ନବରାତ୍ରୀଙ୍କ ପଞ୍ଚମ ଦିନକୁ ଲକ୍ଷ୍ମୀ ପଞ୍ଚମୀ କୁହାଯାଏ । ଏହି ଦିନ, ଉପବାସ ପାଳନ କରାଯାଏ ଏବଂ ପୂର୍ଣ୍ଣ ରୀତିନୀତି ସହିତ ଦେବୀ ଲକ୍ଷ୍ମୀଙ୍କ ପୂଜା କରାଯାଏ । ଏହି ଦିନ ପୂଜା କରିବା ଦ୍ୱାରା ମାତା ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି । ତାଙ୍କ ଆଶୀର୍ବାଦରେ ଘର ଧନ ଏବଂ ସମୃଦ୍ଧିରେ ପରିପୂର୍ଣ୍ଣ ହୋଇଯାଏ । ଚୈତ୍ର ନବରାତ୍ରି ଆରମ୍ଭ ହୋଇଗଲାଣି । ଏପରି ପରିସ୍ଥିତିରେ, ଆସନ୍ତୁ ଜାଣିବା ଲକ୍ଷ୍ମୀ ପଞ୍ଚମୀ କେବେ । ଏହାର ଶୁଭ ସମୟ, ପୂଜା ପଦ୍ଧତି ଏବଂ ନିୟମ କ'ଣ ? ହିନ୍ଦୁ କ୍ୟାଲେଣ୍ଡର ଅନୁସାରେ, ଚୈତ୍ର ମାସର ଶୁକ୍ଳ ପକ୍ଷର ପଞ୍ଚମୀ ତିଥି ବୁଧବାର, ଏପ୍ରିଲ ୨ ତାରିଖ ଦିନ ଭୋର ୨:୩୨ ରେ ଆରମ୍ଭ ହେବ ଏବଂ ରାତି ୧୧:୪୯ ରେ ଶେଷ ହେବ । ଏପରି ପରିସ୍ଥିତିରେ, ଉଦୟ ତିଥି ଅନୁସାରେ, ଏପ୍ରିଲ ୨ ବୁଧବାର ଲକ୍ଷ୍ମୀ ପଞ୍ଚମୀ ଉପବାସ ରହିବ ଏବଂ ଦେବୀ ଲକ୍ଷ୍ମୀଙ୍କ ପୂଜା କରାଯିବ ।

**ଲକ୍ଷ୍ମୀ ପଞ୍ଚମୀ ପୂଜା ବିଧି:** ଲକ୍ଷ୍ମୀ ପଞ୍ଚମୀ ଦିନ ଶୀଘ୍ର ଉଠି ସ୍ନାନ ଏବଂ ଧ୍ୟାନ କରିବା ଉଚିତ । ତା'ପରେ ସଫା ପୋଷାକ ପିନ୍ଧିବା ଉଚିତ । ଏହା ପରେ ପୂଜାସ୍ଥଳକୁ ସଫା କରିବା ଉଚିତ । ପରେ, ଏକ ଚୌକି ଉପରେ ଏକ ଲାଲ କପଡା ବିଛାଯାଇ ତା ଉପରେ ମା ଲକ୍ଷ୍ମୀଙ୍କ ମୂର୍ତ୍ତି କିମ୍ବା ଚିତ୍ର ରଖିବା ଉଚିତ । ପ୍ରଥମେ ଭଗବାନ ଗଣେଶଙ୍କୁ ପୂଜା କରିବା ଉଚିତ । ପରେ ମାତା ଲକ୍ଷ୍ମୀଙ୍କୁ ପୂଜା କରିବା ଉଚିତ । ପୂଜା ସମୟରେ ଦେବୀ ଲକ୍ଷ୍ମୀଙ୍କୁ ପଞ୍ଚାମୃତରେ ସ୍ନାନ କରାଇବା ନିହାତି ଆବଶ୍ୟକ । ଦେବୀ ଲକ୍ଷ୍ମୀଙ୍କୁ ସୁଗନ୍ଧି, ଫୁଲ, ଫଳ, ଚନ୍ଦନ, ସୁପାରୀ, ଏବଂ ମୋଲି ଅର୍ପଣ କରିବା ଉଚିତ । ମା'ଙ୍କୁ ମିଠା ଅର୍ପଣ କରିବା ଆବଶ୍ୟକ । ଏହା ସମ୍ମୁଖରେ ଧୂପକାଠି ଏବଂ ଦୀପ ଜଳାଇବା ଉଚିତ । ପୂଜା ସମୟରେ ଲକ୍ଷ୍ମୀ ସ୍ତୋତ୍ର ପାଠ କରିବା ଉଚିତ । ଦେବୀ ଲକ୍ଷ୍ମୀଙ୍କ ବିଭିନ୍ନ ମନ୍ତ୍ର ଜପ କରିବା ଉଚିତ । ଲକ୍ଷ୍ମୀ ପଞ୍ଚମୀ କଥା ପାଠ କରାଯିବା କିମ୍ବା ଶୁଣିବା ଉଚିତ। ତା'ପରେ ଦେବୀ ମାତାଙ୍କ ଆରତି କରି ପୂଜା ଶେଷ କରାଯିବା ଉଚିତ । ଏହି ଭଳି ରହିଛି ମା ଲକ୍ଷ୍ମୀଙ୍କ ପୂଜା ବିଧି ।



# ଚଡ଼କ ପର୍ବ



ବିଶ୍ୱ ପ୍ରସିଦ୍ଧ ବାବା ଚନ୍ଦନେଶ୍ୱର ମହାଦେବଙ୍କ ଚଡକ ପର୍ବ ତଥା ରାଜ୍ୟର ଦ୍ୱିତୀୟ ସର୍ବ ବୃହତ ମେଳା ଭାବେ ପରିଗଣିତ ବାଲେଶ୍ୱର ଜିଲ୍ଲା ଭୋଗରାଇର ଚନ୍ଦନେଶ୍ୱର ଚଡକ ମେଳା ଶୁଭାରମ୍ଭ ହୋଇ ଯାଇଛି । ୧୪ତମ ଅର୍ଘ୍ୟରେ ପାଟଭକ୍ତ ହରିଶ୍ଚନ୍ଦ୍ର ସାହୁ, ଦେଉଳିଆ ଅଜିତ ପାତ୍ରଙ୍କ ସମେତ ୫୦ରୁ ଅଧିକ ଭକ୍ତ ଉପବୀତ ଧାରଣ କରିଛନ୍ତି । ଅପରପକ୍ଷରେ ଗତକାଲି ଚୈତ୍ର ମାସର ତୃତୀୟ ସୋମବାର ଏବଂ ଚଡକ ପର୍ବ ପାଇଁ ମନ୍ଦିର ପରିସର ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳିରେ ଚଳଚଞ୍ଚଳ ହୋଇ ଉଠିଥିଲା । ସକାଳେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତିକାନ୍ତ ସହିତ ରୁଦ୍ରାଭିଷେକ ଓ ସନ୍ଧ୍ୟାରେ ପୋଡା ବାଉଁଶ ଛେଦନରୁ ଆରମ୍ଭ ହୋଇଥିଲା ଏହି ପର୍ବ । ହରିବୋଲ, ହୁଳହୁଳି, ଶଙ୍ଖ ଧ୍ୱନିରେ ସ୍ଥାନୀୟ ଅଞ୍ଚଳରେ ଏକ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଦୀର୍ଘ ୧୪ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ମେଳାର ପ୍ରଥମ ଦିନ ନୀତିକାନ୍ତି ପରେ ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ୪ଟାରେ ଶ୍ରୀଜିଉଙ୍କ ଦ୍ୱାର ଫିଟା, ଦ୍ୱାରପାଳ ଓ ନନ୍ଦିପୂଜା ପରେ ଗର୍ଭଗୃହ ମାର୍ଜନା, ଅବକାଶ ନୀତି, ମହାସ୍ନାନ ଓ ନିତ୍ୟ ସେବାପୂଜା ପରେ ୭ଟା୩୦ରେ ସର୍ବ ସାଧାରଣଙ୍କ ପାଇଁ ସାହାଣ ମେଳା କରାଯାଇଥିଲା । ମଧ୍ୟାହ୍ନ ୧୨ଟା୩୦ରେ ଶ୍ରୀଜୀଉଙ୍କ ଧୂପନୀତି ଓ ୨ଟା୩୦ରେ ଚଡକ ପର୍ବ ପାଇଁ ରୁଦ୍ରାଭିଷେକ ଆରମ୍ଭ ହୋଇଥିଲା । ପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ନେଇ ପାଟଭକ୍ତ ଓ ଅନ୍ୟମାନେ ଉପବୀତ ଧାରଣ କରିଥିଲେ । ଦିନ ତମାମ ଏକ ଲକ୍ଷରୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଥିଲେ । ସୂଚନା ଥାଉକି, ଗତକାଲି ସନ୍ଧ୍ୟାରେ ମୁଖ୍ୟ ଶ୍ରୀଜୀଉଙ୍କ ଠାରୁ ଆଜ୍ଞାମାଳ ନେଇ ପାଟଭକ୍ତ ଓ ଦେଉଳିଆ ବେକରେ ପଇତା ସୂତା ଧାରଣ କରିଥିଲେ । ପରେ ମୁଖ୍ୟ ସେବାୟତ ତଥା ମୌରସୀ-ନ୍ୟାସୀ ତପନ କୁମାର ପଣ୍ଡା, ଉପ ମୌରସୀ ବୁଦ୍ଧଦେବ ପଣ୍ଡାଙ୍କ ନେତୃତ୍ୱରେ ପାରମ୍ପରିକ ବାଦ୍ୟ ଓ ସାହାନାଇଁର ତାଳେତାଳେ ମନ୍ଦିରର ସମସ୍ତ ସେବାୟତ ଓ ଉପବୀତଧାରୀ ଭକ୍ତ ମାନେ ବାଜିତପୁର ପଂଚାୟତ ଅଧୀନ ଦକ୍ଷିଣସରିଷା ଗାଁର ଝାଡେଶ୍ୱର ମହାତିଙ୍କ ବାଡିକୁ ପଡା ବାଉଁଶ ଛେଦନ ପାଇଁ ବାହାରିଥିଲେ । ଏହି ପଡ଼ା ବାଉଁଶ କାମିନା ବିବାହ ଦିନ ଶ୍ରୀଜୀଉଙ୍କ ପାଲିଙ୍କି ରୂପେ ବ୍ୟବହାର ହୁଏ । ସେଠାରେ ପୂଜାର୍ଚ୍ଚନା ହୋଇ ବାଉଁଶ ଛେଦନ ପରେ ଏକ ବିଶାଳ ପଟୁଆର ମନ୍ଦିର ଅଭିମୁଖେ ବାହାରିଥିଲା । ମନ୍ଦିରରେ ପହଁଚି ଦୈନନ୍ଦିନ ନୀତିକାତି ପୂଜାର୍ଚ୍ଚନା ପରେ ଅର୍ଘ୍ୟଦାନ ହୋଇଥିଲା ।

ସାଧାରଣତଃ ସକାଳେ ଲୋକେ ଭୋଜନ ନ କରି ଠାକୁର ପୂଜା କରନ୍ତି । ଧାର୍ମିକ ମାନ୍ୟତାନୁସାରେ, ଠାକୁରଙ୍କୁ ଭୋଗ ଲଗାଇବା ପରେ ହିଁ ଭୋଜନ କରିବା ଉଚିତ । ଏହାକୁ ଅମାନ୍ୟ କଲେ ଶୁଭଫଳ ମିଳେ ନାହିଁ ବୋଲି ବିଶ୍ୱାସ ରହିଛି । ଭୋଜନ ପରେ ପୂଜା କରିବା ଦ୍ୱାରା ପୂଜା ଫଳ ପ୍ରାପ୍ତି ହୁଏ ନାହିଁ। ଜୀବନରେ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଖାଇବା ପରେ ପୂଜା କଲେ ଭଗବାନଙ୍କ କୃପା ମିଳେ ନାହିଁ। ତେବେ ସ୍ୱାସ୍ଥ୍ୟ ସମସ୍ୟା ଥିଲେ ପୂଜା ପୂର୍ବରୁ କ୍ଷୀର ଓ ଫଳ ଖାଇପାରିବେ। ପୂଜା ପୂର୍ବରୁ ଅନ୍ନ କିମ୍ବା ତାମସିକ ଭୋଜନ ଗ୍ରହଣ ସର୍ବାଦୌ ବର୍ଜିତ। ପୂଜା ପୂର୍ବରୁ ଭୋଜନ କରିଥିଲେ, ଠାକୁରଙ୍କ ପାଖରେ କ୍ଷମା ପ୍ରାର୍ଥନା କରି ପୂଜା କଲେ ଦୋଷ ଖଣ୍ଡନ ହୁଏ।

## ଖାଇବା ପରେ ପୂଜାପାଠ, ଠିକ୍ ନା ଭୁଲ୍

# ଘଟୋତ୍କଚଙ୍କ ମୃତ୍ୟୁରେ କୃଷ୍ଣ କାହିଁକି ଖୁସି ହୋଇଥିଲେ ?



ଘଟୋତ୍କଚଙ୍କ ମୃତ୍ୟୁରେ ସମସ୍ତ ପାଣ୍ଡବ ଦୁଃଖିତ ଥିଲେ କିନ୍ତୁ ଶ୍ରୀକୃଷ୍ଣ ଖୁସି ହୋଇଥିଲେ କାରଣ ସେ ଦେଖିଲେ ଯେ ଯଦି ଘଟୋତ୍କଚ ବଞ୍ଚିଥାନ୍ତେ, ତେବେ ଅର୍ଜୁନଙ୍କ ଜୀବନ ବିପଦରେ ପଡ଼ିଥାନ୍ତା। ଘଟୋତ୍କଚଙ୍କ ମୃତ୍ୟୁ ପରେ ଯୁଦ୍ଧର ଗତି ପରିବର୍ତ୍ତନ ହେଲା। କର୍ଣ୍ଣ ଏବେ ଇନ୍ଦ୍ରଙ୍କ ଶକ୍ତି ହରାଇ ସାରିଥିଲେ, ଯାହା ଫଳରେ ଅର୍ଜୁନଙ୍କ ପାଇଁ କର୍ଣ୍ଣଙ୍କ ସହିତ ଯୁଦ୍ଧ କରିବା ସହଜ ହୋଇଗଲା। ତେଣୁ, ଘଟୋତ୍କଚଙ୍କ ମୃତ୍ୟୁ ଯୁଦ୍ଧର ଫଳାଫଳକୁ ପ୍ରଭାବିତ କଲା। ପାଣ୍ଡବମାନଙ୍କ ପାଇଁ ଏକ ନୂତନ ସୁଯୋଗ ପ୍ରଦାନ କଲା।

# ଜଳବାୟୁ ପରିବର୍ତ୍ତନ ବଢ଼ାଇଛି ହୃଦ୍‌ରୋଗର ଆଶଙ୍କା



ଜଳବାୟୁ ପରିବର୍ତ୍ତନ ଭୟଙ୍କର ହୋଇପାରେ। ବଢ଼ାଇପାରେ ହୃଦରୋଗର ଆଶଙ୍କା। ନିକଟରେ ଅଷ୍ଟ୍ରେଲିଆରେ କରାଯାଇଥିବା ଏକ ଅଧ୍ୟୟନରେ ଏହି ଦାବି ହୋଇଛି। ଅଧ୍ୟୟନ ଅନୁଯାୟୀ, ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ହେତୁ ୫୦ ହଜାର ବର୍ଷର ସୁସ୍ଥ ବାତାବରଣ ନଷ୍ଟ ହୋଇ ଯାଉଛି। ଆସନ୍ତୁ ଜାଣିବା ଅଧ୍ୟୟନ କ'ଣ କହୁଛି ଏବଂ ଉତ୍ତାପ ସହ ହାର୍ଟର ସମ୍ପର୍କ କ'ଣ ? ଅତ୍ୟଧିକ ଉତ୍ତାପ ପ୍ରକୃତରେ କ'ଣ ହୃଦୟ ସମ୍ବନ୍ଧୀୟ ରୋଗର ଆଶଙ୍କା ବ ବଢ଼ାଇଥାଏ କି ? ଆଡିଲେଡ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଙ୍କ ଅନୁଯାୟୀ ଯେତେବେଳେ ତାପମାତ୍ରା ବଢ଼େ, ଏହା ପ୍ରଭାବ ଶରୀର ଉପରେ ମଧ୍ୟ ପକାଇଥାଏ। ମଣିଷ ଶରୀର ମଧ୍ୟ ଗରମ ହେବାକୁ ଲାଗେ । ଏପରି ପରିସ୍ଥିତିରେ ଶରୀରକୁ ଥଣ୍ଡା ରଖିବା ପାଇଁ ହୃଦୟକୁ ଅଧିକ ପରିଶ୍ରମ କରିବାକୁ ପଡିଥାଏ। ଏହି ଅବସ୍ଥା ସେହି ଲୋକଙ୍କ ପାଇଁ ଅଧିକ ବିପଜ୍ଜନକ, ଯେଉଁମାନେ ପୂର୍ବରୁ କିଛି ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ଥିବେ। ଗରମ ବଢ଼ିବା ହେତୁ ରକ୍ତଚାପ ଅସନ୍ତୁଳିତ ହୋଇପାରେ, ଯାହା ହୃଦଘାତ ଏବଂ ଷ୍ଟ୍ରୋକ କିମ୍ବା ହୃଦଘାତ ଜନିତ ରୋଗର ଆଶଙ୍କା ବଢ଼ାଇଥାଏ। ଏପରି ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ ହେତୁ କିଛି ଲୋକମାନେ କ୍ଷତି ସହିପାରନ୍ତି । ତେବେ ଏନେଇ ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର. ଶ୍ରୀକାନ୍ତ ଧର ବି ନିଜର ମତ ରଖିଛନ୍ତି। ଅଧ୍ୟୟନ ଅନୁଯାୟୀ, ଯଦି ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ଏହିପରି ଜାରି ରହେ, ତେବେ ଆସନ୍ତା ୨୫ ବର୍ଷ ମଧ୍ୟରେ ହୃଦୟ ସମ୍ବନ୍ଧୀୟ ରୋଗର ମାମଲା ଦ୍ରୁତ ଗତିରେ ବଢିଯାଇପାରେ । କାରଣ ଭାରତରେ ହାର୍ଟ ସମ୍ବନ୍ଧୀୟ ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଏପରି ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ ହେତୁ ହୃଦରୋଗର ଆଶଙ୍କା ଆହୁରି ବଢ଼ିପାରେ । ଜଳବାୟୁ ପରିବର୍ତ୍ତନ ହେତୁ ତାପମାତ୍ରା କ୍ରମାଗତ ଭାବରେ ବୃଦ୍ଧି ପାଉଛି ଆଉ ଗରମ ଦିନର ସଂଖ୍ୟା ମଧ୍ୟ ବଢୁଛି, ଏହି କାରଣରୁ ଏହି ବିପଦ ଆହୁରି ବଢ଼ିପାରେ । ଜଳବାୟୁ ପରିବର୍ତ୍ତନର ପ୍ରଭାବ କାରଣରୁ ୨୦୨୫ ସୁଦ୍ଧା ଭାରତରେ ଅତ୍ୟଧିକ ତାପମାତ୍ରା ଏବଂ ଲୁ ଘଟଣା ବୃଦ୍ଧି ପାଇବାର ସମ୍ଭାବନା ବଢୁଛି। ମାର୍ଚ୍ଚରେ ଭାରତର ଅନେକ ସ୍ଥାନରେ ତାପମାତ୍ରା ବୃଦ୍ଧି ଘଟିଥିବାର ଦେଖାଯାଇଛି। ଓଡିଶା ଏବଂ ଛତିଶଗଡର ଅନେକ ଜିଲ୍ଲାରେ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ଛୁଇଁଛି।

## ଅସହ୍ୟ ହେଉଛି ପାନୀୟ ଜଳ ସମସ୍ୟା



ଚମ୍ପୁଆ,(ନିପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ସୁନାପୋଶି ପଞ୍ଚାୟତ ଶରାସପୋଶି ଗ୍ରାମର ନୂଆସାହି ଓ ହୁଡି ସାହି ବାସିନ୍ଦା ଦୀର୍ଘ ଦିନରୁ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି । ପ୍ରାୟ ୨ ବର୍ଷ ତଳୁ ଉକ୍ତ ସାହି ନିକଟରୁ ଦେଢ କି.ମି ଦୂର ମିରିଗିଙ୍ଗାର ମେଗା ପାନୀୟ ଜଳ ପ୍ରକଳ୍ପରୁ ଜିଲ୍ଲାବାସୀ ପାଣି ପାଇବାକୁ ଯାଉଥିବା ବେଳେ ମାତ୍ର ଦୀପ ତଳ ଅନ୍ଧାର ଭଳି ସଦୃଶ ହୋଇଛି । ଉକ୍ତ ୨ ସାହିର ପ୍ରାୟ ୪ ଶହ ଲୋକ ଆଜିପର୍ଯ୍ୟନ୍ତ ସୁସ୍ଥ ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି । ଏହି ସାହି ବାସିନ୍ଦାଙ୍କ ଜମିରେ ମେଗା ଜଳ ପ୍ରକଳ୍ପ ପକ୍ଷରୁ ମୋଟା ପାଇପ ମାଧ୍ୟମରେ ଅନ୍ୟ ଅଂଚଳକୁ ଜଳ ଯୋଗାଣ କରାଯାଉଛି । ମାତ୍ର ଏହି ସାହି ରାସ୍ତାରେ ମେଗା ପ୍ରକଳ୍ପ ପକ୍ଷରୁ ବିଛା ଯାଇଥିବା ପାଇପରେ ପାଣି ଆସୁନଥିବା ବେଳେ ଘର ଆଗରେ ଷ୍ଟାଣ୍ଡପୋଷ୍ଟ ମାନ ବିଭାଗୀୟ ପାରିବାପଣିଆକୁ ଉପହାସ କରୁଛି । ସୂଚନା ଅନୁସାରେ ଏହି ନୂଆ ସାହି ଓ ହୁଡି ସାହିରେ ପ୍ରାୟ ୬୦ ରୁ ଉର୍ଦ୍ଧ୍ୱ ଘର ଥିବା ବେଳେ ୪ ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରିଆସୁଛନ୍ତି । ମିରିଗିଶିଙ୍ଗା ଠାରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବସୁଧା ଯୋଜନା ମାଧ୍ୟମରେ ସମସ୍ତଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା ନିମନ୍ତେ ୧୨.୫୦ ଏମ୍‌ଏଲ୍‌ଡି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି । ଏହି ପ୍ରକଳ୍ପରୁ ଚମ୍ପୁଆ, ଝୁମ୍ପୁରା ଓ କେନ୍ଦୁଝର ବ୍ଲକର ୯୧ଟି ଗ୍ରାମକୁ ପାନୀୟ ଜଳ ଯୋଗାଇଦେବାର ବ୍ୟବସ୍ଥା ରହିଛି । ଏପରିକି ଏହି ଯୋଗାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହି ପ୍ରକଳ୍ପଠାରୁ ଅନତି ଦୂରରେ ଥିବା ୨ ସାହି ପାନୀୟ ଜଳ ପାଇବାରୁ ବଞ୍ଚିତ ହେବା ପରିତାପର ବିଷୟ ପାଲଟିଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗାଁରେ ଥିବା ୩ ଗୋଟି ନଳକୂପରୁ ୨ ଗୋଟି ବ୍ୟବହାର ଯୋଗ୍ୟ ହୋଇନଥିବା ବେଳେ ଗୋଟିଏରୁ ମିଳୁଥିବା ଜଳ ଗ୍ରାମବାସୀଙ୍କ ଅଭାବ ପୂରଣ କରିପାରୁ ନାହିଁ । ପୂର୍ବରୁ ସ୍ୱଜଳ ଧାରା ମାଧ୍ୟମରେ ଏହି ଗାଁକୁ ଯାଉଥିବା ପାଣି ପାଇପଗୁଡିକ ପ୍ରକଳ୍ପ ପାଇପ ବିଛାଇବାରୁ ନଷ୍ଟ ହୋଇଯାଇଛି । ସ୍ୱଜଳ ଧାରାରୁ ଯେନେତେନେ ପ୍ରକାରଣ ପାନୀୟ ଜଳ ମିଳୁଥିଲା ମାତ୍ର ବସୁଧା ପ୍ରକଳ୍ପରୁ ପାନୀୟ ଜଳ ମିଳୁନଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିବା ସହିତ ସରକାରଙ୍କୁ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ଅନ୍ୟପକ୍ଷରେ ଜନୈକ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ କହିଛନ୍ତି ଯେ ଉପରୋକ୍ତ ୨ ସାହି ଉପର ମୁଣ୍ଡରେ ରହୁଥିବାରୁ ପାନୀୟ ଜଳ ଯୋଗାଣ ସମୟରେ ଜଳ ଉପରକୁ ଯାଉନାହିଁ । ତେଣୁ ଖୁବ ଶୀଘ୍ର ୨ ଗୋଟି ଭାଲ୍‌ଭ ଲଗାଯାଇ ପାନୀୟ ଜଳ ସମସ୍ୟାକୁ ଦୂରିଭୂତ କରାଯିବ ବୋଲି ଯନ୍ତ୍ରୀ ଜଣଙ୍କ କହିଛନ୍ତି ।

## ବସ୍ ମାଲିକ ସଂଘ ତରଫରୁ ଜଳଛତ୍ର



ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ବସ୍ ମାଲିକ ସଂଘ ତରଫରୁ ଏକ ଜଳଛତ୍ର ବସଷ୍ଟାଣ୍ଡରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ନିରାକାରପୁର ବସ୍ ମାଲିକ ସଂଘ ସଭାପତି ବିପିନ କୁମାର ଜୟସିଂହ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚଙ୍କ ପ୍ରତିନିଧି ପିଣ୍ଟୁ ବେହେରା, ନାଏବ ସରପଞ୍ଚ ସ୍ୱପ୍ନେଶ୍ୱର ରାଉତରାୟ, ସୁଶାନ୍ତ ପ୍ରଧାନ ଓ ଦେବେନ୍ଦ୍ର କୁମାର ପ୍ରଧାନ, କରୁଣାକର ପ୍ରଧାନଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି, ସମାଜସେବୀ ପ୍ରମୁଖ ଉପସ୍ଥିତ ରହି ବସ ଯାତ୍ରୀ ଓ ବାଟୋଇଙ୍କୁ ଦହି ପଣା, ବିଶୁଦ୍ଧ ପାନୀୟ ଜଳ ପ୍ରଦାନ କରାଯାଇଥିଲା ।

## ମନମୁଖି ଖୋଲାଯାଉଛି ଅଙ୍ଗନବାଡି

ପିପିଲି,(ନିପ୍ର): କୋମଳମତି ଶିଶୁମାନଙ୍କ ଭବିଷ୍ୟତକୁ ନେଇ ଖେଳ ଖେଳୁଛନ୍ତି କେତେକ ଅଙ୍ଗନବାଡି ୱାର୍କର । ଶିଶୁମାନଙ୍କୁ ଦେଉଛନ୍ତି ନା ରନ୍ଧା ଖାଦ୍ୟ, ପୁଷ୍ଟିକର ଛତୁଆ ନା ଅଣ୍ଡା । ଏସବୁକୁ ବାଟମାରଣା କରି ନିଜ ଇଚ୍ଛାରେ ଖୋଲୁଛନ୍ତି ଅଙ୍ଗନବାଡି କେନ୍ଦ୍ର । ଏଭଳି ସମସ୍ୟା ଦେଖା ଦେଇଛି ପିପିଲି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଅଧୀନରେ ଥିବା ବୀରପୁରୁଷୋତ୍ତମ ପୁର -୩ ସେଣ୍ଟରରେ । ସରକାର କୋମଳମତି ଶିଶୁ ମାନଙ୍କ ପାଇଁ ସକାଳୁଆ ଖୋଲିବା ପାଇଁ ନିୟମ କରି ଥିବା ବେଳେ ଉକ୍ତ କେନ୍ଦ୍ରରେ ନିଯୁକ୍ତ ଥିବା କର୍ମୀ ନିୟମିତ ନ ଖୋଲିବା ଯୋଗୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖା ଦେଇଛି । ଏନେଇ ଅଭିଯୋଗ ଆସିବା ପରେ ଅଙ୍ଗନବାଡି ସେଣ୍ଟର ଦାୟିତ୍ୱରେ ଥିବା ସୁପର ଭାଇଜରଙ୍କ ମତାମତ ଲୋଡ଼ିବାରେ ସେ କହିଛନ୍ତି ଜୈନିକ ୱାର୍କର କୌଣସି ଅଧିକାରୀଙ୍କ କଥା ନ



ଶୁଣି ନିଜେ ମନ ଇଚ୍ଛା କାର୍ଯ୍ୟ କରିବା ସହିତ ଶିଶୁମାନଙ୍କ ପ୍ରତି କୌଣସି ନଜର ଦେଉନାହାନ୍ତି । ଯାହାକୁ ନେଇ ୱାର୍କର ବିରୁଦ୍ଧରେ ସଂଗୀନ ଅଭିଯୋଗ ଆସୁଛି । ତେଣୁ ଏ ଦିଗରେ ଜିଲ୍ଲାପାଳ ନଜର ଦେଇ ସଂପୃକ୍ତ ୱାର୍କର ବିରୁଦ୍ଧରେ ସରକାର କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

## ଓଡ଼ିଶାରୁ ଚୋରି ବାଇକ ଆନ୍ଧ୍ରରୁ ଉଦ୍ଧାର

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଂଚଳରୁ ହୋଇଥିବା କିଛି ଗାଡି ଚୋରିର ପର୍ଦ୍ଦାଫାସ ହୋଇଛି । ପୁରୀ ଜିଲ୍ଲା ଡେଲାଙ୍ଗ ଓ ଗଡିଶାଗୋଦା ଥାନା ଅଂଚଳର କିଛି ଉଚ୍ଚ ଶିକ୍ଷିତ ଯୁବକ ଟଙ୍କା ରୋଜଗାର ଆଶାରେ ଖୋର୍ଦ୍ଧା ଜିଲ୍ଲା ନିରାକାରପୁରରେ ଘରଭଡା ନେଇ ରହି ଚୋରି କରୁଛନ୍ତି । ଯୁବକମାନେ ସୁଯୋଗ ଦେଖି ଅତି ଚତୁରତାର ସହିତ ବିଳମ୍ବିତ ରାତିରେ ଗାଡି ଚୋରି ନେଇ ଆନ୍ଧ୍ର ପ୍ରଦେଶର ଦଲାଲଙ୍କ ସହାୟତାରେ କମ୍ ମୂଲ୍ୟରେ ବିକ୍ରି କରି ବିନା ପରିଶ୍ରମରେ ଭଲ ରୋଜଗାର କରିଥାନ୍ତି । ଚୋରି ଗାଡି ବିକ୍ରି ଟଙ୍କାରେ ଯୁବକ ମାନେ ମଉଜ ମଜଲିସ କରିଥାନ୍ତି । ନିରାକାରପୁର ରାହୁଲହଜ ଅଂଚଳର ହିଟୁ ପ୍ରଧାନ ଭଡାଘରର ଗ୍ରୀଲ ଭାଗିଂ ବୁଲେଟ ମୋଟର ସାଇକେଲ ଚୋରି ହୋଇଥିଲା । ଅନୁରୂପ ଭାବରେ ଆଉ କେତୋଟି



ଗାଡିଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଏନେଇ ନିରାକାରପୁର ପୋଲିସ ଅନୁସନ୍ଧାନ ଚଳାଇଥିବା ବେଳେ ଗତ ୧୦ ଦିନ ପୂର୍ବରୁ ଆନ୍ଧ୍ରପ୍ରଦେଶ ସୋମପେଟା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ୩ ଟି ଚୋରାଗାଡି ଜବତ କରି ଜଣେ ଅଭିଯୁକ୍ତକୁ ଗିରଫ କରି ତଦନ୍ତ ଜାରି ରଖିଥିଲା । ଆନ୍ଧ୍ରପ୍ରଦେଶ ପୋଲିସ ନିରାକାରପୁର ରାଉଳହଜ ଏକ ଭଡା ଘରେ ଚଢ଼ାଉ କରି ଅଭିଯୁକ୍ତ ଜଣଙ୍କୁ ଗିରଫ କରିଥିବା ବେଳେ ଆଉ ଜଣେ ମାଷ୍ଟରମାଇଣ୍ଡ ଗଡିଶାଗୋଦା ଥାନା ଜଣେ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଛି । ଖବର ପାଇ ନିରାକାରପୁର ପୋଲିସ ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ନିର୍ଦ୍ଦେଶରେ ଏସ ଆଇ ଦିପାଳିଶା ନାୟକ ସୋମପେଟା ଥାନାରେ ପହଞ୍ଚି ତିନୋଟି ମୋଟର ସାଇକେଲ ଉଦ୍ଧାର କରି ଆଣିଥିବା ଜଣାପଡିଛି । ଉପଯୁକ୍ତ କାଗଜପତ୍ର ଦେଖାଇ ନିରାକାରପୁରରେ ଭଡ଼ାରେ ରହୁଥିବା ଗଡିଶାଗୋଦା ଥାନା ଅନ୍ତର୍ଗତ ଚୂପୁରିଙ୍ଗ ଗ୍ରାମର ହିଟୁ ପ୍ରଧାନ, ସତ୍ୟବାଦୀ ଅଞ୍ଚଳର ହିମାଂଶୁ ଶେଖର ଜେନା ଓ ରାୟଗଡାର ଜୟସିଂହ ମାଝୀ ପ୍ରମୁଖ ପୋଲିସ ଠାରୁ ଗ୍ରହଣ କରିଥିବା ଜଣାପଡିଛି ।

## ବୈତରଣୀ ନଦୀ ଆଡ଼ିବନ୍ଧ ନିର୍ମାଣକୁ ନେଇ ଅସନ୍ତୋଷ

ଧାମନଗର,(ନିପ୍ର): ବୈତରଣୀ ନଦୀର ପଧାନୀ ଓ ଶୋହଡା ପଞ୍ଚାୟତର ଅପରପାର୍ଶ୍ୱରେ ଜୟନ୍ତରାଠାରେ ଆଡିବନ୍ଧ ନିର୍ମାଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି । ଯାହାକୁ ନେଇ ଉଭୟ ଯାଜପୁର ଓ ଭଦ୍ରକ ଜିଲ୍ଲା ମଧ୍ୟରେ ବିବାଦ ଦେଖା ଦେଇଛି । ପ୍ରକାଶ ଥାଉକି ଯାଜପୁର ଜଳସେଚନ ବିଭାଗ ଅଧୀନସ୍ତ ଦଶରଥପୁର ବ୍ଲକର ଜୟନ୍ତରା ନିକଟସ୍ଥ ମହାପାତ୍ର ସାହି ପୋଲଠାରୁ କୋଚିଳା ନଦୀ ବ୍ୟାରେଜ ପର୍ଯ୍ୟନ୍ତ ବୈତରଣୀ ନଦୀକୂଳରେ ବେଆଇନି ଭାବେ ଆଡିବନ୍ଧ ନିର୍ମାଣ କରାଯାଉଛି ଥିବା ଅଭିଯୋଗ ହୋଇଛି । ସୂଚନା ଥାଉ କି ଜୟନ୍ତରା ମହାପାତ୍ର ସାହି ପୋଲଠାରୁ କୋଚିଳା ନଦୀ ବ୍ୟାରେଜ ପର୍ଯ୍ୟନ୍ତ ବୈତରଣୀ ନଦୀ ଡାହାଣ ପାର୍ଶ୍ୱରେ ଏକ ଆଡ଼ିବନ୍ଧ ବେଆଇନ ଭାବେ ହେଲେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ନଦୀ କୂଳସ୍ଥ ୧୫ ରୁ ୨୦ ଗୋଟି ପଞ୍ଚାୟତରେ ୭୫ ରୁ ୮୦ଟି ରାଜସ୍ୱ ଗ୍ରାମ ବନ୍ୟା ସମୟରେ ବିଭିନ୍ନ କ୍ଷୟକ୍ଷତି ସୃଷ୍ଟି ହେବାର ସମ୍ଭାବନା ରହିଛି । ବିଶେଷ କରି ପଧାନୀ, ସୋହଡ଼ା, କରଦା, ଦଳାଙ୍ଗ, ଅର୍ଜ୍ଜୁନପୁର, ନଦୀଗାଁ, ହସନାବାଦ, ଭଟ୍ଟସାହୀ, କୋଠାର, ପାଳସାହୀ, ବମକୁରା, ରଇପୁର, ଧୁଷୁରୀ, କାସିମପୁର, ଅଶୁରାଳୀ, ବୟାଙ୍ଗଡିହି ଓ ତିହିଡ଼ି ବ୍ଲକର କାଁପଡ଼ା, ବିଲଣା, ବାରୋ, ଶ୍ୟାମସୁନ୍ଦରପୁର



ପଞ୍ଚାୟତରେ ବନ୍ୟା ସମୟରେ ବିଭିନ୍ନ କ୍ଷୟକ୍ଷତି ହେବାର ଆଶଙ୍କା ରହିଛି ।

ଅପରପକ୍ଷରେ ଶୋହଡା ପଂଚାୟତରେ ଚାଷୀଙ୍କର ନିର୍ମାଣ କରାଯାଉଥିବା ଆଡ଼ିବନ୍ଧ ନିକଟରେ ବ୍ୟକ୍ତିଗତ ଚାଷ ଜମି ରହିଛି । ହେଲେ ସେଠାରେ ବେଆଇନ ଭାବେ ଆଡିବନ୍ଧ ନିର୍ମାଣ କରାଯାଉଥିବାରୁ ଧାମନଗର ବ୍ଲକର ବିଭିନ୍ନ ପଂଚାୟତର ଚାଷୀ ଓ ଅଧିବାସୀମାନେ ଧାମନଗର ପଞ୍ଚାୟତର ପୂର୍ବତନ ପଂଚାୟତ ସମିତି ଅଧକ୍ଷ ବିନୋଦ ନାୟକ, ପଧାନି ପଂଚାୟତର ସରପଞ୍ଚ ଅଶୋକ ପୁହାଣଙ୍କ ନେତୃତ୍ୱରେ ଉକ୍ତ ଆଡିବନ୍ଧ ନିର୍ମାଣ କ୍ଷେତ୍ରକୁ ଯାଇ ଉକ୍ତ କାର୍ଯ୍ୟକୁ ବିରୋଧ କରିଥିଲେ । ଏହି ସମୟରେ ଜୟନ୍ତରା ଅଞ୍ଚଳର ଲୋକଙ୍କ ସହ ମଧ୍ୟ ଯୁକ୍ତିତର୍କ ହୋଇ ଉତ୍ତେଜନା ହୋଇଥିଲା । ପରେ ସେଠାରେ କାମବନ୍ଦ ରହିଥିଲା । ଏ ଦିଗରେ ବିଭାଗୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯାଇଥିଲା । ଏ ଦିଗରେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ ।

## 'ଉତ୍କଳର ବରପୁତ୍ରମାନେ ଜାତିର ମୂଳପିଣ୍ଡ'

ଚମ୍ପୁଆ,(ନିପ୍ର): ଚମ୍ପୁଆ ପ୍ରଶାସନ ଓ ଉପଖଣ୍ଡ ସୂଚନା ଲୋକସଂପର୍କ ବିଭାଗ ପକ୍ଷରୁ ଉପଖଣ୍ଡସ୍ତରୀୟ ଓଡିଶା ଦିବସ ସମାରୋହ ୨୦୨୫ ଆଡମ୍ବରରେ ପାଳିତ ହୋଇଯାଇଛି । ଉପଜିଲାପାଳ ଉମାକାନ୍ତ ପରିଡାଙ୍କ ତତ୍ତ୍ୱାବଧାନତା ଓ ସୂଚନା ଲୋକସଂପର୍କ ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ନାଏକଙ୍କ ପରିଚାଳନାରେ ଏହା ଅନୁଷ୍ଠିତ ହୋଇଥିଲା । ଓଡିଶାର ବରପୁତ୍ର ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ ଓ ବନ୍ଦେ ଉତ୍କଳ ଜନନୀ ଗାନ ପରେ ଧରଣୀଧର ନଗର ଭବନ ଠାରେ କବି ଓ କବିୟିତ୍ରୀମାନଙ୍କୁ ନେଇ ଏକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଶ୍ରୀ ପରିଡା, ସମ୍ମାନିତ ଅତିଥି ଭାବେ ଏସିଏଫ୍ ଅକ୍ଷୟ ଛତ୍ରିୟା, ବକ୍ତା ଭାବରେ ସ୍ଥାନୀୟ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ସମେତ ଯୋଗଦେଇ ଉଡ୍ର, ଓଡିଶା ଓ ଉତ୍କଳର ଜନ୍ମ ବୃତ୍ତାନ୍ତ ଆଲୋକପାତ କରିବା ସହିତ ଓଡିଆ ଭାଷାର ସୁରକ୍ଷା, ପ୍ରଚାରପ୍ରସାର ଦିଗରେ ମହାନ ସାହିତ୍ୟ ସ୍ରଷ୍ଟାମାନଙ୍କର କର୍ତ୍ତବ୍ୟ ଏବଂ ଓଡିଆ ଭାଷା ସଂକଳନ ବିଷୟରେ ଅବଗତ କରିଥିଲେ । ଉତ୍କଳର ବରପୁତ୍ର ମାନଙ୍କର ଜୀବନୀ ଏବଂ ଓଡିଆ ଜାତିର ପ୍ରାଣପିଣ୍ଡ ହେଉଛି ଭାବନା, ଚେତନା ଓ ବିଚାର ବୋଲି କହିଥିଲେ । ଓଡିଆର ପର୍ବ ପଣାସଂକ୍ରାନ୍ତି, ଶୀତଳ ଷଷ୍ଠୀ ଓ ନୂଆଖାଇ ପର୍ବ ବସୁଦେବ କୁଟୁମ୍ବକମ୍‌ର ପ୍ରମାଣ ଦେଇଥାଏ ବୋଲି ଅତିଥି ମାନେ ମତ ରଖିଥିଲେ । ମୁଖ୍ୟ ଅତିଥି ଶ୍ରୀ ପରିଡା ଓଡିଆ ବୋଲି ଅନୁଭବହିଁ ଆମକୁ ଆଗକୁ ନେଇଥାଏ । ଘୋଡା ନାଚ, କେନ୍ଦରା ଗୀତ ଓ ଲାଉଡୁଣ୍ଡି ଭଳି ସାଂସ୍କୃତିକ ପରମ୍ପରା ଲୋପ ପାଇଯାଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରତିଯୋଗୀମାନଙ୍କୁ ଏବଂ ପୂର୍ବରୁ ଭାଷା ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଅନୁଷ୍ଠିତ ନାଟକର କଳାକାରମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ପରିଷଦ ପକ୍ଷରୁ ଚମ୍ପୁଆର ସାମଗ୍ରିକ ବିକାଶ କ୍ଷେତ୍ରରେ ଜଣେ ଲୋକପ୍ରିୟ ପ୍ରଶାସନିକ ଅଧିକାରୀ ଭାବରେ ଉପଜିଲାପାଳ ଉମାକାନ୍ତ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ରେଡିଓ ଜୁହାରର ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ 'ନିପୁଣ ଓଡ଼ିଶା'

ପୁରୀ(ନିପ୍ର): କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦଭାବନା ଦ୍ୱାରା ପରିଚାଳିତ ଲୋକପ୍ରିୟ ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ଜୁହାର ପକ୍ଷରୁ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ' ନିପୁଣ ଓଡିଶା ' ର ପ୍ରସାରଣ ଆରମ୍ଭ ହୋଇଯାଇଛି । ରାଜ୍ୟ ସରକାର, ୟୁନିସେଫ୍ ଓ ୟଙ୍ଗ ଇଣ୍ଡିଆ ସହଯୋଗରେ ଏହି କାର୍ଯ୍ୟକ୍ରମଟି ପ୍ରସ୍ତୁତ କରାଯାଇଛି । ଶିଶୁମାନଙ୍କର ମୌଳିକ ସାକ୍ଷରତା, ଭାଷା ଓ ସଂଖ୍ୟା ଜ୍ଞାନକୁ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ମାତୃଭାଷାରେ ଶିକ୍ଷାଦାନର ଆବଶ୍ୟକତା, ଉପଯୁକ୍ତ ଶୈକ୍ଷିକ ବାତାବରଣ ଓ ଉପଯୁକ୍ତ ଶିକ୍ଷା ଉପଯୋଗୀ ଉପକରଣ ବ୍ୟବହାରର ଆବଶ୍ୟକତା ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ଧ୍ୟାନ ଦିଆଯାଉଛି । ନାଟକ, ସାକ୍ଷାତକାର ଓ ଲୋକଗୀତ ଦ୍ୱାରା ଅଭିଭାବକ ଓ ଶ୍ରୋତାମାନଙ୍କୁ ସଚେତନ କରାଯାଉଛି । ଏହି କାର୍ଯ୍ୟକ୍ରମ ଜରିଆରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ନିପୁଣ ଭାରତ ଓ ନିପୁଣ ଓଡିଶାର ସ୍ୱତନ୍ତ୍ର ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରାଯାଉଛି । ଏତଦ୍ ବ୍ୟତୀତ ସ୍ଥାନୀୟ ନରଣପୁରର ରୁଗୁଡ଼ି ସାହି ଠାରେ ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ ମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମର ନ୍ୟାରୋକକ୍ଷଷ୍ଟିଂ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ, ଶିକ୍ଷା ଅଧିକାରୀ, ଅଙ୍ଗନବାଡ଼ି କର୍ମୀ, ସରପଞ୍ଚ ଆଦି ଅଂଶଗ୍ରହଣ କରୁଥିବାର ସୂଚନା ଦେଇଛନ୍ତି ରେଡିଓ ଜୁହାର ର ନିର୍ଦ୍ଦେଶକ ଚଣ୍ଡୀ ପ୍ରସାଦ ପଟ୍ଟନାୟକ ।

## ବଟେଶ୍ୱରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

କୃଷ୍ଣପ୍ରସାଦ,(ନି ପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୋମୁଣ୍ଡିଆ ପାଞ୍ଚପଡ଼ାର ଆରାଧ୍ୟ ଠାକୁର ବଟେଶ୍ୱର ଦେବଙ୍କ ନୂତନ ମନ୍ଦିର ଓ ପାର୍ଶ୍ୱ ବିଗ୍ରହମାନଙ୍କ ପ୍ରତିଷ୍ଠା ଉତ୍ସବ ଶନିବାର ଠାରୁ ଆରମ୍ଭ ହୋଇଛି । ଏଥି ନିମନ୍ତେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଗ୍ରାମର ଦୁଇ ଶହରୁ ଉର୍ଦ୍ଧ ମହିଳା ପୁରୁଷ ସାମିଲ ହୋଇ କଉଡ଼ିଆ ପୁଷ୍କରିଣୀରୁ ଜଳ ଆଣି ମନ୍ଦିର ପରିସରରେ ପହଞ୍ଚିଥିଲେ । ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବା ବେଳେ ବିଦ୍ୱାନ ପଣ୍ଡିତ ଟୁକୁନା କରଙ୍କ ନେତୃତ୍ୱରେ ଯଜ୍ଞ କାର୍ଯ୍ୟ ପରିଚାଳନା ନିମନ୍ତେ ବିଭିନ୍ନ ସ୍ଥାନରୁ ୧୨ ଜଣ ବ୍ରାହ୍ମଣ ସହଯୋଗ କରୁଛନ୍ତି ।

## ବେଲଗୁଣ୍ଠା ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଦଣ୍ଡଯାତ୍ରା ଆରମ୍ଭ




ବେଲଗୁଣ୍ଠା,(ନିପ୍ର): ଢୋଲ,ମହୁରୀରେ ପ୍ରକମ୍ପିତ ହେଉଛି ଧରା ଓ ପଣା, ଝୁଣା ମହକରେ ମହକି ଯାଉଛି ପରିବେଶ ଓ ବେଲଗୁଣ୍ଠା ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଦଣ୍ଡ ଯାତ୍ରା ଆରମ୍ଭ ହୋଇ ଉତ୍ସବ ମୁଖରିତ ହୋଇଛି । ସମଗ୍ର ବ୍ଲକ୍‌ର ପୁରପଲ୍ଲୀ ଓ ଆଜି ବ୍ଲକ୍‌ର ଗୋବରା ଗ୍ରାମରେ ୧୪ ଦିନିଆ ଦଣ୍ଡଯାତ୍ରା ଆରମ୍ଭ ହୋଇଛି ଓ ଏହି ଅବସରରେ ରୀତିନୀତି ମୁତାବକ ଠାକୁରଙ୍କୁ ଆବାହନ, ଧୂଳି ଦଣ୍ଡ, ପାଣି ଦଣ୍ଡ, ଅଗ୍ନି ଦଣ୍ଡ ଏବଂ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା । ସେହିପରି ବେଲଗୁଣ୍ଠା ବ୍ଲକ୍ ର ଜିଲିବା. ଆମ୍ବପୁଅ ବଡ଼ ବୋର୍ସିଂ, ଜାଲଖାଇ,ପାଲକଷଣ୍ଡା, ଦହିମୁଣ୍ଡଲୀ ଆଦି ଗ୍ରାମରେ ଦୁଇ ଦିନ ପୂର୍ବରୁ ଦଣ୍ଡଯାତ୍ରା ଆରମ୍ଭ ହୋଇଥିବା ବେଳେ ଆସନ୍ତା କାଲି ବେଲଗୁଣ୍ଠା ତନରଡ଼ା. ନୂଆଗାଁ. ସିଂହମର୍ଦ୍ଦନ, କୋକଲୁଣ୍ଡା, ଇନ୍ଧନପୁର ବକ୍ଷଣତୁମ୍ବ ଆଦି ଗ୍ରାମରେ ଆସନ୍ତା କାଲି ଦଣ୍ଡଯାତ୍ରା ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି ଓ ଉଭୟ ବେଲଗୁଣ୍ଠା ଏବଂ ଗାଙ୍ଗପୁର ପୋଲିସ୍ ଶୃଙ୍ଖଳିତ ଦଣ୍ଡଯାତ୍ରା ପରିବେଷଣ ଉପରେ ନଜର ରଖିଛନ୍ତି । ସନ୍ଧ୍ୟାରେ ସନ୍ଧ୍ୟା ଆଳତି, ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ରୂପେ ଭାରତଲୀଳା ପରିବେଷଣ ହେବ । କାର୍ଯ୍ୟକ୍ରମରେ ପାଟ ଦଣ୍ଡୁଆ ରୂପେ ନଟବର ଗୌଡ଼, ପୂଜକ ରୂପେ ତପନ କୁମାର ଶତପଥି, ମାଳି ରୂପରେ ରବୀନ୍ଦ୍ର ରଣା ଦାୟିତ୍ୱ ନେଇଥିଲେ ଓ ସେହିପରି କର୍ତ୍ତା ରୂପେ ପୂର୍ବତନ କର୍ତ୍ତା ପ୍ରଫୁଲ୍ଲ କୁମାର ଜେନା ଜେନା ନିଜ ଶିଷ୍ୟ ରୂପେ କାର୍ତ୍ତିକ ବାରିକଙ୍କୁ ଦାୟିତ୍ୱ ଦେଇ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ । ଅଶୀ ଜନ ଭୁକ୍ତା ଏହି ଦଣ୍ଡଯାତ୍ରାରେ ଅଂଶଗ୍ରହଣ କରିଛନ୍ତି ଓ

## ଅଂଶୁଘାତ ମୁକାବିଲା ପାଇଁ ଏସସିବି ପ୍ରସ୍ତୁତ

କଟକ,(ନିପ୍ର): ରାଜ୍ୟରେ ଆରମ୍ଭ ହେଲାଣି ପ୍ରଚଣ୍ଡ ରୁଦ୍ରତାପ । ଯାହାପାଇଁ ଜନସାଧାରଣଙ୍କ ଜୀବନଯାପନ ଏକ ପ୍ରକାର ଅସ୍ତବ୍ୟସ୍ତ ହେଲାଣି । ଆଗକୁ ଆହୁରି ତାପମାତ୍ରାର ପାରଦ ବୃଦ୍ଧି ଘଟିବ ବୋଲି ପାଣିପାଗ ପକ୍ଷରୁ ପୂର୍ବାନୁମାନ କରାଯାଉଛି । ତେବେ ଅଂଶୁଘାତ ମୁକାବିଲା ପାଇଁ ପ୍ରସ୍ତୁତ ରହିଛି କଟକ ଏସସିବି ବଡ଼ ମେଡ଼ିକାଲ । ନନଟ୍ରମା କାଜୁଆଲଟିରେ ୧୦ଟି ବେଡ଼ ବ୍ୟବସ୍ଥା କରାଯାଇଛି । ଏହାସହ ଡାକ୍ତରଙ୍କ ନିର୍ଦ୍ଦେଶକ୍ରମେ ବରଫ ସ୍ଲାବ ମଧ୍ୟ ରଖାଯାଇଛି । ଯାହା ଗୁରୁତର ଅଂଶୁଘାତ ରୋଗୀମାନଙ୍କୁ ଆଶୁଚିକିତ୍ସା ଯୋଗାଇ ପାରିବ । ରାଜ୍ୟରେ କିଛି ଦିନ ବର୍ଷା ହେବା ପରେ ପୁଣି ଗ୍ରୀଷ୍ମ ପ୍ରବାହ ଅନୁଭବ ହେବା ଆରମ୍ଭ ହୋଇଛି । ତେଣୁ ଏସସିବି ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଦେଇଛି । ମେଡ଼ିସିନ ବିଭାଗୀୟ ମୁଖ୍ୟଙ୍କୁ ଆବଶ୍ୟକ ମୁତାବକ ଡାକ୍ତର, ପାରାମେଡ଼ିକାଲ ଷ୍ଟାଫ ଓ ନର୍ସିଂ ଅଧିକାରୀଙ୍କୁ ନିୟୋଜିତ କରିବା ନେଇ ନିର୍ଦ୍ଦେଶକ ଦିଆଯିବା ସହ ଅଂଶୁଘାତସମ୍ପର୍କୀତ ଔଷଧ ପର୍ଯ୍ୟାପ୍ତ ପରିମାଣର ରଖିବା

## ଦେଢ଼ ଲକ୍ଷ ଟଙ୍କାର କାର୍ଯ୍ୟ ୭ ଦିନରେ ଭାଙ୍ଗିଲା



ଭାପୁର (ନିପ୍ର)ସ୍ଥାନୀୟ ରାଜନେତା ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଦେଢ଼ ଲକ୍ଷ ଟଙ୍କାର କାର୍ଯ୍ୟ ୭ ଦିନରେ ଭାଙ୍ଗି ଚୁରମାର । ଏହିଭଳି ନିମ୍ନମାନର କାର୍ଯ୍ୟ ହୋଇଛି କରବର ହୋମିଓପାଥି ସ୍ୱାସ୍ଥ୍ୟ କେନ୍ଦ୍ରର ପାଚେରି ଏବଂ ଚଟାଣ , ଯାହାକି ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଉଲ୍ଲେଖଯୋଗ୍ୟ, ଭାପୁର ବ୍ଲକ କରବର ଗ୍ରାମରେ ଅବସ୍ଥିତ ହୋମିଓପାଥି ସ୍ୱାସ୍ଥ୍ୟକେନ୍ଦ୍ରର ପାଚେରୀ ଓ ଚଟାଣ କାର୍ଯ୍ୟ ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ସ୍ୱତନ୍ତ୍ର ମରାମତି ପାଇଁ ଏକ ଲକ୍ଷ ଷାଠିଏ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ନୟାଗଡ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଚୟନ କରାଯାଇ ଠିକାଦାର ମନୋରଞ୍ଜନ ଜେନାଙ୍କୁ କାର୍ଯ୍ୟ କରିବା ପାଇଁ ୱାର୍କ ଅର୍ଡର୍ ପ୍ରଦାନ କରାଯାଇଥିଲା । କାର୍ଯ୍ୟ ସମାପ୍ତର ଏକ ସପ୍ତାହ ହୋଇନାହିଁ ଚଟାଣ ଭାଙ୍ଗି ତା ତଳୁ ଶୁଖିଲା ବାଲି ଓ ସିମେଣ୍ଟ ଖଣ୍ଡ ଖଣ୍ଡ ବାହାରୁଛି । ଏହିଭଳି ନିମ୍ନମାନର କାର୍ଯ୍ୟକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିବାବେଳେ ସଂପୃକ୍ତ ଠିକାଦାର ଆଉ ଥରେ କାର୍ଯ୍ୟ କରିବ ବୋଲି ବିଭାଗୀୟ ଯନ୍ତ୍ରୀ କହିଛନ୍ତି ।

## ଖଣ୍ଡପଡା ଉପଡ଼ାକଘରେ ଗ୍ରାହକ ସେବା ବିପର୍ଯ୍ୟସ୍ତ



ଖଣ୍ଡପଡା(ନି.ପ୍ର)-ଖଣ୍ଡପଡା ସହରର ୧ ନଂ ୱାର୍ଡସ୍ଥିତ ଉପ ଡ଼ାକଘରେ ଗ୍ରାହକ ସେବା ବିପର୍ଯ୍ୟସ୍ତ ହୋଇପଡିଥିବା ଜଣାପଡିଛି । ଫଳରେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଦୈନିକ ବିଭିନ୍ନ କାର୍ଯ୍ୟରେ ଆଖପାଖ ଅଞ୍ଚଳର ଜନସାଧାରଣ ଉପ ଡ଼ାକଘରକୁ ଆସୁଥିବା ବେଳେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଉପ ଡ଼ାକଘର ପରିସରରେ ଜନସାଧାରଣଙ୍କ ବସିବା ନିମନ୍ତେ ଆବଶ୍ୟକୀୟ ଗୃହ, ପାନୀୟ ଜଳର ସୁବିଧା ନଥିବା ଜଣାପଡିଛି । ଆଧାର କାର୍ଡ ସଂଶୋଧନ ଠାରୁ ଆରମ୍ଭ କରି ଟଙ୍କା ନେଣ ଦେଣ ପରି ଛୋଟ ଛୋଟ କାର୍ଯ୍ୟ ପାଇଁ ଜନସାଧାରଣଙ୍କୁ ବାହାରେ ଘଣ୍ଟ ଘଂଟା ଧରି ଅପେକ୍ଷା କରିବାକୁ ପଡୁଛି । ଉପ ଡ଼ାକଘର ମଧ୍ୟରେ କର୍ମଚାରୀ ମାନେ ବସି କାର୍ଯ୍ୟ କରୁଥିବା ବେଳେ ଉପ ଡ଼ାକଘର ବାରଣ୍ଡା ଓ ବାହାରେ ଜନସାଧାରଣ ଦିର୍ଘ ସମୟ ଧରି ଅପେକ୍ଷା କରୁଥିବା ପରିଲକ୍ଷିତ ହେଉଛି । ଏବେ ଗ୍ରୀଷ୍ମର ପ୍ରକୋପ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି । ଖଣ୍ଡପଡା ଉପ ଡ଼ାକଘରେ ଦେଖାଦେଇଥିବା ଅବ୍ୟବସ୍ଥା ପ୍ରତି ଡ଼ାକ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ସେହିପରି ଖଣ୍ଡପଡା ଉପ ଡ଼ାକଘରେ ଖାଲି ପଡିଥିବା ପଦବୀ ଗୁଡିକୁ ପୁରଣ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଖଣ୍ଡପଡା ସହରବାସୀ ଦାବି କରିଛନ୍ତି ।

## ରାଜ୍ୟ ରାଜପଥ ପାର୍ଶ୍ୱ ଖୁଚୁରା ଦୋକାନ ପାଲଟିଛି ନିଶାଡିଙ୍କ ଆଡ୍ଡାସ୍ଥଳୀ

ଭାପୁର (ନିପ୍ର): ଫତେଗଡ ଗ୍ରାମ ଠାରୁ ମାଧପୁର ଗ୍ରାମ ପର୍ଯ୍ୟନ୍ତ ୪୮ ନମ୍ବର ରାଜ୍ୟ ରାଜପଥ କଡ଼ରେ ଅବସ୍ଥିତ ବିଭିନ୍ନ ଗ୍ରାମର ଛକରେ ଅବସ୍ଥିତ ଖୁଚୁରା ଦୋକାନ ଗୁଡ଼ିକ ପାଲଟିଛି ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ । ଖଣ୍ଡପଡ଼ା ଅବକାରୀ ବିଭାଗ ବଡ ମୁଣ୍ଡିଆଙ୍କ ଉପରେ ଚଢ଼ାଉ କରୁଥିବାବେଳେ ବିନା କଟକଣାରେ ଖୁଚୁରା ଛୋଟଛୋଟ ଦୋକାନ ଗୁଡ଼ିକ ଖୋଲାଖୋଲି ଭାବରେ ନିଶା ଦ୍ରବ୍ୟ ବିକ୍ରି କରି ଯୁବ ସମାଜକୁ ପଥଭ୍ରଷ୍ଟ କରୁଛନ୍ତି । ମୁଦୁକ, ଗଞ୍ଜେଇ ଭର୍ତ୍ତି ସିଗାରେଟ, ପିକା, ଗୁଟକା ଏବଂ ଅନ୍ୟାନ୍ୟ ନିଶା ଜାତୀୟ ସିଗାରେଟ ଖୁଲୁମ୍ ଖୋଲା ଭାବରେ ବିକ୍ରି ଚାଲିଛି । ଏହି ନିଶା ଜାତୀୟ ଦ୍ରବ୍ୟ ଗୁଡ଼ିକ ବିକ୍ରି ଉପରେ କାହାର କଟକଣା ନ ଥିବାରୁ ଯୁବସମାଜ ବିପଥଗାମୀ ହେଉଥିବାର ନଜିର ରହିଛି ଏବଂ ପରିବାର ମଧ୍ୟରେ ଅଶାନ୍ତ ବାତାବରଣ ସୃଷ୍ଟି ହେଉଛି । ଏଭଳି କି ବିଭିନ୍ନ ଶିକ୍ଷାନୁଷ୍ଠାନର ପାଖାପାଖି ଦୋକାନମାନଙ୍କରେ ଏହି ମାଦକ ଦ୍ରବ୍ୟ ବିକ୍ରି ହେଉଥିବାରୁ ନାବାଳକମାନେ ମଧ୍ୟ ପାନ କରିବାର ଦେଖାଯାଉଛି । ସେଥିପାଇଁ ନାହିଁ ଅବକାରୀ ବିଭାଗ ଅଥବା ଆରକ୍ଷୀ ବିଭାଗର ଚଢ଼ାଉ । ବିଶେଷକରି, ନିଶା ଜାତୀୟ ସିଗାରେଟ ଏବଂ ଗଞ୍ଜେଇ ଭର୍ତ୍ତି ପିକା କମ୍ ମୂଲ୍ୟରେ ମିଳୁଥିବାରୁ ଯୁବଗୋଷ୍ଠୀ ଙ୍କ ପାଇଁ ବିଶେଷ ଭାବରେ ଆଦୃତ ହୋଇଛି । ତେଣୁ, ବର୍ତ୍ତମାନ ଏ ଦିଗରେ ରୋକ୍ ଲଗେଇବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କ ଚଢ଼ାଉ ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି ବୋଲି ଶିକ୍ଷାବିତ୍‌ମାନେ ଦାବୀ କରିଛନ୍ତି ।

ତିଥି : (ପଞ୍ଚମୀ) : (କୃତ୍ତିକା ବୃଷ)
ଅମୃତବେଳା: ପ୍ରାଘ ୭।୧୬ ଗତେ ଦିଘ ୮।୪୫ ମଧ୍ୟେ

## ଆଜିର ଅନୁଚିନ୍ତନ

ସୂର୍ଯ୍ୟ ଯଥା ପ୍ରକାଶିତ ସମଗ୍ର ଜଗତ
ଆତ୍ମା ମଧ୍ୟ ସର୍ବଦେହ ମଧ୍ୟେ ବିରାଜିତ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ନିରାକରଣ ଓ ଭିତ୍ତିଭୂମି ଚିନ୍ତନ

କିଛି ନା କିଛି କାରଣରୁ ଯେକୌଣସି ଦୁର୍ଘଟଣା ହୁଏ । ବେଙ୍ଗାଲୁରୁର ଆସାମର କାମାକ୍ଷାକୁ ଯାଉଥିବା କାମାକ୍ଷା ସୁପରଫାଷ୍ଟ ଏକ୍ସପ୍ରେସ ଆମ ରାଜ୍ୟରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୧ ବଗି ଲାଇନଚ୍ୟୁତ ହେଲା । ଦୁର୍ଘଟଣାରେ ଜଣକର ମୃତ୍ୟୁ ଓ ଅନେକ ଆହତ ହେଲେ । ଦୁର୍ଘଟଣାର ପ୍ରାୟ ୫ ଘଣ୍ଟା ମଧ୍ୟରେ ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଇ ଦିଆଗଲା । ଦୁର୍ଘଟଣା କାହିଁକି ଘଟିଲା ତାହା ଜଣାପଡ଼ିନଥିଲେ ବି ରେଳଧାରଣା ମରାମତି କାରଣରୁ ଘଟିଲା ବୋଲି କୁହାଯାଉଛି । ଟ୍ରେନ୍ ଗତି ପ୍ରାୟ ୩୦ କିମି ଥିବା ହେତୁ ଟ୍ରେନଟି ଅଟକିବା ସହଜ ହେଲା । ପୁଣି କୁହାଯାଉଛି ଯେ ଟ୍ରେନଟିର ଗତି ୩୦ କିମିରୁ ସୁଦ୍ଧା ଅଧିକ ଥିଲା । ସାଧାରଣ ଭାବରେ ଦୀର୍ଘପଥ ଯାତ୍ରା ଲାଗି ରେଳକୁ ସୁରକ୍ଷିତ ଭାବେ ବିଚାର କରାଯାଏ । କିନ୍ତୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ହେତୁ ଏହି ଯାତ୍ରା ଏବେ ଅଧିକ ଆଶଙ୍କା ଘେରରେ ରହିଛି । ଲାଇନଚ୍ୟୁତ ହୋଇଥିବା ଟ୍ରେନଟିର ଯାତ୍ରୀମାନେ ବଗି ଭିତରୁ ବାହାରିବା ସମୟରୁ ଅପରପାର୍ଶ୍ୱ ରେଳଧାରଣାରେ ଆସୁଥିବା ନନ୍ଦନକାନନ ଏକ୍ସପ୍ରେସ ଆସୁଥିବା ଲୋକୋ ପାଇଲଟ ଭିଡ଼ ଦେଖି ଗାଡ଼ିର ବେଗ କମାଇବା ହେତୁ ପୁଣି ଏକ ବଡ଼ ଦୁର୍ଘଟଣାରୁ ହେବାରୁ ରକ୍ଷା ମିଳିଥିଲା । ଲକ୍ଷ୍ୟ କରାଯାଉଛି ରାଜ୍ୟରେ ଟ୍ରେନ ଦୁର୍ଘଟଣା ଏକ ପ୍ରକାର ଲାଗିରହିଛି । ବାହାନଗା ରେଳ ଦୁର୍ଘଟଣାରେ ପ୍ରାୟ ୩ଶହ ଯାତ୍ରୀଙ୍କ ପ୍ରାଣହାନି ଘଟିବା ସର୍ବତ୍ର ଆଲୋଡ଼ନ ସୃଷ୍ଟି କରିଥିଲା । ଯେକେହି ରେଳରେ ଯାତ୍ରା କରିବେ ପ୍ରଥମେ ଲୋଡ଼ିବେ ସୁରକ୍ଷା । ଗନ୍ତବ୍ୟ ସ୍ଥଳରେ ସୁରକ୍ଷିତ ଭାବେ ପହଞ୍ଚିବା । କିନ୍ତୁ ଦୁର୍ଘଟଣା ଯେ କେତେବେଳେ ହେବ ତାହା ଉପରେ କେହି ନିଶ୍ଚିତ କହିପାରିବେ ନାହିଁ । ତା'ବୋଲି ନିରାକରଣ ଦିଗ ପ୍ରତି ଦୃଷ୍ଟି ଦିଆଯିବ କି ନା ?

ଆମ ଦେଶରେ ରେଳପଥ ବ୍ୟବସ୍ଥା ବିଶ୍ୱର ଚତୁର୍ଥ ବୃହତ୍ତମ ରେଳ ନେଟୱର୍କ । ଦିନକୁ ୧୪ହଜାରରୁ ଅଧିକ ଟ୍ରେନ ଚଳାଚଳ କରୁଛି । ପ୍ରାୟ ୬୪ହଜାର କିମିର ରେଳପଥ ବିଛେଇ ହୋଇରହିଛି । ଦିନକୁ ୨୧ ନିୟୁତ ଯାତ୍ରୀ ଯା'ଆସ କରୁଛନ୍ତି । ଏକଦା କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ (କ୍ୟାଗ୍) ଏକ ରିପୋର୍ଟରେ ଉଲ୍ଲେଖ କରିଥିଲା ଅଧିକାଂଶ ରେଳବଗିଗୁଡ଼ିକ ଲାଇନଚ୍ୟୁତ ହେବା ଲାଗି ତ୍ରୁଟିଯୁକ୍ତ ଟ୍ରାକ୍, ଦୁର୍ବଳ ରକ୍ଷଣାବେକ୍ଷଣ, ପୁରୁଣା ସିଗିନାଲିଂ କିଟ୍ ଏବଂ ମାନବକୃତ ତ୍ରୁଟି ଦାୟୀ । ୨୦୧୮ରୁ ୨୦୨୧ ମଧ୍ୟରେ ହୋଇଥିବା ଏପରି ଲାଇନଚ୍ୟୁତିର ୨୬ପ୍ରତିଶତର କାରଣ ପାଣ୍ଠିର ଅଭାବ । ଏପରିକି ଆସିଥିବା ପାଣ୍ଠିର ଯଥାର୍ଥ ଉପଯୋଗ ହେଉନାହିଁ । ନୂଆ ଟ୍ରେନଗୁଡ଼ିକ ପାଇଁ ଅର୍ଥ ବ୍ୟୟ କରାଯାଉଛି ଅଥଚ ସୁରକ୍ଷା ତଥା ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ ଯଥେଷ୍ଟ ଅର୍ଥ ବ୍ୟୟ କରାଯାଉନାହିଁ । ଇନ୍ଦିରା ଗାନ୍ଧି ଓପନ ୟୁନିଭର୍ସିଟି ଏକ ଅଧ୍ୟୟନରେ ଏକଦା ଉଲ୍ଲେଖ କରିଥିଲା ଯେଉଁସବୁ ଅଧ୍ୟୟନ ରିପୋର୍ଟ ଆସୁଛି ତାହା ଉପରେ ରେଳ କର୍ତ୍ତୃପକ୍ଷ ଯଥୋଚିତ ଧ୍ୟାନ ଦେଉଥିବା ମନେ ହେଉନାହିଁ ।

ସମସ୍ତେ ରେଳପଥରେ ସୁରକ୍ଷିତ ଯାତ୍ରା ଚାହିଁବା ସ୍ୱାଭାବିକ । କାରଣ ଦୁର୍ଘଟଣାରେ ଜଣକର ମୃତ୍ୟୁ ମଧ୍ୟ ଅପୂରଣୀୟ । ଦେଖାଯାଉଛି ଗତାନୁଗତିକ ଭାବରେ ଦୁର୍ଘଟଣା ପରେ ମୃତକଙ୍କ ଆତ୍ମୀୟସ୍ୱଜନ ଓ ଆହତଙ୍କୁ କ୍ଷତିପୂରଣ ସହାୟତା ଦିଆଯାଉଛି । ଗତାନୁଗତିକ ଦୁର୍ଘଟଣାର ଯାଞ୍ଚ ନିର୍ଦ୍ଦେଶ ଆସୁଛି । ଯାଞ୍ଚ ହେବା ପରେ ନିଆଯାଉଥିବା ପଦକ୍ଷେପ ବାସ୍ତବରେ କେତେ ସୁଫଳ ହେଉଛି ତାହାର ସମୀକ୍ଷା ହେଉଥିବା ମନେ ହେଉନାହିଁ । ସମନ୍ୱିତ ଭାବରେ ଉପରୁ ତଳସ୍ତର ପର୍ଯ୍ୟନ୍ତ କାର୍ଯ୍ୟ ଲାଗି ଆବଶ୍ୟକ ପଡୁଥିବା ଅର୍ଥର ବିନିଯୋଗ ସାଙ୍ଗକୁ ମାନବ ସମ୍ବଳ ସତର୍କତାର ସହ କାର୍ଯ୍ୟ କଲେ ନିଶ୍ଚିତ ଭାବରେ ଦୁର୍ଘଟଣା ଏଡ଼ାଇ ଦିଆଯାଇପାରିବ ।

# ବିକଶିତ ଭାରତ ସଂକଳ୍ପ ଯାତ୍ରା, ସମସ୍ତଙ୍କ ପାଖରେ ପହଞ୍ଚିବ ଯୋଜନାର ସୁଫଳ

**ଗୋପୀନାଥ ଦାଶ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ୨୫ ବର୍ଷ ଭିତରେ ଭାରତକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ସାମିଲ ହେବା ଏବଂ ପରସ୍ପର ମଧ୍ୟରେ ସହଯୋଗ ଓ ସହାୟତାର ହାତ ବଢ଼ାଇବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ବିଶେଷକରି ଦେଶକୁ ୨୦୪୭ ମସିହା ସୁଦ୍ଧା ବିକଶିତ କରିବା ପାଇଁ ସମସ୍ତେ ନିଜର ସାଧ ଅନୁସାରେ ସହଯୋଗ କରିବା । ନିଜର ଦୂରଦୃଷ୍ଟି ଓ ସାମର୍ଥ୍ୟ ଦେଶ ହିତରେ ବିନିଯୋଗ କରିବାକୁ ବିକଶିତ ଭାରତ ସଂକଳ୍ପ ଯାତ୍ରା ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଛନ୍ତି । ଏହି ଯାତ୍ରାକୁ ସଫଳ କରିବା କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଗରିବ, ନିଷ୍ପେସିତଙ୍କ ଠାରୁ ଆରମ୍ଭ କରି ସମାଜର ସବୁଠୁ ଶେଷ ଧାଡ଼ିରେ ଥିବା ଅବହେଳିତ ଲୋକଙ୍କୁ ବିକାଶର ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଭାରତ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ସେଥିପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଫ୍ଲାଗସିପ କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏବଂ ଏସବୁ ଯୋଜନାର ସଫଳ ରୂପାୟନ ନିଶ୍ଚିତ କରାଇବା ସକାଶେ ଆରମ୍ଭ ହୋଇଛି ବିକଶିତ ଭାରତ ସଂକଳ୍ପ ଯାତ୍ରା ।

ଭାରତ ସରକାର କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ରାଜ୍ୟ ଗୁଡ଼ିକର ସହଯୋଗରେ ବିଭିନ୍ନ ଫ୍ଲାଗସିପ ଯୋଜନାର ସଫଳ ରୂପାନ୍ତର ତଥା ଠିକଣା କାର୍ଯ୍ୟକାରିତା ପାଇଁ ଏବେ ମିଶନ ଧାରାରେ କାମ ଆରମ୍ଭ କରିଛନ୍ତି । ପରିମଳ ସୁବିଧା ଅତ୍ୟାବଶ୍ୟକ ଆର୍ଥିକ ସେବା, ଏଲପିଜି ସଂଯୋଗ ସୁବିଧା, ଗରିବଙ୍କ ପାଇଁ ଘର, ଖାଦ୍ୟ ନିରାପତ୍ତା, ଉପଯୁକ୍ତ ପୁଷ୍ଟି, ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟସେବା, ସ୍ୱଚ୍ଛ ପାନୀୟ ଜଳ, ଗୁଣାତ୍ମକ ଶିକ୍ଷା ଭଳି ଫ୍ଲାଗସିପ କାର୍ଯ୍ୟକ୍ରମ ଗରିବ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ଉଦ୍ଦିଷ୍ଟ । ସମସ୍ତ ଯୋଗ୍ୟ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହିତାଧିକାରୀଙ୍କ ନିକଟରେ ଏସବୁ ସେବା ଯେପରି ନିଶ୍ଚିତ ପହଞ୍ଚିପାରିବ ସେଥିପାଇଁ ମିଶନ ମୋଡ଼ରେ ଏହାକୁ କାର୍ଯ୍ୟକାରୀ କରାଯାଉଛି । ସମାଜର ତୃଣମୂଳସ୍ତରରେ ସବା ଶେଷ ଲୋକ ପାଖରେ ଯେପରି ଏସବୁ ମୌଳିକ ସେବା ପହଞ୍ଚିପାରିବ ସେଥିପାଇଁ ବିଭିନ୍ନ ଯୋଜନାର ଉପକାରିତା ଏବଂ ଏଥିରେ ଉପଲବ୍ଧ ସୁବିଧା ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଉଛି ।

ବିକଶିତ ଭାରତ ସଂକଳ୍ପ ଯାତ୍ରାର ମୂଳ ଆଭିମୁଖ୍ୟ ହେଲା ଅପହଞ୍ଚଙ୍କ ନିକଟରେ ପହଞ୍ଚିବା । ଯେଉଁମାନେ ସରକାରଙ୍କ ବିଭିନ୍ନ ସ୍କିମରେ ଯୋଜନାର ସୁଫଳ ପାଇବାକୁ ହକଦାର ଏବଂ ଯୋଗ୍ୟ କିନ୍ତୁ ଏପର୍ଯ୍ୟନ୍ତ ପାଇପାରିନାହାନ୍ତି ସେମାନଙ୍କ ନିକଟରେ ପହଞ୍ଚିବା । ବିଭିନ୍ନ ଯୋଜନା ବାବଦରେ ସଚେତନତା ସୃଷ୍ଟି କରିବା ଏବଂ ସୂଚନା ପ୍ରଦାନ କରିବା ଏ କାର୍ଯ୍ୟକ୍ରମର ଲକ୍ଷ୍ୟ । ନାଗରିକ ବା ହିତାଧିକାରୀଙ୍କ ଠାରୁ ସେମାନଙ୍କ ବ୍ୟକ୍ତିଗତ ଅନୁଭୂତି ବା ପ୍ରତିକ୍ରିୟା ଜାଣିବା ଏବଂ ଆବଶ୍ୟକସ୍ଥଳେ ଯୋଗ୍ୟ ହିତାଧିକାରୀଙ୍କ ପଞ୍ଜୀକରଣ କରିବା ମଧ୍ୟ ଏହି ଯାତ୍ରାର ଉଦ୍ଦେଶ୍ୟ । ଜନଜାତୀୟ ଗୌରବ ଦିବସ ଅବସରରେ ଏହି ଯାତ୍ରା ଆରମ୍ଭ ହୋଇଥିଲା । ଅଧିକ ଆଦିବାସୀ ଜନସଂଖ୍ୟା ଥିବା ଜିଲ୍ଲାଗୁଡ଼ିକରେ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଭ୍ରାମ୍ୟମାଣ ଯାନ ଜରିଆରେ ଏ ବିଷୟରେ ଲୋକଙ୍କୁ ସଚେତନ କରାଯିବା ପ୍ରକ୍ରିୟା ଜାରି ରହିଛି । ଦେଶର ସବୁ ଜିଲ୍ଲାକୁ ଏହି ଯାତ୍ରା ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯିବାର ଲକ୍ଷ୍ୟ ରହିଛି ।




ଓଡ଼ିଶାରେ ନଭେମ୍ବର ୧୫ ବିର୍ସାମୁଣ୍ଡା ଜୟନ୍ତୀରୁ ଆରମ୍ଭ ହୋଇଥିବା ବିକଶିତ ଭାରତ ସଂକଳ୍ପ ଯାତ୍ରା ଆଦିବାସୀ ଅଧ୍ୟୁଷିତ କୋରାପୁଟ, ମାଲକାନାଗିରି, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ବେଶ୍ ସଫଳ ହୋଇଛି । ବର୍ତ୍ତମାନ ଏଲଇଡ଼ି ୱାଇ, ପ୍ରଚାର ପତ୍ର, ସେଲଫି ପଏଣ୍ଟ, ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ସଚିତ୍ର ସୂଚନା ଥିବା ୭୫ ଭ୍ରାମ୍ୟମାଣ ଯାନ ଓଡ଼ିଶାର ୩୦ ଜିଲ୍ଲାରେ ବୁଲି କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଉଛି । ଏହି ଅଭିଯାନରେ ଅତିରିକ୍ତ ୩୦ଯାନ ସାମିଲ କରାଯାଇ ମୋଟ ୧୦୫ଟି ଯାନରେ ରାଜ୍ୟର ୩୦ ଜିଲ୍ଲାର ୬୭୯୪ ଗ୍ରାମ ପଞ୍ଚାୟତକୁ ସଚେତନତା ଯାତ୍ରା କାର୍ଯ୍ୟକ୍ରମ ପହଞ୍ଚାଇବାର ଲକ୍ଷ୍ୟ ରହିଛି ।

ବିକଶିତ ଭାରତ ସଂକଳ୍ପ ଯାତ୍ରା ଅଭିଯାନରେ ପିଏମ ଉଜ୍ଜ୍ୱଳା, କୃଷି ବିଭାଗ, ପିଏମ ଜନଔଷଧି କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ବିଭାଗ, ଡାକ ଏବଂ ବ୍ୟାଙ୍କ ଆଦି ବିଭିନ୍ନ ସ୍କିମର ପ୍ରଚାର ଷ୍ଟଲକୁ ସାମିଲ କରାଯାଇଛି । ପିଏମ ଜନଔଷଧି କାର୍ଯ୍ୟକ୍ରମ ଅଧୀନରେ ସାଧାରଣ ଲୋକମାନଙ୍କୁ ସ୍ୱଚ୍ଛ ମୂଲ୍ୟରେ ସିଲିଣ୍ଡର ସହ ଗ୍ୟାସ ସଂଯୋଗ ଏବଂ ଷ୍ଟୋଭ ଗୁଣାତ୍ମକ ଔଷଧ ଯୋଗାଇବାର ବ୍ୟବସ୍ଥା ହୋଇଛି । ହିତାଧିକାରୀ ଏହାର ସୁଯୋଗ ନେଇପାରୁଛନ୍ତି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସୁକନ୍ୟା ସମୃଦ୍ଧି ସ୍କିମ, ପିଏମ କିଷାନ ସମ୍ମାନ ନିଧି ଯୋଜନା, ପିଏମ ଉଜ୍ଜ୍ୱଳା, ହର ଘର ଜଳ, ପିଏମ ଆବାସ ଯୋଜନା, ଆତ୍ମନିର୍ଭର ଭାରତ ଆଦି ଯୋଜନାର ହିତାଧିକାରୀ ଏହି ଯାତ୍ରାକାଳରେ ସେମାନଙ୍କ ଅନୁଭୂତି ମଧ୍ୟ ବର୍ଣ୍ଣନା କରୁଛନ୍ତି । କୃଷି କ୍ଷେତ୍ରରେ ଅଧିକ ଉତ୍ପାଦନ ପାଇଁ କୃଷକଙ୍କୁ ତାଲିମ ପ୍ରଦାନ ଲାଗି ଗ୍ରାମ ପଞ୍ଚାୟତସ୍ତରରେ ଅଭିଯାନ କାଳରେ ଡ୍ରୋନ ଜ୍ଞାନକୌଶଳର ମଧ ପ୍ରଦର୍ଶନ କରାଯାଉଛି । ଏହା ବ୍ୟତୀତ କାର୍ଯ୍ୟକ୍ରମ ସ୍ଥଳରେ ଜାତୀୟ ଏକତା ଏବଂ ସଂହତି ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସ୍ଥାନୀୟ କଳାକାର ଏବଂ ଅନ୍ୟାନ୍ୟ ସାଂସ୍କୃତିକ ଦଳ ପକ୍ଷରୁ ସୂଚନାଧର୍ମୀ ତଥ୍ୟ ସମ୍ବଳିତ କାର୍ଯ୍ୟକ୍ରମ ପରିବେଷଣ ସହିତ ଜନସାଧାରଣଙ୍କୁ ସଚେତନ କରାଯାଉଛି । ହମାରା ସଂକଳ୍ପ ବିକଶିତ ଭାରତ ହେଉଛି ଏକ ଦେଶବ୍ୟାପୀ ଜନସଚେତନତା ଅଭିଯାନ ଯାହା ମାଧ୍ୟମରେ ସରକାରଙ୍କ ବିଭିନ୍ନ ସ୍କିମ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା ସହିତ ଯୋଜନାକୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଜୀକୃତ କରିବ । ଦେଶ ଏବଂ ବିଭିନ୍ନ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ, ନଗର ପଞ୍ଚାୟତ ଏବଂ ଅର୍ବାନ ଲୋକାଲ ବଡ଼ିରେ ଏହି ସଚେତନତାର ବାର୍ତ୍ତା ପ୍ରଚାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ବିଶେଷ କରି ବିକଶିତ ଭାରତର ଭିଜନ ବା ଦୂରଦୃଷ୍ଟିକୁ ବାସ୍ତବ ରୂପାୟନ ଦେବା, ସମସ୍ତ ସ୍କିମର ଉପକାରିତା ଯେପରି ସବୁ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରିବ ସେ ବିଷୟ ସୁନିଶ୍ଚିତ କରାଇବା ନିମନ୍ତେ ଏହି ଅଭିଯାନରେ ବିଭିନ୍ନ ମନ୍ତ୍ରାଳୟ / ସରକାରୀ ବିଭାଗ, ରାଜ୍ୟ ସରକାର, କେନ୍ଦ୍ର ସରକାରୀ ସଂସ୍ଥା ସକ୍ରିୟ ଭାବେ ସାମିଲ ହୋଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ୨୫ ବର୍ଷ ଭିତରେ ଭାରତକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ସାମିଲ ହେବା ଏବଂ ପରସ୍ପର ମଧ୍ୟରେ ସହଯୋଗ ଓ ସହାୟତାର ହାତ ବଢ଼ାଇବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ବିଶେଷକରି ଦେଶକୁ ୨୦୪୭ ମସିହା ସୁଦ୍ଧା ବିକଶିତ କରିବା ପାଇଁ ସମସ୍ତେ ନିଜର ସାଧ ଅନୁସାରେ ସହଯୋଗ କରିବା । ନିଜର ଦୂରଦୃଷ୍ଟି ଓ ସାମର୍ଥ୍ୟ ଦେଶ ହିତରେ ବିନିଯୋଗ କରିବାକୁ ବିକଶିତ ଭାରତ ସଂକଳ୍ପ ଯାତ୍ରା ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଛନ୍ତି । ଏହି ଯାତ୍ରାକୁ ସଫଳ କରିବା କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

-ବରଦା, ବାଲିଚନ୍ଦ୍ରପୁର, ଯାଜପୁର

# ପରିବର୍ତ୍ତନର ବାହକ ସୁଭଦ୍ରା

**ଭାରତ ଭୂଷଣ ମିଶ୍ର**

ମହିଳାଙ୍କୁ ସଶକ୍ତ ରୋଜଗାର ଦେବା ପାଇଁ ଗତ ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟି ପ୍ରତିଶ୍ରୁତି ଦେଇଥିଲା । ସେହି ଅନୁଯାୟୀ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୫୦ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି । ସୁଭଦ୍ରା ଯୋଜନାରେ ବର୍ଷକୁ ଦୁଇ ଥର ୫ ହଜାର ଲେଖାଏଁ ୫ ବର୍ଷରେ ୫୦ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ହିତାଧିକାରୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ । ବର୍ତ୍ତମାନ ସୁଦ୍ଧା ୧ କୋଟିରୁ ଅଧିକ ମହିଳା ଯୋଡି ହେଲେଣି । କେହି ଯେପରି ଏହି ଯୋଜନାରୁ ବାଦ ନ ପଡନ୍ତି ସେଥିପାଇଁ ଡୋର ଟୁ ଡୋର ସର୍ଭେ କରାଯିବ ବୋଲି ବିଭାଗୀୟ ତଥା ଉପମୁଖ୍ୟମନ୍ତ୍ରୀ



ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି । ସୁଭଦ୍ରା ମହିଳାଙ୍କ ମଧ୍ୟରେ ଯେ ଏକ ପ୍ରକର ଉତ୍ସାହ ଆଣି ଦେଇଛି ଏହା କୁହାଯାଇପାରେ । ଖବର ଆସୁଛି, ଏହି ଯୋଜନାରେ ଏବେ ୨ୟ କିସ୍ତି ଆସିଥିବା ବେଳେ ଯେତେ ଯେତେ କିସ୍ତି ସଂଖ୍ୟା ବଢିବ ଯେଉଁ ମହିଳାମାନଙ୍କର ବ୍ୟବସାୟ ଅଛି ସେଥିରେ ଏହି ସୁଭଦ୍ରା ପୁଞ୍ଜି ବିନିଯୋଗ କରୁଥିବା ବେଳେ ଆଉ କେହି ନୂତନ ବ୍ୟବସାୟ ଆରମ୍ଭ କରୁଛନ୍ତି । ଆଉ କେହି ଆଉ କିସ୍ତି ମିଳିଲା ପରେ ବ୍ୟବସାୟ ଆରମ୍ଭ କରିବାକୁ ସ୍ଥିର କରିଛନ୍ତି । ମୋଟ ଉପରେ ଗ୍ରାମାଞ୍ଚଳ କ'ଣ ସହରୀ ମହିଳାଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ ହେବା ପାଇଁ ବଳ ଯୋଗାଇଛି । ସୁଭଦ୍ରା ଯୋଜନା ମହିଳାଙ୍କୁ ସଶକ୍ତ କରିବା ସହିତ ରାଜନୈତିକ ଦୃଷ୍ଟିକୋଣରୁ ରାଜ୍ୟର ମହିଳା ଭୋଟରଙ୍କର ବିଜେପି ପ୍ରତି ଆନୁଗତ୍ୟ ରହିବ, ଏହା ନିଶ୍ଚିତ । ବିଜେଡିର ଋଣ ବଦଳରେ ବିଜେପି ୫ ବର୍ଷରେ ପ୍ରାୟ ୬୦ ହଜାର କୋଟି ଟଙ୍କାର ପ୍ରୋତ୍ସାହନ ରାଶି ମହିଳାମାନଙ୍କୁ ଦେବା ପାଇଁ ନିଷ୍ପତ୍ତି ନେଇ କ୍ଷମତାକୁ ଆସିବାର ବର୍ଷକ ମଧ୍ୟରେ ୨ ଟି କିସ୍ତିରେ ୧୦ ହଜାର କୋଟି ଟଙ୍କା ଦେଇ ସାରିଲାଣି । ଗ୍ରାମାଞ୍ଚଳର ମହିଳାମାନେ ଏହି ପୁଞ୍ଜି ବିନିଯୋଗରେ ସଶକ୍ତ ହେଉଛନ୍ତି ଓ ହୋଇପାରିବେ । ସୁଭଦ୍ରା ପ୍ରତ୍ୟକ୍ଷ ଭାବେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ପରୋକ୍ଷରେ ବିଜେପି ପାଇଁ ଭୋଟ ବ୍ୟାଙ୍କ ସୃଷ୍ଟି କରିବ , ରାଜନୈତିକ ବିଶ୍ଳେଷକ ମହଲରେ ଆଲୋଚନା ଆରମ୍ଭ ହେଲାଣି । ମହିଳା ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ସରକାରଙ୍କର ପ୍ରାଥମିକତା । ତେବେ ଯେଉଁମାନେ ସୁଭଦ୍ରା ଅର୍ଥ ଅଯଥାରେ ଖର୍ଚ୍ଚବାଚ କରିଦେଉଛନ୍ତି ,ସେମାନେ ଅଣ୍ଡାରୁ ଚିଆଁ ସୃଷ୍ଟିକୁ ଉପେକ୍ଷା କରୁଛନ୍ତି ବୋଲି କୁହାଯାଇପାରେ । ମିଳୁଥିବା ଅର୍ଥରେ ଛୋଟ ଛୋଟ ବ୍ୟବସାୟ ଭବିଷ୍ୟତ ପାଇଁ ସିଡ଼ି ଭଳି କାର୍ଯ୍ୟ କରିଥାଏ । ଏଥିଲାଗି ଲୋଡ଼ା ଦୃଷ୍ଟିକୋଣ, ଯାହା ଅନୁଭୂତି ,ଅଭିଜ୍ଞତା ଓ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ । ମନେ କରାଯାଉ କୌଣସି ହିତାଧିକାରୀ ଭଲ ରୋଷେଇ କରି ଜାଣନ୍ତି, ସ୍ୱାଦିଷ୍ଟ ସହ ସ୍ୱାସ୍ଥ୍ୟରକ୍ଷା ପ୍ରତି ଯତ୍ନବାନ,ସେମାନଙ୍କ ପାଇଁ ସୁଭଦ୍ରା ଅର୍ଥରେ ଖାଦ୍ୟ ପ୍ରସ୍ତୁତିପୂର୍ବକ ବିକ୍ରୟ ଯୋଜନା ଠିକ ହେବ । ହିତାଧିକାରୀ ପ୍ରଥମେ ଚିନ୍ତା କରନ୍ତୁ,ନିଜ ଭିତରେ କି ପ୍ରକାର ସାମର୍ଥ୍ୟ ରହିଛି ତାହାର କେବଳ ଯଥାର୍ଥ ଉପଯୋଗ ହେବା ଆବଶ୍ୟକ । ତାଛଡ଼ା ଘର କାମ କରି ବଳକା ସମୟରେ ବ୍ୟବସାୟ ପ୍ରତି ଧ୍ୟାନ ଦିଅନ୍ତୁ,ନୋହିଲେ ପ୍ରଥମ କର୍ତ୍ତବ୍ୟରେ ବିଭ୍ରାଟ ଉପୁଜିପାରେ । ସୁଭଦ୍ରା ଅର୍ଥର ଅଯଥା ବରବାଦ ନ କରି ଯଥାର୍ଥ ଭାବରେ ବିନିଯୋଗ କରିବାରେ ଦୃଢ଼ ମନୋବୃତ୍ତି ହିଁ ସହାୟକ ହୋଇପାରିବ ।

**ବାଲିପାଟଣା**

# ବାଲ୍ ବାଟିକାର ଯାଦୁ ପେଡ଼ି

**ସତ୍ୟନାରାୟଣ ଦେହୁରୀ**

ବାଲ ବାଟିକାରେ ପିଲାମାନେ ପ୍ରବେଶ କଲେ ସେମାନଙ୍କୁ ଆନନ୍ଦପ୍ରଦ ଶିକ୍ଷାଦାନ କରାଯିବ । ସେହି ସମୟରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି ଯାଦୁପେଡିର ସହାୟତା ନେଇପାରିବେ । ନୂଆ ଶିକ୍ଷାବର୍ଷରୁ ସବୁ ବିଦ୍ୟାଳୟରେ ଏହା କାର୍ଯ୍ୟକାରୀ ହୋଇଯିବ । ଯାହା ମନେ କରାଯାଉଛି,ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଏକ ଅସନ୍ତୋଷ ଦେଖାଦେଇଛି ଏହି ବାଲବାଟିକା ପିଲାମାନଙ୍କ ଶିକ୍ଷାଦାନ ପାଇଁ । ସେମାନଙ୍କ ମଧ୍ୟରେ ଆଲୋଚିତ ଯୁକ୍ତି ହେଲା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଆମେ ଶିକ୍ଷାଦାନ କରୁଛୁ । ପୁଣି ଏହି ବାଲବାଟିକା ଆମ ପାଇଁ ବୋଝ ହୋଇଯିବ । ସବୁ ଜାଗାରେ ଶିକ୍ଷକ ଅଭାବ । ଅଭାବ ଭିତରେ ଏହି ଗୁରୁ ଦାୟିତ୍ୱ ନିଶ୍ଚିତ ଭାବରେ ତାଙ୍କ ପାଇଁ ଏକ ଆହ୍ୱାନ ପାଲଟିଛି । ବାଲବାଟିକା ଶିକ୍ଷାଦାନ ଟିକିଏ ଅଡୁଆ ଲାଗିପାରେ । କାରଣ ଛୋଟପିଲାମାନଙ୍କୁ ଶିକ୍ଷଣ ଉପକରଣର ବିନା ସହାୟତାରେ ଶିକ୍ଷାଦାନ ଫଳ ଶୂନ୍ୟ ହୋଇଥାଏ । ଯାଦୁ ପେଡିର ବ୍ୟବହାର ସୁନିଶ୍ଚିତ କରିବାକୁ ପଡିବ ।

ଶିଶୁ ମାନଙ୍କର ସାମଗ୍ରିକ ବିକାଶ ପାଇଁ ପରିବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପରିବାରରେ ହିଁ ସେମାନଙ୍କର ବିକାଶର ଧାରା ଆରମ୍ଭ ହୋଇଥାଏ । ପରିବାରର ସଦସ୍ୟମାନେ ସେମାନଙ୍କୁ ଯେତେ ଅଧିକ କଥା ଶିକ୍ଷା ଦେଇ ପାରିବେ ତାହା ତାର ପରବର୍ତ୍ତୀ ପର୍ଯ୍ୟାୟରେ ସହାୟକ ହୋଇଥାଏ । ଜନ୍ମ ଠାରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଟିଏ କେବଳ ପରିବାରର ସଦସ୍ୟମାନଙ୍କ ଗହଣରେ ରହିଥାଏ । ମାଆ ,ବାପା ତଥା ଅନ୍ୟାନ୍ୟ ସଦସ୍ୟ ତାର ପ୍ରାଥମିକ ଶିକ୍ଷକ । ଏହି ପର୍ଯ୍ୟାୟ ହେଉଛି ତାର ପ୍ରାରମ୍ଭିକ ପର୍ଯ୍ୟାୟ । ତେଣୁ ଏହି ପର୍ଯ୍ୟାୟକୁ ଅବହେଳା କରିବା ଉଚିତ ନୁହେଁ । ତାପରେ ଶିଶୁଟି ଯାଏ ଅଙ୍ଗନବାଡି । ସେଠାରେ ଯେଉଁ ସହାୟକ ସହାୟିକାମାନେ ଥାଆନ୍ତି ସେମାନେ ସଯତ୍ନ ଶିଶୁର ବିକାଶର ଦାୟିତ୍ୱ ନେଇ ଥାଆନ୍ତି । ସରକାରଙ୍କ ଦ୍ୱାରା ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ଦେବା ସହିତ କିଛି କିଛି ପ୍ରାରମ୍ଭିକ ଶବ୍ଦ ଓ ସଂଖ୍ୟାର ଧାରଣା ଦେଇଥାଆନ୍ତି । ଗପ ,ଗୀତ ,ଖେଳ ମାଧ୍ୟମରେ କିଛି କିଛି ଶିକ୍ଷା ଦିଅନ୍ତି । ଏଠାରେ ସେ ୫ ବର୍ଷ ପର୍ଯ୍ୟନ୍ତ ରହିଥାଏ । ଏଠାରେ ଯେଉଁ ୨ ବର୍ଷ ରହେ ତାରି ଭିତରେ କିଛି କିଛି ସଂଖ୍ୟା ଓ ଭାଷାର ଧାରଣା ହାସଲ କରେ । ଶବ୍ଦ ଭଣ୍ଡାର ସାମାନ୍ୟ ବୃଦ୍ଧି ହୋଇଥାଏ । ଏହି ଅଭିଜ୍ଞତାକୁ ନେଇ ସେ ଯାଏଁ ବାଲ ବାଟିକା ।

୫ ବର୍ଷରେ ଶିଶୁଟିଏ ବାଲ ବାଟିକାରେ ଯେତେବେଳେ ପ୍ରବେଶ କରେ । ତାର ପୂର୍ବ ଅଭିଜ୍ଞତାକୁ ଆଧର କରି ଏଠାରେ ଅନେକ ନୂଆ ନୂଆ କଥା ଶିକ୍ଷା କରେ । ତାର ଶିକ୍ଷଣରେ ସହାୟକ ହେବା ପାଇଁ ଥାଏ ଯାଦୁ ପେଡି । ଏହି ଯାଦୁ ପେଡିରେ ପିଲାମାନଙ୍କର ଶିକ୍ଷଣକୁ ଆଧାର କରି ଅନେକ ଶିକ୍ଷଣ ସାମଗ୍ରୀ ରହିଥାଏ । ସେହି ସାମଗ୍ରୀଗୁଡିକ ମଧ୍ୟରେ ଥାଏ ବିଭିନ୍ନ ପ୍ରକାର ଖେଳନା, ଚାର୍ଟ,ମଡେଲ,ମେପ,ମାସ୍କ ଇତ୍ୟାଦି । ଶିକ୍ଷକ ଶିକ୍ଷୟିତ୍ରୀ ସେଗୁଡିକ ବ୍ୟବହାର କରି ପିଲାମାନଙ୍କୁ ବିଭିନ୍ନ ବିଷୟ ଶିକ୍ଷା ଦେଇ ଥାଆନ୍ତି । ପିଲାମାନେ ବହୁତ ଖେଳପ୍ରିୟ । ତେଣୁ ସେମାନଙ୍କୁ ଖୁସି କଲାଭଳି ଅନେକ ସାମଗ୍ରୀ ସେହି ଯାଦୁ ପେଡି ମଧ୍ୟରେ ଥାଏ । ଏହି ଯାଦୁ ପେଡିକୁ ବିଦ୍ୟାଳୟ ସ୍ତରରେ ତିଆରି କରିବାକୁ ହୋଇଥାଏ । ଯାଦୁ ପେଡି ଯେତେ ଅକର୍ଷଣୀୟ ହୋଇଥାଏ ପିଲାଙ୍କର ଆଗ୍ରହ ସେତେ ଅଧିକ ରହେ । ତେଣୁ ଏହି ଯାଦୁ ପେଡି ପ୍ରସ୍ତୁତ କଲା ବେଳେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥାଏ । ଏହାର ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ତାଲିମ ର ବ୍ୟବସ୍ଥା ମଧ୍ୟ କରାଯାଇଥାଏ । ପ୍ରତି ଜିଲ୍ଲାରେ ଥିବା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନଗୁଡିକ ଏହି ତାଲିମ ପ୍ରଦାନର ଦାୟିତ୍ୱ ନେଇ ଥାଆନ୍ତି । ପ୍ରଥମେ ତାଲିମ ଦିଆଯାଏ ଏବଂ ପରେ କର୍ମଶାଳା ମାଧ୍ୟମରେ ଯାଦୁପେଡିର ବିଭିନ୍ନ ଉପକରଣ ସବୁ ପ୍ରସ୍ତୁତ କରାଯାଏ । ତିନି ଦିନିଆ କର୍ମଶାଳାଟିଏ ଆୟୋଜନ କଲେ ଅନେକ ଶିକ୍ଷଣ ଉପକରଣ ପ୍ରସ୍ତୁତ କରାଯାଇପାରେ । ସେହି ଉପକରଣ ଗୁଡିକୁ ସର୍ବସାଧାରଣରେ ପ୍ରଦର୍ଶିତ କରି ବଛା ଯାଏ । ଯେଉଁଗୁଡିକ ସବୁଠି ଆକର୍ଷଣୀୟ ଓ ଶିକ୍ଷଣ ଉପାଦେୟ ହୋଇଥାଏ ସେଗୁଡିକୁ ଯାଦୁ ପେଡି ଭିତରେ ରଖାଯାଏ । ଏହାର ନାମ ଯାଦୁ ପେଡି ରଖାଯାଇଛି କାହିଁକି ? ସାଧାରଣତଃ ପିଲାମାନେ ଯାଦୁ ଦେଖିବାକୁ ଭଲ ପାଆନ୍ତି । ଯାଦୁର ନାଁ ଶୁଣିଲେ ,ଖୁସିରେ ନାଚି ଉଠନ୍ତି । କେବଳ ପିଲା କାହିଁକି ବଡ ଲୋକମାନେ ମଧ୍ୟ ଯାଦୁର ନାମ ଶୁଣିଲେ, ଖୁସି ହୋଇ ଯାଆନ୍ତି । ସଙ୍ଗେ ସଙ୍ଗେ ଦେଖିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ।

ସେଥିପାଇଁ ପିଲାଙ୍କ ଆଗ୍ରହ ବଢାଇବା ପାଇଁ ନାମଟିକୁ ଆକର୍ଷଣୀୟ କରାଯାଇଛି । ଯେତେବେଳେ ବାଲ ବାଟିକା ପିଲାମାନଙ୍କୁ ଶିକ୍ଷାଦାନ କରାଯିବ ସେତେବେଳେ ଏହାର ସହାୟତା ନେଇ ଶିକ୍ଷାଦାନକୁ ସରସ ସୁନ୍ଦର ଓ ଆଗ୍ରହ ଉଦ୍ଦୀପକ କରାଯାଇ ପାରିବ । ଏହା କେବଳ ଯେ ବାଲ ବାଟିକା ପିଲାଙ୍କ ପାଇଁ ଉଦ୍ଦିଷ୍ଟ, ତାହା ନୁହେଁ । ଅନ୍ୟ ଶ୍ରେଣୀ ପାଇଁ ମଧ୍ୟ ବ୍ୟବହାର କରାଯାଇ ପାରିବ । କାରଣ ଇଏ ଏକ ପ୍ରକାର ଶିକ୍ଷଣଯାଦୁ ଉପକରଣର ସମାହାର । ନାମ ରଖାଯାଇଛି ବାଲ ବାଟିକା ଯାଦୁ ପେଡେ । ବାସ୍ତବିକ ସେଥିରେ ଥିବା ଉପକରଣଗୁଡିକ ମନଛୁଆଁ ହୋଇଛି । ଯେତେବେଳେ ସେଗୁଡିକ ପ୍ରସ୍ତୁତ କରାଯାଉଥିଲା ମୋତେ ସେହି କର୍ମଶାଳାରେ ଯୋଗ ଦେବାର ସୁଯୋଗ ମିଳିଥିଲା । ମୁଁ ସେଗୁଡିକୁ ଦେଖିଲା ପରେ ଅନୁଭବ କଲି ଯେ, ନିଶ୍ଚିତ ଭାବରେ ଏଗୁଡିକ ପିଲାଙ୍କ ପାଇଁ ଖୁବ ପ୍ରଭାବୀ ହେବ । ପିଲାଙ୍କୁ ଶିକ୍ଷଣରେ ବାନ୍ଧି ରଖିବାରେ ସହାୟକ ହେବ ବୋଲି ମୋର ଦୃଢ ବିଶ୍ୱାସ ହେଲା । ଓଡିଶାର ସବୁ ଜିଲ୍ଲାରେ ଏହି ଯାଦୁ ପେଡି ବର୍ତ୍ତମାନ ପ୍ରସ୍ତୁତି ସରିଯାଇଛି । ବାକି ରହିଲା ଏହାର କାର୍ଯ୍ୟକାରିତା ।

୨୦୨୫-୨୬ ଶିକ୍ଷା ବର୍ଷରେ ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରିବା ପାଇଁ ଆମ ରାଜ୍ୟ ସରକାର ବିଧିବଦ୍ଧ ଭାବରେ ଘୋଷଣା କରିସାରିଛନ୍ତି । ପିଲାମାନଙ୍କୁ ୫ ବର୍ଷରେ ବାଲବାଟିକାରେ ନାମ ଲେଖା ଯିବ । ଏହି ନାମ ଲେଖା ପାଇଁ ଯେଉଁ ବିବାଦ ଥିଲା , ତାହା ଏବେ ସରକାର ସ୍ପଷ୍ଟ କରିଛନ୍ତି । ୩ବର୍ଷରେ ଅଙ୍ଗନ ବାଡି, ୫ବର୍ଷରେ ବାଲବାଟିକା,୬ବର୍ଷରେ ପ୍ରଥମ ଶ୍ରେଣୀରେ ନାମଲେଖା ଯିବ । ଏପ୍ରିଲ ୨ ତାରିଖକୁ ଖଡିଛୁଆଁ /ପ୍ରବେଶ ଉତ୍ସବ କରାଯାଇଛି । ଏହି ଦିନ ପିଲାମାନଙ୍କୁ ବିଦ୍ୟାଳୟକୁ ସ୍ୱାଗତ କରାଯିବ । ଏହା ପୂର୍ବରୁ ଅଭିଭାବକମାନଙ୍କୁ ନିମନ୍ତ୍ରଣ କରାଯାଇଛି । ବିଭିନ୍ନ ଜିଲ୍ଲାରେ ଏପରିକି ଜିଲ୍ଲାପାଳମାନେ ଘର ଘର ବୁଲି ନିମନ୍ତ୍ରଣ ପତ୍ର ସବୁ ଦେଇଛନ୍ତି । ଏହି ଖଡିଛୁଆଁ /ପ୍ରବେଶ ଉତ୍ସବକୁ ସଫଳ କରିବା ପାଇଁ ସରକାରୀ ଉଦ୍ୟମ ଜାରି ରହିଛି । ତେବେ ବାଲ ବାଟିକାରେ ପିଲାମାନେ ପ୍ରବେଶ କଲେ ସେମାନଙ୍କୁ ଆନନ୍ଦପ୍ରଦ ଶିକ୍ଷାଦାନ କରାଯିବ । ସେହି ସମୟରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି ଯାଦୁପେଡିର ସହାୟତା ନେଇପାରିବେ ।

ନୂଆ ଶିକ୍ଷାବର୍ଷରୁ ସବୁ ବିଦ୍ୟାଳୟରେ ଏହା କାର୍ଯ୍ୟକାରୀ ହୋଇଯିବ । ଯାହା ମନେ ହେଉଛି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଏକ ଅସନ୍ତୋଷ ଦେଖାଦେଇଛି । ଏହି ବାଲବାଟିକା ପିଲାମାନଙ୍କ ଶିକ୍ଷାଦାନ ପାଇଁ । ସେମାନଙ୍କର ମଧ୍ୟରେ ଆଲୋଚିତ ଯୁକ୍ତି ହେଲା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଆମେ ଶିକ୍ଷାଦାନ କରୁଛୁ । ପୁଣି ଏହି ବାଲବାଟିକା ଆମ ପାଇଁ ବୋଝ ହୋଇଯିବ । ସବୁ ଜାଗାରେ ଶିକ୍ଷକ ଅଭାବ । ଅଭାବ ଭିତରେ ଏହି ଗୁରୁ ଦାୟିତ୍ୱ ନିଶ୍ଚିତ ଭାବରେ ତାଙ୍କ ପାଇଁ ଏକ ଆହ୍ୱାନ ପାଲଟିଛି । ବାଲବାଟିକା ଶିକ୍ଷାଦାନ ଟିକିଏ ଅଡୁଆ ଲାଗିପାରେ । କାରଣ ଛୋଟପିଲାମାନଙ୍କୁ ଶିକ୍ଷଣ ଉପକରଣର ବିନା ସହାୟତାରେ ଶିକ୍ଷାଦାନ ଫଳ ଶୂନ୍ୟ ହୋଇଥାଏ । ଯାଦୁ ପେଡିର ବ୍ୟବହାର ସୁନିଶ୍ଚିତ କରିବାକୁ ପଡିବ । ବିଦ୍ୟାଳୟର ଏତେଗୁଡିଏ କାମ ଭିତରେ ସମୟ ବାହାର କରି ଧୈର୍ଯ୍ୟ ସହ ଶିକ୍ଷାଦାନ କଲେ ଯାଇ ବାଲବାଟିକା ସଫଳ ହେବ । ଏଥିପାଇଁ ମାନସିକସ୍ତରରେ ପ୍ରସ୍ତୁତି ଆବଶ୍ୟକ ।

ରାଧାନଗର ,ବୌଦ୍ଧ,
ମୋ-୯୯୩୮୭୫୮୩୫୩

## ସ୍ତ୍ରୀକୁ ମରଣାନ୍ତକ ଆକ୍ରମଣ: ସ୍ୱାମୀ ଗିରଫ

**ବେଲଗୁଣ୍ଠା,୧ ।୪ (ନିପ୍ର);** ଗାଙ୍ଗପୁର ଥାନା ଅନ୍ତର୍ଗତ ପଣିବନ୍ଧ ଗ୍ରାମରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଗାଙ୍ଗପୁର ପୋଲିସ୍ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରିଥିବା ସୂଚନା ମିଳିଛି । ସୂଚନା ପ୍ରକାରେ ସୋମବାର ସକାଳ ଛଅ ଘଣ୍ଟା ସମୟରେ ପଣିବନ୍ଧ ଗ୍ରାମର ବିଜୟ ବେହେରାଙ୍କ ସ୍ତ୍ରୀ ନିର୍ମଳା ବେହେରା ନିଜର ଦୁଇ ଶିଶୁଙ୍କୁ ଧରି ଘର ଛପର ନିମନ୍ତେ ଛଣ କାଠ ସଂଗ୍ରହ କରିବା ପାଇଁ ଯାଇଥିଲେ । ସେ ଛଣ କାଠ ଧରି ଫେରିବା ସମୟରେ ରାସ୍ତାରେ ତାଙ୍କ ସ୍ୱାମୀ ବିଜୟ ବେହେରା ତାଙ୍କୁ ଅଟକାଇବା ସହ ଅନ୍ୟ ଲୋକ ସହ ଅନୈତିକ ସମ୍ପର୍କ ରଖୁଥିବା ସନ୍ଦେହ କରି ଏକ କାଠ ଫାଳିଆରେ ନିର୍ମଳାଙ୍କ ମୁଣ୍ଡ ଏବଂ ଦେହକୁ ମରଣାନ୍ତକ ଆକ୍ରମଣ କରିଥିଲା । ଫଳରେ ନିର୍ମଳା ବେହୋସ ହୋଇ ପଡ଼ିଯାଇଥିଲେ ଓ ଏହା ସହିତ ବିଜୟ ନିର୍ମଳାଙ୍କ ଗୁପ୍ତାଙ୍ଗଙ୍କୁ ମଧ୍ୟ ଆକ୍ରମଣ କରିଥିଲା । ଫଳରେ ନିର୍ମଳାଙ୍କର ପ୍ରବଳ ରକ୍ତସ୍ରାବ ହେବା ସହିତ ସେ ଗୁରୁତର ଭାବେ ଆହତ ହୋଇଥିଲେ । ଏନେଇ ବିଜୟ ବିରୁଦ୍ଧରେ ନିର୍ମଳାଙ୍କ ଭାଇ ସୋରଡ଼ା ଥାନା ଅନ୍ତର୍ଗତ ଭାଲିଆପଡା ଗ୍ରାମର ରାଜୁ ବେହେରା ଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି । ରାଜୁଙ୍କ ଏତାଲାକୁ ଭିତ୍ତିକରି ଗାଙ୍ଗପୁର ଥାନାରେ କେଶ୍ ନମ୍ବର୍ ୨୦୨/୨୫ରେ ଏକ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି ।

## ସାପକାମୁଡ଼ାରେ ନାବାଳିକାର ମୃତ୍ୟୁ

**କୁଚିଣ୍ଡା,୧ ।୪ (ନିପ୍ର):** ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ବାଉରୀଗୋଡା(ରୂପଧରବାର୍ଡ) ଗ୍ରାମର ଜଣେ ନାବାଳିକାଙ୍କ ସାପ କାମୁଡାରେ ମୃତ୍ୟୁ ହୋଇଛି । ସେ ହେଲେ ଜୟନାରାୟଣ ନାଏକଙ୍କ ଝିଅ ସିତୁ(୧୩)। ସୋମବାର ଦିନ ସାଢେ ୧୧ ଟାରେ ସେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଗାଧୋଉଥିବା ସମୟରେ ପାଣି ଭିତରେ ତାଙ୍କୁ ସାପ କାମୁଡି ଦେଇଥିଲା । ସେ ଘରକୁ ଆସି ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ୩ଟା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା । ଏନେଇ ପୋଲିସ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରି ମୃତ ଦେହ ବ୍ୟବଚ୍ଛେଦ କରାଇଛି ।

## ବାବା ରାମେଶ୍ୱର ଶିବ ମନ୍ଦିରର ବାର୍ଷିକ ଉତ୍ସବ

ଯୋଡ଼ା,୧/୪ (ନିପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ମାର୍ଚ୍ଚ ମାସ ୩୧ ତାରିଖରେ ଶ୍ରୀ ଶ୍ରୀ ବାବା ରାମେଶ୍ୱର ଶିବ ମନ୍ଦିରର ବାର୍ଷିକ ଉତ୍ସବ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି । ୩ ଦିନ ଧରି ଅନୁଷ୍ଠିତ ଏହି ପ୍ରତିଷ୍ଠା ଉତ୍ସ୍ୱ ଏକ ଆଧାତ୍ମିକ ପରିବେଶ ଭିତରେ ଧୁମଧାମର ସହ ପାଳନ ହେଉଛି । ମଙ୍ଗଳବାର ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମରେ ଭୂୟାଁ ରୋଇଡା ପଞ୍ଚାୟତ ରୋଇଡା ଗ୍ରାମରେ ସ୍ୱର୍ଗତ ବିଶ୍ୱନାଥ ପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ଶ୍ରୀ ବାବା ରାମେଶ୍ୱର ମହାଦେବ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୨୦୦୪ ମସିହାରେ ଭୂମିପୂଜନ ହେବା ପରେ ୨୦୦୯ ମସିହାରେ ଠିକ୍ ଏହି ତାରିଖରେ ପ୍ରତିଷ୍ଠା ହୋଇଥିଲା ଏହି ଶିବ ମନ୍ଦିର । ଆଉ ସେଇ ଦିନ ପାଖରୁ ବାବାଙ୍କ କୃପା ଓ ଅଲୌକିକ ଲୀଳାରୁ ଧୀରେ ଧୀରେ ଯୋଡି ହୋଇଛନ୍ତି ଶହ ଶହ ଶ୍ରଦ୍ଧାଳୁ । ମନ୍ଦିର ସହ ଜଡ଼ି ହୋଇଛନ୍ତି ଶହ ଶହ ଭକ୍ତ । ସ୍ଥାନୀୟ ଭୂୟାଁ ରୋଇଡା ସରପଞ୍ଚ ତୁଳସୀ ବବଙ୍ଗାଙ୍କ ନେତୃତ୍ୱରେ ବାବା ରାମେଶ୍ୱର ମନ୍ଦିରର ଏହି ବାର୍ଷିକ ଉତ୍ସବଟି ମନ୍ଦିରର ରୀତିନୀତି ଅନୁଯାୟୀ ପାଳିତ ହୋଇଥିଲା । ଯଜ୍ଞ ଆରମ୍ଭ ପୂର୍ବରୁ ୧୦୮ ଜଣ ମହିଳା କ୍ୟାଥହାଟିଂ ସୁନାନଦୀ ଘାଟରୁ ମନ୍ତ୍ର ଉଚ୍ଚାରଣ ପୂର୍ବକ କଳସୀରୁ ପାଣି ଉଠାଇ ଶୋଭାଯାତ୍ରାରେ ଯଜ୍ଞ ସ୍ଥଳରେ ପହଞ୍ଚି ଥିଲେ ।ବ୍ରତଧାରୀ ଜଳଭର୍ତ୍ତି କଳସୀ ସମୂହକୁ ଯଜ୍ଞ ମଣ୍ଡପରେ ସ୍ଥାପନ କରି ପରବର୍ତ୍ତୀ କାର୍ଯ୍ୟସୂଚୀ ଅନୁଯାୟୀ ମାଙ୍ଗଳିକ କାର୍ଯ୍ୟକ୍ରମ ସମୂହ ଅନୁଷ୍ଠିତ ହୋଇଥିଲା । ସନାତନ ପାତ୍ର ଓ ଗୀତା ପାତ୍ର କର୍ତ୍ତା ଭାବେ ଯଜ୍ଞସ୍ଥଳରେ ବସି ପୂଜା କରିଥିଲେ । ବାର୍ଷିକ ଉତ୍ସବ ଲାଗି ଅଙ୍କୁରରୋପଣ ,କଳସ ଯାତ୍ରା,ସୂର୍ଯ୍ୟ ପୂଜା,ଅଗ୍ନି ସ୍ଥାପନ ଓ ହୋମଯଜ୍ଞ କରାଯାଇଥିବା ବେଳେ ବୁଧବାର ପୂର୍ଣ୍ଣାହୁତି ହେବ ବୋଲି କହିଛନ୍ତି ମନ୍ଦିର ପୂଜକ । ମନ୍ଦିର ବାର୍ଷିକ ଉତ୍ସବରେ ଶହ ଶହ ଶ୍ରଦ୍ଧାଳୁଙ୍କ ସହିତ ବହୁ ମାନ୍ୟଗଣ୍ୟ, ସମାଜସେବୀ, ବୁଦ୍ଧିଜୀବୀ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ । ୩ ଦିନ ଧରି କାର୍ଯ୍ୟକ୍ରମ କରାଯାଉ ଥିବା ବେଳେ ଆସୁଥିବା ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମନ୍ଦିର ତରଫରୁ କରାଯାଇଛି । ଏହି ୧୬ ତମ ମନ୍ଦିର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳର ସଞ୍ଜୟ ପାତ୍ର ଓ ଗ୍ରାମବାସୀ ପରିଚାଳନା କରୁଥିବା ଦେଖା ଯାଇଥିଲା ।

## ଦାମନଯୋଡିରେ ଉତ୍କଳ ଦିବସ

ଦାମନଯୋଡି,୧/୪(ନିପ୍ର): ଦାମନଯୋଡିରେ ବିଭିନ୍ନ ସଂଗଠନ ପକ୍ଷରୁ ୮୯ତମ ଉତ୍କଳ ଦିବସ ପାଳନ କରାଯାଇଥିଲା । ଶାବରୀ ହ୍ରଦ ନିକଟରେ ଥିବା ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ସ୍ମୃତି ଚାରଣ କରାଯାଇଥିଲା । ସେହିପରି ସାଇ ଉଦ୍ୟାନରେ ଥିବା ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସ୍ମୃତିଚାରଣ କରାଯାଇଥିଲା । ନାଲକୋ ଜନମଙ୍ଗଳ ବିଭାଗ, ବର୍ଷା ସାହିତ୍ୟ ସଂସଦ, ସମ୍ବାଦ ସାହିତ୍ୟ ଘର, ପ୍ରକୃତି ବନ୍ଧୁ, ରାଷ୍ଟ୍ରଦୀପ ପ୍ରସାର ସମିତି, ବନ୍ଦେ ଉତ୍କଳ ଜନନୀ, ମିଡିଆ ହାଉସ୍ ଦାମନଯୋଡି ସମେତ ବହୁ ସଂଗଠନ ପକ୍ଷରୁ ଉତ୍କଳ ଦିବସ ପାଳନ କରାଯାଇଥିଲା । ନାଲକୋ ଜନ ମଙ୍ଗଳ ବିଭାଗ ତତ୍ତ୍ୱାବଧାନରେ ନିଜସ୍ୱ ପ୍ରେକ୍ଷ୍ୟାଳୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ପଞ୍ଚମ ବୃତ୍ତିରେ ପରୀକ୍ଷାରେ ୨ଜଣ ଓ ନବୋଦୟ ପରୀକ୍ଷାରେ ଜଣେ ଉତ୍ତୀର୍ଣ୍ଣ

ଚାରିଛକ,୧ ।୪ (ନିପ୍ର); ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ତୁଳସୀପୁରର ଛାତ୍ର ସାଇକ୍ରୀଷ୍ଣା ସ୍ୱାଇଁ ଓ ଛାତ୍ରୀ ଆଦ୍ୟାଶା ସ୍ୱାଇଁ ପଞ୍ଚମ ବୃତ୍ତି ପରୀକ୍ଷାରେ ଉତିର୍ଣ୍ଣ ହୋଇଥିବା ବେଳେ ସାଇକ୍ରୀଷ୍ଣା ବ୍ଲକରେ ଦ୍ୱିତୀୟ ସ୍ଥାନ ପାଇଛନ୍ତି । ସେହିପରି ଦ୍ୱିତୀକୃଷ୍ଣ ଶତପଥି ପଞ୍ଚମ ଶ୍ରେଣୀ ନବୋଦୟ ପରୀକ୍ଷାରେ ଉତିର୍ଣ୍ଣ ହୋଇଛନ୍ତି । ଶିକ୍ଷାକେନ୍ଦ୍ର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କ ଏହି ସଫଳତା ପାଇଁ ଅଭିଭାବକମାନଙ୍କ ମହଲରେ ବେଶ ଆନନ୍ଦ ଦେଖାଦେଇଛି । ଏହି ସଫଳତା ପାଇଁ ଶିକ୍ଷାକେନ୍ଦ୍ରର ସଂପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ ଅଧକ୍ଷ ନରେନ୍ଦ୍ର କୁମାର ଶତପଥିଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ରାଷ୍ଟ୍ରୀୟ ନବବର୍ଷ ଦିବସ

ଟାଙ୍ଗୀ-ଚୌଦ୍ୱାର,୧ ।୪ (ନିପ୍ର): ଚୌଦ୍ୱାର ଥାନା ଅନ୍ତର୍ଗତ ଆଗ୍ରାହାଟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରଧାନ ଆଚାର୍ଯ୍ୟ ବିଜୟ ପ୍ରତାପ ସାହୁଙ୍କ ପୌରୋହିତ୍ୟରେ ରାଷ୍ଟ୍ରୀୟ ନବବର୍ଷ ଦିବସ ପାଳିତ ହୋଇଯାଇଛି । ଏଥିରେ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ତଥା ସର୍ବଭାରତୀୟ ଶିକ୍ଷକ ନେତା ପ୍ରତାପ କିଶୋର ମହାପାତ୍ର, ଉପସଭାପତି ବିଜୟ କୁମାର ଜେନା, ଶିକ୍ଷାବିତ୍ ତ୍ରିଲୋଚନ ସାହୁ, ବରିଷ୍ଠ ଗୁରୁଜୀ ଚିତ୍ତରଂଜନ ଦାସ, ଗୁରୁମା ରୁକ୍ମିଣୀ ପତ୍ରୀ, ସଦସ୍ୟ ଅଂଶୁମାନ ରାଉତ ପ୍ରମୁଖ ଯୋଗଦାନ କରି ଅନ୍ୟ ଦିବସର ତାତ୍ପର୍ଯ୍ୟ ଓ ମହାତ୍ମାମାନଙ୍କ ଆବିର୍ଭାବ ଉପରେ ବିଷଦ ବାଖ୍ୟା ସହିତ ଅଭିଭାଷଣ ରଖିଥିଲେ । ଗୁରୁମା ଅମ୍ବିକା ସିଂ, ସ୍ନେହଲତା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୁରୁମା ନିରୁପମା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ନିରଂଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ତାମିଲନାଡୁରୁ ଉଦ୍ଧାର ୫୬ ବନ୍ଧିତ ଶ୍ରମିକ ସୁରକ୍ଷିତ ଭାବେ କଳାହାଣ୍ଡି ଫେରିଲେ

ଗୋଲାମୁଣ୍ଡା,୧ ।୪ (ନିପ୍ର); କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ନିର୍ଯାତନାର ଶିକାର ହୋଇ ଘରକୁ ଫେରିବାର ଅନେକ ଦୃଷ୍ଟାନ୍ତ ରହିଛି । ପରେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ପ୍ରଶାସନ ସେମାନଙ୍କୁ ଉଦ୍ଧାର କରି ଆଣିବା ଘଟଣା ସାମ୍ନାକୁ ଆସିଛି । କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ଅନେକ ଦାଦନ ଶ୍ରମିକ ତାମିଲନାଡୁକୁ କାମ ପାଇ ଯାଇଥିଲେ । କଣ୍ଟାବାଞ୍ଜିର ଆକବର ଖାନ ନାମକ ଜଣେ ମଧ୍ୟସ୍ଥିଙ୍କ ଜରିଆରେ ଅଗ୍ରିମ ଟଙ୍କା ନେଇ କାମ ପାଇଁ ଯାଇଥିଲେ । ସେଠାରେ ଜଣେ ଇଟା ମାଲିକଙ୍କ ପାଖରେ ଇଟା ଗଢୁଥିଲେ । ଦିନକୁ ୧୫ରୁ ୧୬ ଘଣ୍ଟା କାମ କରୁଥିଲେ । ତଥାପି ଇଟାଭାଟି ମାଲିକ ଅନେକ ସମୟରେ ଏମାନଙ୍କୁ ମାରପିଟ କରୁଥିବା ଶ୍ରମିକ ଲକ୍ଷ୍ମଣ ବାଗ ପ୍ରକାଶ କରିଛନ୍ତି । ଏଭଳି ଏକ ଘଟଣା ଆଜି କେସିଙ୍ଗା ରେଳ ଷ୍ଟେସନରେ ଦେଖିବାକୁ ମିଳିଛି । ତାମିଲନାଡୁକୁ ଦାଦନ ଯାଇ ସେଠାରେ ନିର୍ଯାତିତ, ନିର୍ଯାତନା ଅସହ୍ୟ ହେବା ପରେ କେତେକ ଶ୍ରମିକ ୟୁଟ୍ୟୁବ ଜରିଆରେ ଶ୍ରମ ବିଭାଗର ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରି ସେମାନଙ୍କୁ ଉଦ୍ଧାର କରିବାକୁ ଅନୁରୋଧ କରିଥିଲେ । ପରେ ଶ୍ରମ ବିଭାଗ ଅଧିକାରୀମାନେ ସେଠାରେ ପହଞ୍ଚି ଶ୍ରମିକମାନଙ୍କୁ ଉଦ୍ଧାର କରି ଓଡ଼ିଶା ପଠାଇଛନ୍ତି । ରବିବାର ଟ୍ରେନ ଯୋଗେ ସନ୍ଧ୍ୟାରେ କେସିଙ୍ଗା ରେଳ ଷ୍ଟେସନରେ ୫୬ ଜଣ ଶ୍ରମିକ ପହଞ୍ଚିଥିଲେ ।



## ରାଜସ୍ୱ ଗ୍ରାମ ରୂପେ ମାନ୍ୟତା ପାଇଲା ଆସିକା ବ୍ଲକ ହୁମୁକି ଗ୍ରାମ

ଆସିକା,୧ ।୪ (ନିପ୍ର): ଆସିକା ତହସିଲ ଅନ୍ତର୍ଗତ ବାବନପୁର ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ ଖରିଆ ପଞ୍ଚାୟତର ହୁମୁକି ଗ୍ରାମପଡା ଗ୍ରାମରୂପେ ଦୀର୍ଘବର୍ଷ ହେଲା ରେକର୍ଡରେ ରହିଥିଲା । ଦୀର୍ଘ ୩୫ ବର୍ଷ ପରେ ଆସିକା ବିଧାୟକ ଏବଂ ଦକ୍ଷ ଆଗ୍ରହୀ ତହସିଲଦାରଙ୍କ ଉଦ୍ୟମରେ ଏହି ହୁମୁକି ଗ୍ରାମଟି ବର୍ତ୍ତମାନ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଥିବା ଏହି ବୈଠକରେ ଘୋଷଣା କରିଛନ୍ତି ଆସିକା ବିଧାୟକ ସରୋଜ କୁମାର ପାଢ଼ୀ । ଖରିଆ ପଂଚାୟତର ହୁମୁକି ଗ୍ରାମବାସୀମାନେ ବହୁବାର ଅନେକ ପ୍ରଶାସନିକ ଅଧିକାରୀ ଏବଂ ରାଜନେତାମାନଙ୍କୁ ଗୁହାରି କରିଥିଲେ ମଧ୍ୟ ସଫଳ ହୋଇନଥିଲା । ସୋମବାର ବିଧାୟକ ଏବଂ ନୂତନ ଭାବେ ଅଳ୍ପ ଦିନହେଲା ଯୋଗ ଦେଇଥିବା ତହସିଲଦାର ସଂଗୀତା ସେଣ ଲୋକମାନଙ୍କୁ ପ୍ରତଶ୍ରୁତି ପ୍ରଦାନ କରିଥିଲେ ।

## ବିଂଶତମ ପୁଣ୍ୟତିଥିରେ ଜିନ୍ଦଲ ଷ୍ଟିଲ ପକ୍ଷରୁ ଓପି ଜିନ୍ଦଲଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ସ୍ମୃତିରେ ରକ୍ତଦାନ ଶିବିରରେ ୩ ଶହରୁ ଅଧିକ ୟୁନିଟ ସଂଗ୍ରହ

ଯୋଡ଼ା,୧ ।୪ (ନିପ୍ର): ବିଶିଷ୍ଟ ଶିଳ୍ପପତି ଏବଂ ଓ. ପି. ଜିନ୍ଦଲ ଗ୍ରୁପର ପ୍ରତିଷ୍ଠାତା ଅଧକ୍ଷ ତଥା ବାଉଜୀ ଭାବେ ବେଶ ଲୋକପ୍ରିୟ ଓମ ପ୍ରକାଶ ଜିନ୍ଦଲଙ୍କ ବିଂଶତମ ପୁଣ୍ୟତିଥି ଜିନ୍ଦଲ ଷ୍ଟିଲର ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଓ ଟେନସା ମାଇନ୍ସରେ ଶ୍ରଦ୍ଧାର ସହ ପାଳିତ ହୋଇଛି । ମାର୍ଚ୍ଚ ୩୧ ତଥା ତାଙ୍କ ପୁଣ୍ୟ ତିଥିରେ ଜିନ୍ଦଲ ଷ୍ଟିଲର ବିଭିନ୍ନ କାର୍ଯ୍ୟସ୍ଥଳରେ ବିଭିନ୍ନ ଆଧାତ୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପୁଣ୍ୟତିଥି ପାଳନ ଅବସରରେ କଲୋନି ପରିସର ମନ୍ଦିରରେ ପୂଜା ଓ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା । ବଡ଼ବିଲ ପେଲେଟ ପ୍ଲାଣ୍ଟ ୟୁନିଟ ହେଡ୍ ଶ୍ରୀ ପୁରୁଷୋତ୍ତମ ଏମ ଡି, କାଶିଆ ମାଇନ୍ସ ୟୁନିଟ ହେଡ୍ ପ୍ରମୋଦ କୁମାର ପାତ୍ର, ଟେନସା ମାଇନ୍ସ ୟୁନିଟ ହେଡ୍ ରଘୁରାଜ ରଘୁବଂଶୀ ଓ ଏଚଆର ଏଣ୍ଡ ଇଏସ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ସାମିଲ ହୋଇ ପୁଣ୍ୟାତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜିନ୍ଦଲ ନଗରରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି ଓପି ଜିନ୍ଦଲଙ୍କ ସ୍ମୃତି ଚାରଣ କରିଥିଲେ । ସମସ୍ତ ୩ଟି ୟୁନିଟରେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ ହୋଇଥିଲା । ପେଲେଟ ପ୍ଲାଣ୍ଟ ଓ କାଶିଆ ମାଇନ୍ସରେ କେନ୍ଦୁଝର ଓ ଟେନସା ମାଇନ୍ସରେ ସୁନ୍ଦରଗଡ଼ ଜିଲ୍ଲା ବ୍ଲଡବ୍ୟାଙ୍କ ସହାୟତାରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ୩ଶହରୁ ଅଧିକ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । କର୍ମଚାରୀଙ୍କ ସମେତ ପାରିପାର୍ଶ୍ୱିକ ଅଞ୍ଚଳର ଲୋକେ ମଧ ଉତ୍ସାହର ସହ ରକ୍ତଦାନ କରିଥିଲେ । ସମାଜ ପ୍ରତି ଜିନ୍ଦଲ ଷ୍ଟିଲର ଉତ୍ତର ଦାୟିତ୍ୱ ଏହି ଶିବିର ମାଧମରେ ପ୍ରତିଫଳିତ ହୋଇଥିଲା । ସେହିପରି ଲେଡିଜ କ୍ଲବ ପକ୍ଷରୁ ଟାଉନସିପରେ ଏକାଧିକ ସ୍ମୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କର୍ମଚାରୀ ଓ ବିଜନେସ ଆସୋସିଏଟ୍ସ ସାମିଲ ହୋଇଥିଲେ । ଜିନ୍ଦଲ ଷ୍ଟିଲର ଭୁବନେଶ୍ୱର କାର୍ଯ୍ୟାଳୟରେ ମଧ ଶ୍ରୀ ଓପି ଜିନ୍ଦଲଙ୍କୁ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ରାଉରକେଲା ରିଜର୍ଭ ପୋଲିସ୍ ପଡିଆରେ ୯୦ତମ ପୋଲିସ୍ ପ୍ରତିଷ୍ଠା ଦିବସ

ରାଉରକେଲା, ୧/୪ (ନିପ୍ର): ୧୯୩୬ ମସିହାର ଏପ୍ରିଲ ୧ ତାରିଖ ଦିନ ବିହାର ଏବଂ ଓଡିଶା ଠାରୁ ଅଲଗା ହୋଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ବା ଓଡିଶା ପ୍ରଦେଶ ଗଠନ ହୋଇଥିଲା । ଆଜିର ସେହି ଦିନକୁ ସ୍ମରଣ କରି ଓଡିଶା ଦିବସ ପାଳନ ସହିତ ପୋଲିସ୍ ବାହିନୀର ଗଠନକୁ ମନେପକାଇବା ପାଇଁ ରାଉରକେଲା ରିଜର୍ଭ ପୋଲିସ୍ ପଡିଆରେ ୯୦ତମ ପୋଲିସ୍ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ପଶ୍ଚିମାଞ୍ଚଳ ପୋଲିସ୍ ଡିଆଇଜି ବ୍ରିଜେଶ କୁମାର ରାୟ ଯୋଗଦେଇ ପୋଲିସ୍ ବିଭାଗ ପକ୍ଷରୁ ଆୟୋଜିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସମ୍ମାନିତ ଅତିଥି ଭାବେ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ ଏବଂ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ୯୦ତମ ପୋଲିସ୍ ପ୍ରତିଷ୍ଠା ଦିବସ ସମ୍ପର୍କରେ ବର୍ଣ୍ଣନା କରିବା ସହ ଓଡିଶାର ରାଜ୍ୟପାଳ ହରିବାବୁ କମ୍ଭମପତିଙ୍କ ୯୦ତମ ପୋଲିସ୍ ପ୍ରତିଷ୍ଠା ଦିବସ ଅବସରରେ ବାର୍ତ୍ତା ପଢି ଶୁଣାଇଥିଲେ । ଏହାପରେ ଓଡିଶା ଦିବସ ଏବଂ ପୋଲିସ୍ ପ୍ରତିଷ୍ଠା ଦିବସ ଅବସରରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ବାର୍ତ୍ତା ପଢି ଶୁଣାଇ ଥିଲେ ପଶ୍ଚିମାଞ୍ଚଳ



ଡିଆଇଜି ବ୍ରିଜେଶ କୁମାର ରାୟ । ୯୦ତମ ପୋଲିସ୍ ପ୍ରତିଷ୍ଠା ଦିବସ ଅବସରରେ ୧୫ ଜଣ ପୋଲିସଙ୍କୁ ସେମାନଙ୍କ କାର୍ଯ୍ୟଦକ୍ଷତା ପାଇଁ ପ୍ରମାଣପତ୍ର, ମୋମେଣ୍ଟୋ, ପୁଷ୍ପଗୁଚ୍ଛ ଓ ନଗଦ ଅର୍ଥରାଶି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା ।

## ଦିବାରାତ୍ର ଭଲିବଲ୍: ପୁରୀ ଦଳ ଚାମ୍ପିଅନ୍

**ନିମାପଡ଼ା,୧ ।୪ (ନିପ୍ର);** ନିମାପଡ଼ା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ପ୍ରଥମ ଜିତେନ୍ ବରାଳ ସ୍ମାରକୀ ଦିବାରାତ୍ର ଭଲିବଲ୍ ପ୍ରତିଯୋଗୀତା ରବିବାର ଦିନ ବାରବାଟି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ୍ ଖେଳରେ ପୁରୀ କ୍ଲବ୍ ବନାମ ଭୁବନେଶ୍ୱରସ୍ଥିତ ରେନ୍‌ବୋ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇ ୨-୦ରେ ଭୁବନେଶ୍ୱର ଦଳକୁ ପରାସ୍ତ କରି ପୁରୀ ଦଳ ଚାମ୍ପିଅନ୍ ହୋଇଥିଲା ।

ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରୀର ସିଦ୍ଧାନ୍ତ ପ୍ରଧାନ, ବେଷ୍ଟ ସେଟର ଭାବେ ରାଜ କିଣ୍ଡୋ, ବେଷ୍ଟ ଆଟାକର ଭୁବନେଶ୍ୱରର ଶୁକଦେବ ବାରିକ, ବେଷ୍ଟ ଲବେରୋ ରଶ୍ମି ରଂଜନ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟୁତ୍ ଭୂଷଣ ରଥ, ଶ୍ରୀକାନ୍ତ ନାୟକ, ସୁବନ୍ଧ କୁମାର ଜେନା ମ୍ୟାଚ୍ ପରିଚାଳନା କରିଥିଲେ । ଅଂଚଳର ପୂର୍ବତନ ଖେଳାଳୀ ସରାଫତ ଅଲ୍ଲୀ ଖାଁ, ଭବାନୀ ଶଙ୍କର ଆଚାର୍ଯ୍ୟ, ସରୋଜ କୁମାର ଦାଶ, ବିଦ୍ୟାଧର ମଙ୍ଗରାଜ, ଜୟନ୍ତ ନାୟକ, ବିଚିତ୍ରାନନ୍ଦ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଭବାନୀପାଟଣାରେ ଅନ୍ତର୍ଜାତୀୟ ତୃତୀୟ ଲିଙ୍ଗୀ ସଚେତନତା କର୍ମଶାଳା

ଭବାନୀପାଟଣା, ୧ ।୪ (ନିପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଜିଲ୍ଲା ସ୍ୱରୀୟ ତୃତୀୟ ଲିଙ୍ଗୀ ଦିବସ-୨୦୨୫ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଅମଲାଭବନ ଠାରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସାମାଜିକ ସାମା ସୁରକ୍ଷା ଅଧିକାରୀ ବିରେନ୍ଦ୍ର କହଁର ଯୋଗଦାନ କରି ତୃତୀୟ ଲିଙ୍ଗୀଙ୍କ ନିମନ୍ତେ ବିଭିନ୍ନ ସରକାରୀ ଯୋଜନା ଓ ଅଧିନିୟମ ସମ୍ପର୍କରେ ସୂଚନା ପ୍ରଦାନ କରି ଏହା ଉପରେ ଆଲୋଚନା କରିବା ସହ ଉଦ୍‌ବୋଧନ ଦେଇଥିଲେ । ଏଥିରେ ସମ୍ମାନିତ ଅତିଥି ଭାବରେ କଳାହାଣ୍ଡି ଜିଲ୍ଲା କିନ୍ନର ସଂଘ, ସଭାନେତ୍ରୀ କାମିନୀ କିନ୍ନର, ଲୋକସେବକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପରିଚାଳକ ଅଜିତ କୁମାର ମହାନ୍ତି, ଭବାନୀପାଟଣା ସ୍ଥିତ ଦାପ୍ତା ଅନୁଷ୍ଠାନର ପରିଚାଳକ ରାକେଶ ନାଏକ, ଧର୍ମଗଡ ଏନଏସିର କର୍ମଚାରୀ ବୁଲବୁଲ କିନ୍ନର, ସପନ କୁମାର ବେହେରା ପ୍ରମୁଖ ଯୋଗଦାନ କରି ତୃତୀୟ ଲିଙ୍ଗୀମାନଙ୍କ ପାଇଁ ସରକାରରେ ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ଓ ସେମାନଙ୍କ ଅଧିକାର ବିଷୟରେ କହିଥିଲେ । ଏହାସହ ତୃତୀୟ ଲିଙ୍ଗୀ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ ଅତିଥି ବୃନ୍ଦ ବୃନ୍ଦ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ତୃତୀୟ ଲିଙ୍ଗୀ ବ୍ୟକ୍ତିବିଶେଷ, ରକ୍ଷ, ଜିଲ୍ଲା ଓ ବ୍ଲକର ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀବୃନ୍ଦ, ସ୍ୱେଚ୍ଛାସେବୀ ସଂଗଠନ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ । ଇତ୍ୟବସରରେ କଳାହାଣ୍ଡି କିନ୍ନର ସଂଘର ସଭାନେତ୍ର କାମିନୀ କିନ୍ନର ଜିଲ୍ଲା ପ୍ରଶାସନ ପ୍ରଶାସନ ଆମକୁ କିଛି ରୋଜଗାର ଦିଅନ୍ତୁ । କଳାକାର କିନ୍ନର ମାନକୁ ବି ଜିଲ୍ଲା କଳାହାଣ୍ଡି ଉତ୍ସବ ରେ ସେ ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନର ସୁଯୋଗ ଦିଅନ୍ତୁ ବୋଲି କହିଥିଲେ ।

ମୌଳିକ ଅଧିକାରରେ ସମସ୍ତ କିନ୍ନରଙ୍କୁ ସରକାରୀ ସହାୟତା ମିଳୁ ବୋଲି ଜିଲ୍ଲା ସାମାଜିକ ମାଜିକ ସୁରକ୍ଷା ଅଧିକାରୀ ଶ୍ରୀ କହଁରଙ୍କୁ ଅନୁରୋଧ କରିଥିଲେ । ଜିଲ୍ଲା ଜିଲ୍ଲା ସାମାଜିକ ସାମ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜୁନିୟର ଆସିଷ୍ଟାଣ୍ଟ ଅରୁଣ ମହାପାତ୍ର ଓ ସୁଜିତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଇତ୍ୟବସର ଘରରେ କିଛି କିନ୍ନର ଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା ।

## ମହୁଲ ବେପାରୀ ସ୍ୱଳ୍ପ ମୂଲ୍ୟରେ ଶୋଷି ନେଉଛନ୍ତି

ଦେବଗଡ,୧ ।୪ (ନିପ୍ର); ଦେବଗଡ଼ ଜିଲ୍ଲାରେ ମହୁଲ ଗୋଟାଳି ଦିନତମାମ ମହୁଲ ଗୋଟାଇ ହାଲିଆ ହୋଇପଡୁଥିଲା ବେଳେ, ମହୁଲ ଗୋଟାଳିଙ୍କୁ ଦଲାଲ୍‌ମାନେ ସ୍ୱଳ୍ପ ମୂଲ୍ୟ ଦେଇ ଶୋଷି ନେଉଛନ୍ତି । ସେମାନଙ୍କ ଦିନଯାକର ଶ୍ରମ ଲଘୁ ବନଜାତ ଦ୍ରବ୍ୟ ମଧ୍ୟରେ ମହୁଲ ଫୁଲ ଆଦିବାସୀଙ୍କ ଅର୍ଥ ଉପାର୍ଜନ ବଡ ମାଧ୍ୟମ, ଆବହମାନ କାଳରୁ ଆଦିବାସୀ ଜନଜାତିର ଲୋକେ ମହୁଲ ଫୁଲ ସଂଗ୍ରହ କରି ଋତୁକାଳୀନ ଅର୍ଥ ରୋଜଗାରରେ ଲାଗିଥାନ୍ତି । ଫଗୁଣ ମାସ ଗ୍ରୀଷ୍ମ ଆଗମନରେ ମହୁଲ ଗଛ ରୁ ଫୁଟି ତଳେ ପଡି ଯାଉଥିବାରୁ ଜଙ୍ଗଲ ତଥା ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକେ ତାହା ସଂଗ୍ରହ କରି ବିକ୍ରି କରିଥାନ୍ତି । ମହୁଲ ଫୁଲକୁ ଶୁଖାଇ ବିକ୍ରି କରାଯାଇଥାଏ । ତେବେ ସେମାନେ କଷ୍ଟ କରି ଗୋଟେଇ ଥିବା ମହୁଲ ଫୁଲ ଖୁବ୍ କମ୍ ଦରରେ ଦଲାଲ୍‌ମାନେ ଗ୍ରାମାଞ୍ଚଳର ଗଳିକନ୍ଦିରେ ବୁଲି କ୍ରୟ କରୁଛନ୍ତି । ମହୁଲ ବେପାରି ମାନେ କିଲୋ ପ୍ରତି ୧୮ ରୁ ୨୦ ଟଙ୍କା ରେ କ୍ରୟ କରି, ଦୁଇଗୁଣା ଚଢା ଦରରେ ବିକ୍ରି କରିଥାନ୍ତି । ଏଭଳି ସ୍ଥିତିରେ ଦୁଇ ମାସ ବିତିଯାଇଥିଲେ ମଧ୍ୟ ଦଲାଲ୍‌ମାନେ କମ୍ ଦରରେ କିଣି ଶୋଷଣ ନୀତି ଆପଣେଇଛନ୍ତି । ସରକାର ମହୁଲ ଫୁଲର ଦର ନିର୍ଦ୍ଧାରଣ କରି ନାହାଁନ୍ତି । ପୂର୍ବ ବର୍ଷ ପରି ଫେବୃୟାରୀ ମାସରୁ ମହୁଲ ଫୁଲ ଦର ରାଜ୍ୟ ସରକାରଙ୍କ ଧାର୍ଯ୍ୟ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାହା ବିଧିବଦ୍ଧ ଭାବେ ଘୋଷଣା କରିନାହାନ୍ତି । ଫଳସ୍ୱରୂପ ମହୁଲ ବେପାରୀମାନେ କମ୍ ଦରରେ କିଣି ମାଲେମାଲ ହେଉଛନ୍ତି । କିଣିବା ବ୍ୟକ୍ତି ଅବକାରୀ ବିଭାଗ ପାଖରୁ ଲାଇସେନ୍ସ କରି ଥିବା ଦରକାର, ପ୍ରତିବର୍ଷ ଲାଇସେନ୍ସ



କରିବା ନିୟମ ଅଛି । ବିନା ଲାଇସେନ୍ସ ରେ ଗ୍ରାମାଞ୍ଚଳ ରେ ଗଳିକନ୍ଦି ବୁଲି ମହୁଲ ଫୁଲ ମନଇଚ୍ଛା ଦରରେ କିଣୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଦେବଗଡ଼ ଜିଲ୍ଲା ର ବିଭିନ୍ନ ସ୍ଥାନରେ ଗଢି ଉଠିଛି ଦେଶୀ ମଦ ଭାଟି, ଯାହାକି ସରକାରୀ ଲାଇସେନ୍ସ ପ୍ରାପ୍ତ ହେଉଛି କି ନାହିଁ ଅବକାରୀ ବିଭାଗକୁ ଜଣା । ଦେଶୀ ମଦ ଭାଟିରେ ମହୁଲ ଫୁଲ ହେଉଛି ମୁଖ୍ୟ କଞ୍ଚା ମାଲ୍ ।

## ବଣିଆପାଟ ଶିଶୁ ମନ୍ଦିରରେ ପ୍ରଗତି ଉତ୍ସବ

କେନ୍ଦୁଝର,୧ ।୪ (ନିପ୍ର); ସ୍ଥାନୀୟ କଲେଜରୋଡ ସ୍ଥିତ ବଣିଆପାଟ ଶିଶୁ ମନ୍ଦିରରେ ପ୍ରଗତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଗତି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଶିକ୍ଷା ବିକାଶ ସମିତି ଉତ୍ତର ସମ୍ଭାଗର ପ୍ରାକ୍ତନ ସଂପାଦକ ନୀଳମଣି ସାହୁ ଯୋଗ ଦେଇ ପିଲାମାନଙ୍କ ଉତ୍ତରୋତ୍ତର କାମନା କରିଥିଲେ । ପରିଚାଳନା ସମିତିର ଉପସଭାପତି ହୃଦାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲାବେଳେ । ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ଼ ଅତିଥି ପରିଚୟ ଓ ପ୍ରଗତି ଉତ୍ସବର ଆଭିମୁଖ୍ୟ କରିଥିଲେ । ପର୍ଯ୍ୟାୟ ପ୍ରମୁଖ ବନମାଳୀ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ବିଦ୍ୟାମନ୍ଦିର ପ୍ରମୁଖ ରାଜୀବ ଲୋଚନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ଶ୍ରେଣୀ ଠାରୁ ୯ମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସମସ୍ତ ଛାତ୍ର ଛାତ୍ରୀ ତଥା ଆଚାର୍ଯ୍ୟ ଆଚାର୍ଯ୍ୟା ମାନେ ଏଥିରେ ସହଯୋଗ କରିଥିଲେ ।

## ଆନ୍ତର୍ଜାତିକ ଟ୍ରାନ୍ସଜେଣ୍ଡର ଦିବସ: ସାମାଜିକ ପରିବର୍ତ୍ତନ ପାଇଁ ସମଗ୍ର ପ୍ରୟାସ ଜରୁରୀ

ଭଦ୍ରକ,୧ ।୪ (ନିପ୍ର): ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଟ୍ରାନ୍ସଜେଣ୍ଡର ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଦିଲୀପ ରାଉତରାଏ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟ୍ରାନ୍ସଜେଣ୍ଡରଙ୍କ ନିମନ୍ତେ ଅଭିନବ ଯୋଜନା ସ୍ୱୀକୃତି ପରିକଳ୍ପନା ସମ୍ବନ୍ଧରେ ଆଲୋକପାତ କରିବା ସହିତ ଟ୍ରାନସ୍‌ଜେଣ୍ଡର ମାନଙ୍କୁ ସ୍ୱାବଲମ୍ବୀ କରି ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ କରିବା ଦିଗରେ ଏସବୁ କେତେ ଉପଯୋଗୀ ଦର୍ଶାଇଥିଲେ । ଆଗଭଳି



ସେମାନଙ୍କ ପ୍ରତି ଅବିଚାର, ଅବହେଳା ମନୋଭାବର ସାମାଜିକ ଚିତ୍ର ବଦଳି ଯାଇଛି । ଆଗକୁ ଏହି ପରିବର୍ତ୍ତନ ପାଇଁ ସାମଗ୍ରୀକ ପ୍ରୟାସ ନିହାତି ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସୁଧାଂଶୁ ଶେଖର ବଳ, ଭଦ୍ରକ ପୌରପାଳିକା / ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇ ଟ୍ରାନସ୍‌ଜେଣ୍ଡର ମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଦିଗରେ ଉଦ୍ଦିଷ୍ଟ ସମସ୍ତ ସରକାରୀ ବ୍ୟବସ୍ଥା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ସ୍ୱୀକୃତି ଯୋଜନାରେ ଉପଲବ୍ଧ ସମସ୍ତ ସୁବିଧା ସୁଯୋଗ ବିଷୟରେ ଆଲୋକପାତ କରିଥିଲେ । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଭଣ୍ଡାରିପୋଖରୀ ବି.ଏସ୍.ଏସ୍. ଓ ଶାନ୍ତ୍ୱନା ଦାସ, ଟ୍ରାନ୍ସଜେଣ୍ଡର ସୌମ୍ୟା ଦାସ, ଶ୍ରାବଣୀ ମଲ୍ଲିକ୍ ଏହି ଦିବସ ପାଳନ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଦୂରଦର୍ଶନର ଜଣା ଅଜଣାରେ ଏବେର ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ପରିଚାଳନାରେ ପୂର୍ବରୁ ପ୍ରସାରିତ ଟ୍ରାନ୍ସଜେଣ୍ଡର ସମାଜ ଉପରେ ଆଧାରିତ ଏକ କାର୍ଯ୍ୟକ୍ରମକୁ ଦୃଶ୍ୟ ଫଳକ ଦ୍ୱାରା ସମସ୍ତଙ୍କ ଉଦ୍ଦେଶ୍ୟରେ ମଞ୍ଚରେ ପ୍ରଦର୍ଶନ କରାଯାଇଥିଲା ।

# ମାର୍ଚ୍ଚରେ ୧.୯୬ ଲକ୍ଷ କୋଟିର ଜିଏସଟି ଆଦାୟ

ନୂଆଦିଲ୍ଲୀ,୪।୧ : ନୂତନ ଆର୍ଥିକ ବର୍ଷ ୧ ଏପ୍ରିଲରୁ ଆରମ୍ଭ ହୋଇଛି। ଏହା ସହିତ, ସରକାରଙ୍କ ପାଇଁ ଏକ ଭଲ ଖବର ଆସିଛି। ନିକଟରେ ସମାପ୍ତ ମାର୍ଚ୍ଚ ମାସରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସଟି) ସଂଗ୍ରହ ୯.୯ ପ୍ରତିଶତ ବୃଦ୍ଧି ପାଇ ୧.୯୬ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି । ଗତ ମାସରେ ଏହା ୧.୮୪ ଲକ୍ଷ କୋଟି ଟଙ୍କା ଥିଲା। ଏହାସହିତ କ୍ରମାଗତ ୧୩ ବର୍ଷ ଧରି ଜିଏସଟି ସଂଗ୍ରହ ୧.୭ ଲକ୍ଷ କୋଟି ଟଙ୍କାରୁ ଅଧିକ ଥିଲା। ଏହି ତ୍ରୈମାସିକରେ ଜିଏସଟି ସଂଗ୍ରହ ୫.୮ ଲକ୍ଷ କୋଟି ଟଙ୍କା ହୋଇଛି, ଯାହା ଗତ ବର୍ଷର ସମାନ ସମୟ ତୁଳନାରେ ୧୦.୪ ପ୍ରତିଶତ ଅଧିକ। ରିଫଣ୍ଡ କାଟିବା ପରେ ନିଟ୍ ଜିଏସଟି ସଂଗ୍ରହ ମଧ୍ୟ ଗତ ବର୍ଷ ତୁଳନାରେ ଏହି ମାର୍ଚ୍ଚ ମାସରେ ୭.୬ ପ୍ରତିଶତ ଅଧିକ ଥିଲା। ବଜେଟରେ ସରକାର ଚଳିତ ବର୍ଷ ପାଇଁ ଜିଏସଟି ରାଜସ୍ୱରେ ୧୧% ବୃଦ୍ଧି ଆକଳନ କରିଥିଲେ । କେନ୍ଦ୍ରୀୟ ଜିଏସଟି ଏବଂ କ୍ଷତିପୂରଣ ସେସ୍ କୁ ମିଶାଇ ୧୧.୭୮ ଲକ୍ଷ କୋଟି ଟଙ୍କାର ଜିଏସଟି ଆଦାୟ ହେବ ବୋଲି ଆକଳନ କରାଯାଇଛି ।

# ଖୁବଶୀଘ୍ର ବାପାଙ୍କ ଦେଶକୁ ଫେରିବି: ସୁନୀତା ୱିଲିଅମ୍ସ



ନୂଆଦିଲ୍ଲୀ,୧।୪: ମହାକାଶରେ ୯ମାସ ଫଶି ରହିବାପରେ ସୁନୀତା ୱିଲିଅମ୍ସ ଓ ବୁଚ୍ ୱିଲ୍ମୋର ନିକଟରେ ସୁରକ୍ଷିତ ଭାବେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସୁନୀତା ମହାକାଶ ଯାତ୍ରାକୁ ନେଇ ନିଜର ଅନୁଭବ ସେୟାର କରିଥିବା ବେଳେ ଭାରତକୁ ତାଙ୍କ ବାପାଙ୍କ ଦେଶ ବୋଲି କହିଛନ୍ତି। ଭାରତ ବିଷୟରେ ଆଲୋଚନା କରି ସୁନୀତା କହିଥିଲେ 'ମୁଁ ଆଶା କରୁଛି ଏବଂ ମୁଁ ନିଶ୍ଚିତ ଯେ ମୁଁ ମୋ ବାପାଙ୍କ ଦେଶକୁ ଫେରିବି ଏବଂ ଲୋକମାନଙ୍କୁ ଭେଟିବି। ମୁଁ ଇସ୍ରୋ ମିସନରେ ଯାଉଥିବା ଭାରତୀୟ ମହାକାଶଚାରୀମାନଙ୍କ ବିଷୟରେ ଜାଣିବାକୁ ଖୁବ ଆଗ୍ରହୀ। ଏଥିସହିତ ଇସ୍ରୋ ସହିତ ମହାକାଶରେ ମୋର ଅଭିଜ୍ଞତା କିପରି ଥିଲା ତାହା ବାଣ୍ଟିବାକୁ ଇଚ୍ଛୁକ ଅଛି। ଯେତେବେଳେ ବି ମୁଁ ଭାରତ ଉପରେ ଦେଇ ଯାଉଥିଲି ମହାକାଶରୁ ଭାରତର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରୁଥିଲି । ହିମାଳୟ ପାଦଦେଶ, ଜମ୍ମୁକାଶ୍ମୀର ଠାରୁ ଆରମ୍ଭ କରି ଗୁଜରାଟ, ମହାରାଷ୍ଟ୍ର ଆଦି ଅନେକ ସ୍ଥାନର ଫଟୋ ଉଠାଇବାର ସୁଯୋଗ ମୁଁ ହାତ ଛାଡ଼ କରିନାହିଁ।'

# ମିଆଁମାରରେ ପୁଣି ଭୂମିକମ୍ପ



ନୂଆଦିଲ୍ଲୀ,୧।୪: ଶୁକ୍ରବାର ମିଆଁମାରରେ ହୋଇଥିବା ୭.୭ ତୀବ୍ରତାର ଶକ୍ତିଶାଳୀ ଭୂମିକମ୍ପ ଦେଶକୁ ଧ୍ୱଂସପ୍ରାୟ କରିଦେଇଥିବା ବେଳେ ମଙ୍ଗଳବାର ପୁଣି ଏକ ଭୂକମ୍ପ ଅନୁଭୂତ ହୋଇଛି। ମଙ୍ଗଳବାର ଅପରାହ୍ନ ୪.୩୧ ସମୟରେ ମିଆଁମାରରେ ୪.୭ ତୀବ୍ରତର ଭୂକମ୍ପ ଅନୁଭୂତ ହୋଇଥିବା ସୂଚନା ମିଳିଛି। ଆଜି ହୋଇଥିବା ଭୂକମ୍ପରେ ପୂର୍ବରୁ ଭୁଶୁଡ଼ି ପଡ଼ିଥିବା କୋଠା ଅଧିକ କ୍ଷତିଗ୍ରସ୍ତ ହୋଇଛି। ତେବେ ଅନ୍ୟ କିଛି ବଡ଼ ଦୁର୍ଘଟଣା ଘଟିଥିବା ନେଇ ଖବର ଆସିପାରି ନାହିଁ। ଗତ ଶୁକ୍ରବାର ହୋଇଥିବା ଭୂମିକମ୍ପରେ ମୃତ୍ୟୁ ସଂଖ୍ୟା ବର୍ତ୍ତମାନ ସୁଦ୍ଧା ୨,୭୦୦ ଅତିକ୍ରମ କରିସାରିଛି। ବଡ଼ ଭୂମିକମ୍ପ ପରେ ମିଆଁମାରରେ କିଛିଦିନ ହେବ ୪ କିମ୍ବା ଏବଂ ତା'ଠାରୁ ତୀବ୍ରତର ଛୋଟବଡ଼ ଭୂମିକମ୍ପ ହେଲାଣି। ମିଆଁମାର ବାରମ୍ବାର ଏଭଳି ଭୂମିକମ୍ପର ସାମ୍ନା କରିଛି।

# ବଳାତ୍କାର ମାମଲାରେ ପାଦ୍ରୀ ବଜିନ୍ଦର ସିଂହଙ୍କୁ ଆଜୀବନ କାରାଦଣ୍ଡ

ମୋହାଲି,୧।୪: ମଙ୍ଗଳବାର ପଞ୍ଜାବର ମୋହାଲି କୋର୍ଟ ପାଦ୍ରୀ ବଜିନ୍ଦର ସିଂହଙ୍କ ମାମଲାରେ ଦଣ୍ଡ ଘୋଷଣା କରିଛନ୍ତି। କୋର୍ଟ ବଜିନ୍ଦର ସିଂହଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନାଯୋଗ୍ୟ, ବଜିନ୍ଦର ସିଂହଙ୍କୁ ପଞ୍ଜାବର ମୋହାଲିର ଜିରକପୁରର ଜଣେ ମହିଳାଙ୍କ ବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଦୋଷୀ ସାବ୍ୟସ୍ତ ହେବା ପରେ ବଜିନ୍ଦର ସିଂହଙ୍କୁ ପୋଲିସ ହେପାଜତକୁ ନେଇଥିଲା। ଯଦିଓ ଏହା ପୂର୍ବରୁ ସେ ଜାମିନରେ ଜେଲରୁ ବାହାରକୁ ଆସିଥିଲେ। ସୂଚନାଯୋଗ୍ୟ, ଗତ ଶୁକ୍ରବାର (୨୮ ମାର୍ଚ୍ଚ) ପାଦ୍ରୀ ବଜିନ୍ଦର ସିଂହଙ୍କୁ ମୋହାଲି କୋର୍ଟ ୨୦୧୮ର ଏକ ଯୌନ ନିର୍ଯ୍ୟାତନା ଏବଂ ବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ। ଏହା ପରେ କୋର୍ଟ ଦଣ୍ଡାଦେଶ ଉପରେ ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ। ମଙ୍ଗଳବାର (ଏପ୍ରିଲ ୧) କୋର୍ଟ ଏହି ମାମଲାରେ ଦଣ୍ଡ ଘୋଷଣା କରି ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ବଜିନ୍ଦରଙ୍କ ବିରୋଧରେ ତାଙ୍କ ଓକିଲ ଏଚ ଏସ ଧନୋଆଙ୍କ ଦ୍ୱାରା କୋର୍ଟରେ ଏକ ଆବେଦନ ଦାଖଲ କରାଯାଇଥିଲା ଏବଂ କୋର୍ଟଙ୍କୁ କୁହାଯାଇଥିଲା ଯେ ବଜିନ୍ଦର ସିଂହଙ୍କୁ ମାର୍ଚ୍ଚ ୩ରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଯାହା ଯୋଗୁଁ ସେ କୋର୍ଟରେ ହାଜର ହୋଇପାରିଲେ ନାହିଁ। ପାଦ୍ରୀଙ୍କ ଓକିଲ ମଧ୍ୟ ତାଙ୍କ ପକ୍ଷରୁ ହାଜିରାରୁ ମୁକ୍ତି ପାଇଁ କୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ।

# ଭୂକମ୍ପରେ ଥରିଲା ପାକିସ୍ତାନ

କରାଚି,୧।୪: ମଙ୍ଗଳବାର ପାକିସ୍ତାନର ବେଲୁଚିସ୍ତାନରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି। ଇଦ ଦିନ କରାଚୀରେ ହୋଇଥିବା ଭୂମିକମ୍ପର କିଛି ଘଣ୍ଟା ପରେ ଏହି ଭୂମିକମ୍ପ ଆସିଥିଲା, ଯାହା ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ତଥାପି, ଏପର୍ଯ୍ୟନ୍ତ କୌଣସି ଜୀବନ କିମ୍ବା ସମ୍ପତ୍ତି କ୍ଷତିର ରିପୋର୍ଟ ହୋଇନାହିଁ। ଆମେରିକାର ଭୂତତ୍ତ୍ୱ ସର୍ଭେ ଅନୁଯାୟୀ, ବେଲୁଚିସ୍ତାନର ବାରଖାନ ଜିଲାରେ ଘଟିଥିବା ଭୂମିକମ୍ପର ତୀବ୍ରତା ୩.୯ ଥିଲା ଏବଂ ଏହାର କେନ୍ଦ୍ରସ୍ଥଳ ଭୂମିରୁ ୧୨ କିଲୋମିଟର ଗଭୀରରେ ଅବସ୍ଥିତ ଥିଲା। ଭୂମିକମ୍ପର କେନ୍ଦ୍ରସ୍ଥଳ ବାରଖାନରୁ ଉତ୍ତର-ପଶ୍ଚିମରେ ୫୯ କିଲୋମିଟର ଦୂରରେ ଥିଲା। ତଥାପି, ଭୂମିକମ୍ପଗୁଡ଼ିକ ମୃଦୁ ଥିବାରୁ କୌଣସି କ୍ଷୟକ୍ଷତିର ରିପୋର୍ଟ ହୋଇନାହିଁ।

## ବୁଲଡୋଜର ଆକ୍ସନକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

# ୧୦ ଲକ୍ଷ ଲେଖାଏଁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧।୪: ଉତ୍ତର ପ୍ରଦେଶ ସମେତ ଦେଶରେ ହୋଇଥିବା ବୁଲଡୋଜର ଆକ୍ସନକୁ ନେଇ କଠୋର ହେଲେ ସୁପ୍ରିମକୋର୍ଟ । ଏହାକୁ ଅସାମ୍ବିଧାନିକ କହିବା ସହିତ ସ୍ଥାନୀୟ ସରକାରଙ୍କ ଉପରେ ବର୍ଷିଛନ୍ତି । ୨୦୨୧ରେ ପ୍ରୟାଗରାଜରେ ବୁଲଡୋଜର ଆକ୍ସନ ହୋଇଥିଲା । ଏହାକୁ ବିରୋଧ କରି ଜଣେ ଆଇନଜୀବୀ, ଜଣେ ପ୍ରଫେସର ଏବଂ ତିନି ଜଣ ମହିଳା ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ । ମଙ୍ଗଳବାର ଏହାକୁ ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି, କୌଣସି ବ୍ୟକ୍ତିଙ୍କ ଘରକୁ ବୁଲଡୋଜର ଲଗାଇ ଧ୍ୱସ୍ତ କରିବା କିମ୍ବା ମନମାନି ପ୍ରକ୍ରିୟା ନାଗରିକ ଅଧିକାରକୁ





କ୍ଷୁର୍ଣ୍ଣ କରୁଛି। ସୁପ୍ରିମକୋର୍ଟ କହିଛନ୍ତି, ବୁଲଡୋଜର ଆକ୍ସନ ଆମ ଅନ୍ତରଆତ୍ମାକୁ ଦୋହଲାଇ ଦେଇଛି । ଲୋକଙ୍କର ରାଇଟ୍ ଟୁ ସେଲ୍ଟର ଭଳି କିଛି ଅଧିକାର ରହିଛି । ଏହି ଘଟଣାରେ କୋର୍ଟଙ୍କ ନୋଟିସ୍ ଓ ଅନ୍ୟ ପ୍ରକ୍ରିୟାକୁ ପାଳନ କରାଯାଉନଥିବା କହିଛନ୍ତି ଅଦାଲତ । ଏହା ସହିତ ପ୍ରୟାଗରାଜ ବିକାଶ ପ୍ରାଧିକରଣକୁ କ୍ଷତିପୂରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ୫ଜଣ ପୀଡ଼ିତଙ୍କୁ ୧୦ ଲକ୍ଷ ଲେଖାଏଁ ଦେବାକୁ କୁହାଯାଇଛି। ସୁପ୍ରିମକୋର୍ଟ ଆହୁରି ମଧ୍ୟ କହିଛନ୍ତି, ଯେଉଁ ଭଳି ଭାବେ ଲୋକଙ୍କ ଘରକୁ ଭଙ୍ଗା ଯାଇଛି, ଏହା ଅମାନବୀୟ ଓ ବେଆଇନ । ତେଣୁ ଏଥିପାଇଁ କ୍ଷତିପୂରଣ ନିର୍ଦ୍ଦେଶ ଦିଆଯାଇଛି । ପ୍ରୟାଗରାଜରେ ବୁଲଡୋଜର ଆକ୍ସନ ସମ୍ପୂର୍ଣ୍ଣ ଭାବେ ଅବୈଧ ପ୍ରକ୍ରିୟା, ଏହା ଲୋକଙ୍କ ଆଶ୍ରୟ ଅଧିକାରୀକୁ ଉଲ୍ଲଙ୍ଘନ କରୁଛି । ଏଭଳି କାର୍ଯ୍ୟ ପ୍ରୟାଗରାଜ ବିକାଶ ପ୍ରାଧିକରଣର ଅସମ୍ବେଦନଶୀଳତାକୁ ଦର୍ଶାଉଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି । ବୁଲଡୋଜର ଆକ୍ସନ ବିରୋଧୀ ଆବେଦନର ଶୁଣାଣି ବେଳେ ଜଷ୍ଟିସ୍ ଉଜ୍ଜଳ ଭୂୟାଁ ୨୪ ମାର୍ଚ୍ଚରେ ୟୁପିର ଆମ୍ବେଦକର ନଗରରେ ହୋଇଥିବା ଘଟଣାକୁ ସାମ୍ନାକୁ ଆଣି କହିଛନ୍ତି, ଅତିକ୍ରମଣ ବିରୋଧୀ ଅଭିଯାନ ସମୟରେ ଗୋଟିଏପଟେ ବସ୍ତି ଭଙ୍ଗା ଯାଇଥିବା ବେଳେ ଅନ୍ୟପଟେ ଏକ ୮ ବର୍ଷର ଛୋଟ ପିଲା ବହି ଧରି ଦୌଡୁଥିଲା । ଏହି ଦୃଶ୍ୟ ସମସ୍ତଙ୍କୁ ଆଘାତ ଦେଇଛି, ଏହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ସ୍ଥିତି । ଯେଉଁ ଭଳି ଭାବେ ଭଙ୍ଗାରୁଜା କରାଯାଇଛି , ଏଥିରେ ରହୁଥିବା ଲୋକେ ପୁଣି ଥରେ ଘର ଖଣ୍ଡେ କରିବାକୁ ସକ୍ଷମ ନୁହଁନ୍ତି । ପ୍ରୟାଗରାଜ ବିକାଶ ପ୍ରାଧିକରଣ ଆକ୍ସନ ନେବା ପୂର୍ବରୁ ବସ୍ତି ବାସିନ୍ଦାଙ୍କୁ କୌଣସି ପ୍ରକାର ନୋଟିସ୍ ମିଳିନାହିଁ । ଆବେଦନକାରୀ କହିଛନ୍ତି, ୨୦୨୧ରେ ମାର୍ଚ୍ଚ ପହିଲାକୁ ସେମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା । ହେଲେ ନୋଟିସ୍ ସେମାନଙ୍କ ନିକଟରେ ମାର୍ଚ୍ଚ ୬ ତାରିଖରେ ପହଞ୍ଚିଲା ଏବଂ ପରଦିନ ଆର୍ଥାତ୍ ମାର୍ଚ୍ଚ ୭ ତାରିଖରେ ବୁଲଡୋଜର ଆକସନ ହୋଇଥିଲା । ଏହାକୁ ନେଇ ପ୍ରୟାଗରାଜ ବିକାଶ ପ୍ରାଧିକରଣ ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ।

# ନକ୍ସଲବାଦ ଦ୍ୱାରା ପ୍ରଭାବିତ ଜିଲ୍ଲା ସଂଖ୍ୟା ୬କୁ ଖସିଛି: ଶାହା

ନୂଆଦିଲ୍ଲୀ,୧।୪(ପିଆଇବି): କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ନକ୍ସଲ ମୁକ୍ତ ଭାରତ ଗଠନ ଦିଗରେ ଏକ ବିଶାଳ ପଦକ୍ଷେପ ଗ୍ରହଣ କରି ଆମ ଦେଶ ବାମପନ୍ଥୀ ଉଗ୍ରବାଦ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବା ଜିଲ୍ଲା ସଂଖ୍ୟା ୧୨ରୁ ମାତ୍ର ୬କୁ ହ୍ରାସ କରି ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି । ସାମାଜିକ ଗଣମାଧ୍ୟମ ଏକ୍ସ ପୋଷ୍ଟରେ ଅମିତ ଶାହ କହିଛନ୍ତି ଯେ ମୋଦି ସରକାର ନକ୍ସଲବାଦ ପ୍ରତି କଠୋର ଆଭିମୁଖ୍ୟ ସହିତ ଏକ ସଶକ୍ତ, ସୁରକ୍ଷିତ ଏବଂ ସମୃଦ୍ଧ ଭାରତ ନିର୍ମାଣ କରୁଛନ୍ତି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ନକ୍ସଲବାଦକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବାକୁ ଭାରତ ସଂକଳ୍ପବଦ୍ଧ। ଦେଶରେ ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୩୮ ଥିଲା। ଏମାନଙ୍କ ମଧ୍ୟରୁ ସର୍ବାଧିକ ପ୍ରଭାବିତ ଜିଲ୍ଲା



ସଂଖ୍ୟା ୧୨ରୁ ୬କୁ ହ୍ରାସ ପାଇଛି, ସମ୍ବେଦନଶୀଳ ଜିଲ୍ଲା ସଂଖ୍ୟା ମଧ୍ୟ ୯ରୁ ୬କୁ ହ୍ରାସ ପାଇଛି ଏବଂ ଅନ୍ୟାନ୍ୟ ମାଓ ହିଂସା ପ୍ରଭାବିତ ଜିଲ୍ଲା ସଂଖ୍ୟା ମଧ୍ୟ ୧୭ରୁ ୬କୁ ହ୍ରାସ ପାଇଛି। ସମୁଦାୟ ନକ୍ସଲ ପ୍ରଭାବିତ ଜିଲ୍ଲାଗୁଡ଼ିକ ମଧ୍ୟରୁ ସବୁଠୁ ଅଧିକ ପ୍ରଭାବିତ ଜିଲ୍ଲା ସଂଖ୍ୟା ୧୨ରୁ ୬କୁ ହ୍ରାସ ପାଇଛି, ଯେଉଁଥିରେ ଛତିଶଗଡ଼ର ୪ଟି ଜିଲ୍ଲା (ବିଜାପୁର, କାଙ୍କେର, ନାରାୟଣପୁର ଏବଂ ସୁକମା), ଝାଡ଼ଖଣ୍ଡର ୧ଟି (ପଶ୍ଚିମ ସିଂହଭୂମ) ଏବଂ ମହାରାଷ୍ଟ୍ର (ଗଡ଼ଚିରୋଲି)ର ଗୋଟିଏ ଜିଲ୍ଲା ଅନ୍ତର୍ଭୁକ୍ତ। ସେହିପରି ସମୁଦାୟ ୩୮ଟି ପ୍ରଭାବିତ ଜିଲ୍ଲା ମଧ୍ୟରୁ ଗୁରୁତର ଭାବେ ପ୍ରଭାବିତ ଜିଲ୍ଲାବ୍ୟତୀତ ଅତିରିକ୍ତ ସମ୍ବଳ ଯୋଗାଇ ଦେବାକୁ ପଡୁଥିବା ଜିଲ୍ଲା ସଂଖ୍ୟା ୯ରୁ ୬କୁ ହ୍ରାସ ପାଇଛି। ଏହି ୬ଟି ଜିଲ୍ଲା ହେଲା ଆନ୍ଧ୍ରପ୍ରଦେଶ (ଅଲୁରି ସୀତାରାମ ରାଜୁ), ମଧ୍ୟପ୍ରଦେଶ (ବାଲାଘାଟ), ଓଡ଼ିଶା (କଳାହାଣ୍ଡି, କନ୍ଧମାଳ ଓ ମାଲକାନଗିରି) ଏବଂ ତେଲେଙ୍ଗାନା (ଭଦ୍ରାଦ୍ରି-କୋଠାଗୁଡେମ)। ନକ୍ସଲବାଦ ବିରୋଧରେ ଲଗାତାର କାର୍ଯ୍ୟାନୁଷ୍ଠାନ ଯୋଗୁଁ ମାଓ ହିଂସା ପ୍ରଭାବିତ ଜିଲ୍ଲା ସଂଖ୍ୟା ମଧ୍ୟ ୧୭ରୁ ୬କୁ ହ୍ରାସ ପାଇଛି। ଏଥିରେ ଛତିଶଗଡ଼ (ଦାନ୍ତେୱାଡ଼ା, ଗରିଆବନ୍ଦ ଓ ମୋହଲା-ମାନପୁର-ଆମ୍ବାଗଡ଼ ଚୌକି), ଝାଡ଼ଖଣ୍ଡ (ଲାତେହାର), ଓଡ଼ିଶା (ନୂଆପଡ଼ା) ଏବଂ ତେଲେଙ୍ଗାନା (ମୁଲୁଗୁ) ଜିଲ୍ଲା ଅନ୍ତର୍ଭୁକ୍ତ। ସର୍ବସାଧାରଣ ଭିତ୍ତିଭୂମିରେ ଥିବା ଅଭାବକୁ ପୂରଣ କରିବା ପାଇଁ ଭାରତ ସରକାର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (ଏସସିଏ) ନାମକ ଏକ ସ୍ୱତନ୍ତ୍ର ଯୋଜନା ଅଧୀନରେ ସର୍ବାଧିକ ପ୍ରଭାବିତ ଜିଲ୍ଲା ଏବଂ ସମ୍ବେଦନଶୀଳ ଜିଲ୍ଲାଗୁଡିକୁ ଯଥାକ୍ରମେ ୩୦ କୋଟି ଟଙ୍କା ଏବଂ ୧୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରନ୍ତି। ଏତଦ୍ ବ୍ୟତୀତ ଆବଶ୍ୟକତା ଅନୁଯାୟୀ ଏହି ଜିଲ୍ଲାଗୁଡ଼ିକ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ମଧ୍ୟ ଯୋଗାଇ ଦିଆଯାଉଛି।

## ଓଡ଼ିଶା ଦିବସ ସମାରୋହକୁ ସମ୍ବୋଧିତ କଲେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

# ରାଜ୍ୟକୁ ୭୩ ହଜାର କୋଟି ଟଙ୍କାର ରେଳ ଅନୁଦାନ ଦେଇଛନ୍ତି

ନୂଆଦିଲ୍ଲୀ,୧।୪(ପିଆଇବି): କେନ୍ଦ୍ର ରେଳ, ସୂଚନା ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ଆୟୋଜିତ ଓଡ଼ିଶା ଦିବସ ସମାରୋହକୁ ସମ୍ବୋଧିତ କରିଛନ୍ତି । ସମସ୍ତଙ୍କୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବର୍ଷ ପୂର୍ତ୍ତି ଅବସରରେ ଶୁଭେଚ୍ଛା ଜଣାଇ କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶା ବିକାଶର ଗତି ତ୍ୱରାନ୍ୱିତ ହୋଇଛି । ଡବଲ ଇଞ୍ଜିନ ସରକାର ଆସିବା ପରେ ରାଜ୍ୟର ପ୍ରଗତି ଆହୁରି ଗତିଶୀଳ ହେଉଛି । ରାଜ୍ୟକୁ ମିଳୁଥିବା ରେଳ ଅନୁଦାନ ଚାରି ଗୁଣ ବୃଦ୍ଧି ପାଇଛି । ବିଗତ ତିନି ବର୍ଷ ଧରି ମୋଦୀ ସରକାର ଓଡ଼ିଶାକୁ ୧୦ ହଜାର କୋଟିରୁ ଅଧିକ ଟଙ୍କା ଲେଖାଏଁ ରେଳ ଅନୁଦାନ ଯୋଗାଇ ଦେଇଛନ୍ତି । କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ବିକାଶଧାରାକୁ ତ୍ୱରାନ୍ୱିତ କରିବା ଲାଗି ପ୍ରାଥମିକତା ଦେଉଛନ୍ତି । ପୂର୍ବରୁ



ରାଜ୍ୟର ବିକାଶ ଅତି ମନ୍ଥର ଗତିରେ ହେଉଥିଲା। ଏବେ କିନ୍ତୁ ବନ୍ଦେ ଭାରତ ବେଗରେ ଓଡ଼ିଶାର ବିକାଶ ହେଉଛି । ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ଦୁଇ ହଜାର କିଲୋମିଟର ନୂଆ ରେଳ ଟ୍ରାକ୍ ନିର୍ମାଣ କରାଯାଇଛି । ମାଲେସିଆ ଭଳି ଦେଶର ମୋଟ୍ ରେଳ ନେଟୱର୍କର ଆକାର ଯେତିକି ତା'ଠାରୁ ଅଧିକ ରେଳ ଟ୍ରାକ୍ ଓଡ଼ିଶାରେ ନିର୍ମାଣ କରାଯାଇଛି ବୋଲି କେନ୍ଦ୍ର ରେଳ ମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଓଡ଼ିଶାକୁ ୭୩ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ଭେଟି ଦେଇଛନ୍ତି । ଏହାକୁ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି । ରାଜ୍ୟରେ ଆହୁରି ଅଧିକ ବନ୍ଦେ ଭାରତ ଟ୍ରେନ ଚଳାଚଳ କରାଯିବ।

# ମହଙ୍ଗା ହେଲା ୯୦୦ରୁ ଅଧିକ ଅତ୍ୟାବଶ୍ୟକ ଔଷଧର ମୂଲ୍ୟ



ନୂଆଦିଲ୍ଲୀ,୧।୪: ଆଜିଠାରୁ, ଅର୍ଥାତ ୧ ଏପ୍ରିଲରୁ ଦେଶରେ ୨୦୨୫-୨୬ ଆର୍ଥିକ ବର୍ଷ ଆରମ୍ଭ ହୋଇଛି ଏବଂ ୯୦୦ ଅତ୍ୟାବଶ୍ୟକ ଔଷଧର ମୂଲ୍ୟ ବୃଦ୍ଧି ମଧ୍ୟ ନୂତନ ଆର୍ଥିକ ବର୍ଷର ପ୍ରଥମ ଦିନ ଅର୍ଥାତ ମଙ୍ଗଳବାର (୧ ଏପ୍ରିଲ, ୨୦୨୫) ଠାରୁ କାର୍ଯ୍ୟକାରୀ ହୋଇଛି। ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷ (NPPA) ଏହି ସମସ୍ତ ୯୦୦ରୁ ଅଧିକ ଅତ୍ୟାବଶ୍ୟକ ଔଷଧର ମୂଲ୍ୟରେ ୧.୭୪ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଘୋଷଣା କରିଛି। ବର୍ଦ୍ଧିତ ମୂଲ୍ୟ ସହିତ ଏହି ଔଷଧ ତାଲିକାରେ ଗୁରୁତର ସଂକ୍ରମଣ, ହୃଦରୋଗ, ମଧୁମେହ ଇତ୍ୟାଦି ରୋଗର ଔଷଧ ଅନ୍ତର୍ଭୁକ୍ତ। ଔଷଧର ମୂଲ୍ୟ ବୃଦ୍ଧି ସମ୍ପର୍କରେ କେନ୍ଦ୍ର ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଲୋକ ସଭାରେ ଏକ ଲିଖିତ ଉତ୍ତର ଦେଇଛନ୍ତି। ତାଙ୍କ ଲିଖିତ ଉତ୍ତରରେ ସେ କହିଛନ୍ତି, 'ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଅର୍ଡର, ୨୦୧୩ (DPCO, ୨୦୧୩) ର ବ୍ୟବସ୍ଥା ଅନୁଯାୟୀ, ସମସ୍ତ ସୂଚୀବଦ୍ଧ ଔଷଧର ମୂଲ୍ୟ ପ୍ରତିବର୍ଷ ହୋଲସେଲ ମୂଲ୍ୟ ସୂଚକାଙ୍କ (WPI) (ସମସ୍ତ ସାମଗ୍ରୀ) ଆଧାରରେ ସଂଶୋଧନ କରାଯାଏ। ସେହି ସମୟରେ, ଡତଓରେ ବାର୍ଷିକ ପରିବର୍ତ୍ତନ ଆଧାରରେ ୧ ଏପ୍ରିଲ, ୨୦୨୪ରେ ଆର୍ଥିକ ବର୍ଷ ୨୦୨୪-୨୫ପାଇଁ ସୂଚୀବଦ୍ଧ ଔଷଧର ମୂଲ୍ୟ ୦.୦୦୫୫୧ ପ୍ରତିଶତ ବୃଦ୍ଧି କରାଯାଇଥିଲା।'

## ସୁପ୍ରିମକୋର୍ଟରୁ ଅହ୍ଲାବାଦିଆଙ୍କୁ ମିଳିଲାନି ଆଶ୍ୱସ୍ତି

# ପାସପୋର୍ଟ ମୁକ୍ତ କରିବା ଆବେଦନ ଖାରଜ୍



ନୂଆଦିଲ୍ଲୀ,୧।୪: ୟୁଟ୍ୟୁବର ଓ ପୋଡକାଷ୍ଟର ରଣବୀର ଅହ୍ଲାବାଦିଆଙ୍କ ପାଇଁ ବଢ଼ିଲା ଅଡୁଆ । ଜବତ ପାସପୋର୍ଟ ଦେବାକୁ ମନା କଲେ ସୁପ୍ରିମକୋର୍ଟ । ଏହା ସହିତ ଅନ୍ତରୀଣ ଜାମିନ ଅବଧିକୁ ବୃଦ୍ଧି କରିଛନ୍ତି । ମଙ୍ଗଳବାର ୟୁଟ୍ୟୁବର ଅହ୍ଲାବାଦିଆ, ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏକ ଯାଚିକା ଦାୟର କରିଥିଲେ । ଯେଉଁଥିରେ ଉଲ୍ଲେଖ ଥିଲା, ସେ ଏଣିକି ନିଜ ଶୋ'ରେ ଶାଳୀନତା ରକ୍ଷା କରିବେ । ଏହା ସହିତ ଜବତ ପାସପୋର୍ଟ ଦେବାକୁ ଗୁହାରି କରିଥିଲେ । ସେ ନିଜ ଆବେଦନ କହିଛନ୍ତି, ବିଭିନ୍ନ ପ୍ରକାର ସାକ୍ଷାତକାର ଓ ମିଟିଂ ପାଇଁ ତାଙ୍କୁ ଅନେକ ସମୟରେ ବିଦେଶ ଯାତ୍ରା କରିବାକୁ ପଡୁଛି । ପାସପୋର୍ଟ ନଥିବାରୁ ତାଙ୍କର ଜୀବିକା ପ୍ରଭାବିତ ହେଉଛି । ସୁପ୍ରିମକୋର୍ଟ ଏହି ଆବେଦନକୁ ଖାରଜ କରି ଆହ୍ଲାବାଦିଆଙ୍କ ତର୍କ ଉପରେ ପ୍ରତିକ୍ରିୟା ଦେଇଛନ୍ତି । ସର୍ବୋଚ୍ଚ ଅଦାଲତ କହିଛନ୍ତି, ଅଭିଯୁକ୍ତକୁ ବିଦେଶ ଯାତ୍ରାର ଅନୁମତି ମିଳିଲେ ତାଙ୍କ ବିରୋଧରେ ଚାଲିଥିବା ତଦନ୍ତ ପ୍ରଭାବିତ ହେବ । ଖଣ୍ଡପୀଠ କହିଛନ୍ତି, ଯଦି ରଣବୀର ଆହ୍ଲାବାଦିଆଙ୍କୁ ବିଦେଶ ଯାତ୍ରା ପାଇଁ ଅନୁମତି ଦିଆଯାଉଛି, ତେବେ ତଦନ୍ତ ପ୍ରଭାବିତ ହେବ । ଏହାଛଡ଼ା କୋର୍ଟ ଆହ୍ଲାବାଦିଆଙ୍କ ମାମଲାରେ ମହାରାଷ୍ଟ୍ର ଓ ଆସାମ ସରକାରଙ୍କ ପକ୍ଷ ରଖୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କ ତଦନ୍ତର ସମୟ ସୀମା ବାବଦରେ ପଚାରି ବୁଝିଥିଲେ । ସେପଟେ ଯାଞ୍ଚ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଶେଷ ହେବାର ସମ୍ଭାବନା ରହିଛି ବୋଲି କହିଛନ୍ତି ତୁଷାର ମେହେଟ୍ଟା ।

## ମୋହନ ସରକାରଙ୍କ ବଡ଼ ଘୋଷଣା

# ରାଜ୍ୟରେ ୧୯ ସହର ଓ ପଞ୍ଚାୟତରେ ମଦ ବନ୍ଦ

ନୂଆଦିଲ୍ଲୀ,୧।୪: ମଧ୍ୟପ୍ରଦେଶରେ ବନ୍ଦ ହେବ ମଦ। ପ୍ରାରମ୍ଭିକ ଭାବେ ଏପ୍ରିଲ ୧ ଅର୍ଥାତ୍ ଆଜିଠାରୁ ୧୯ସହରରେ ମଦ ନିଷେଧ କରାଯାଇଛି। ଏନେଇ ବଡ଼ ନିଷ୍ପତ୍ତି ନେଇଛନ୍ତି ମୋହନ ସରକାର। କ୍ୟାବିନେଟର ଏହି ନିଷ୍ପତ୍ତି ପରେ ଏହି ନିଷ୍ପତ୍ତି ଆଜିଠାରୁ କାର୍ଯ୍ୟକାରୀ ହୋଇଛି। ଜାନୁଆରୀ ୨୪ ତାରିଖରେ ଖାରଗୋନର ମହେଶ୍ୱରରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଧାର୍ମିକ ସ୍ଥଳରେ ମଦ ନିଷେଧ କରିବାର ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟରେ ନୂତନ ଉତ୍ପାଦ ଶୁଳ୍କ ନୀତି କାର୍ଯ୍ୟକାରୀ ହେବ। ଏହି ନୀତି ଅନୁଯାୟୀ, ୧୯ଟି ଧାର୍ମିକ ସହରରେ ମଦ ବିକ୍ରୟ ନିଷିଦ୍ଧ କରାଯିବ। ରାଜ୍ୟର ୧୯ଟି ଧାର୍ମିକ ସହର ଏବଂ ଗ୍ରାମ ପଞ୍ଚାୟତରେ ମଦ ନିଷେଧ ଘୋଷଣା କରାଯିବ। ସମସ୍ତ ମଦ ଦୋକାନ ଏବଂ ବାର ଉଜ୍ଜୈନ, ଓମକେରେଶ୍ୱର, ମହେଶ୍ୱର, ମଣ୍ଡେଶ୍ୱର, ଅର୍ଚ୍ଚା, ମହାରାଜ, ଚିତ୍ରକୋଟ, ଦତିଆ, ପନ୍ନା, ମଣ୍ଡଳ, ମୁଲତାଇ, ଏବଂ ଅମରକାନ୍ତକ, ସଲକାନପୁର, ବାନ୍ଦକୁରପୁର, ବାନ୍ଧୁପୁର, ଗ୍ରାମ ପଞ୍ଚାୟତ ସୀମାରେ ବନ୍ଦ ରହିବ। ରାଜ୍ୟର ଏହି ୧୯ଟି ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳକୁ ସମ୍ପୂର୍ଣ୍ଣ ପବିତ୍ର ଘୋଷଣା କରାଯାଇଛି। ୧ ଏପ୍ରିଲ ୨୦୨୫ ଠାରୁ ମଦ ଉପରେ ସମ୍ପୂର୍ଣ୍ଣ ନିଷେଧ ଲାଗୁ କରାଯାଇଛି। ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି ଯେ ନିଶାମୁକ୍ତି ଦିଗରେ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ଐତିହାସିକ ପଦକ୍ଷେପ ନିଆଯାଇଛି। ଏହି ପଦକ୍ଷେପ ଜନସାଧାରଣଙ୍କ ବିଶ୍ୱାସ ଏବଂ ଧାର୍ମିକ ଭକ୍ତିର ୧୯ଟି ସହରାଞ୍ଚଳ ଏବଂ ଗ୍ରାମ ପଞ୍ଚାୟତରେ ପ୍ରଭାବଶାଳୀ ହେବ। ଯେଉଁ ଧାର୍ମିକ ସ୍ଥଳଗୁଡ଼ିକରେ ମଦ ନିଷେଧ କରିବାକୁ ନିଷ୍ପତ୍ତି ନିଆଯାଇଛି, ସେଥିରେ ଗୋଟିଏ ନଗର ନିଗମ, ୬ଟି ପୌର ପରିଷଦ, ୬ଟି ପୌର ପରିଷଦ ଏବଂ ୬ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଭୁକ୍ତ।

## ଭାରତ ଆଡ଼କୁ ବନ୍ଧୁତାର ହାତ ବଢାଇଲେ ଚୀନ ରାଷ୍ଟ୍ରପତି

# 'ଡ୍ରାଗନ୍ ଓ ହାତୀ ଟାଙ୍ଗୋ' ପରି ମଜଭୁତ ହେଉ ସମ୍ପର୍କ

ନୂଆଦିଲ୍ଲୀ,୧।୪: ଚୀନ ପୁଣି ଥରେ ଭାରତ ଆଡ଼କୁ ବନ୍ଧୁତାର ହାତ ବଢାଇଛି । ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ୍ ମଙ୍ଗଳବାର କହିଛନ୍ତି ଯେ ଚୀନ ଓ ଭାରତ ଅଧିକ ଘନିଷ୍ଠ ହୋଇ କାମ କରିବା ଦରକାର । ଜିନପିଙ୍ଗ କହିଛନ୍ତି ଯେ ଚୀନ ଓ ଭାରତର ସମ୍ପର୍କ 'ଡ୍ରାଗନ୍-ହାତୀ ଟାଙ୍ଗୋ' ରୂପେ ନେବା ଦରକାର । ଟାଙ୍ଗୋ ଏହି ଦୁଇ ପ୍ରତୀକାତ୍ମକ ଜୀବଙ୍କ ମଧ୍ୟରେ ଏକ ଚୀନୀ ନୃତ୍ୟ । ଭାରତ ଓ ଚୀନ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୭୫ ବର୍ଷ ପୂରଣ ଅବସରରେ ଚୀନ ରାଷ୍ଟ୍ରପତି ଓ ଭାରତ ରାଷ୍ଟ୍ରପତି ପରସ୍ପରକୁ ଶୁଭେଚ୍ଛା ସନ୍ଦେଶ ପଠାଇଛନ୍ତି । ଏହି ଅବସରରେ ଚୀନ ରାଷ୍ଟ୍ରପତି ନୂଆଦିଲ୍ଲୀ ଓ ବେଜିଂ ସମ୍ପର୍କକୁ ମଜଭୁତ କରିବାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ରାଷ୍ଟ୍ରପତି ଜିନପିଙ୍ଗ ଭାରତ ଓ ଚୀନ ମଧ୍ୟରେ ସହଭାଗିତା ଉପରେ ଜୋର ଦେଇଛନ୍ତି । ଜିନପିଙ୍ଗ କହିଛନ୍ତି ଯେ ଦୁଇ ଦେଶ ପ୍ରମୁଖ ଅନ୍ତରାଷ୍ଟ୍ରୀୟ ମାମଲାରେ ବୁଝାମଣାକୁ ଆହୁରି ଆଗକୁ ନେବା ଓ ସୀମାବର୍ତ୍ତୀ କ୍ଷେତ୍ରରେ ଶାନ୍ତି ବଜାୟ ରଖିବା ପାଇଁ କାମ କରିବାର ଆବଶ୍ୟକତା ରହିଛି



। ସେପଟେ ଚୀନ ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବାର୍ତ୍ତା ଆଦାନ-ପ୍ରଦାନ କରିଛନ୍ତି । ଦୁଇ ଦେଶ ନିଜ ନେତାଙ୍କ ପାରସ୍ପରିକ ସହମତିକୁ ସକ୍ରିୟ ରୂପେ ଲାଗୁ କରୁଛନ୍ତି ଓ ସକାରାତ୍ମକ ପରିଣାମ ସହ କାମ କରୁଛନ୍ତି । ସୀମା କ୍ଷେତ୍ରରେ ଶାନ୍ତି ବଜାୟ ରଖିବା, ଅନ୍ତରାଷ୍ଟ୍ରୀୟ ମାମଲାରେ ଆଲୋଚନା ବଢାଇବା ଓ ଦୁଇ ଦେଶର ସମ୍ପର୍କର ସ୍ଥିର ବିକାଶକୁ ସୁନିଶ୍ଚିତ କରିବା ମହତ୍ୱ ଉପରେ ଜୋର ଦେଇଛନ୍ତି । ଚୀନ ବିଦେଶ ମନ୍ତ୍ରଣାଳୟ ମୁଖପାତ୍ର ଗୁଓ ଏହି ଅବସରରେ ଉପଯୋଗୀ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ନେଇ ଦୁଇ ଦେଶର ଇଚ୍ଛାକୁ ସେ ସ୍ପଷ୍ଟ କରିଛନ୍ତି । ଭାରତ ଓ ଚୀନ ଗତ ବର୍ଷ ଆଲୋଚନା କରିବା ପରେ ଏକ ବୁଝାମଣା ଅନୁସାରେ ପୂର୍ବ ଲଦାଖର ଶେଷ ଦୁଇ ବିବାଦୀୟ ସ୍ଥାନ, ଦେପସାଙ୍ଗ ଓ ଡେମଚୋକରୁ ସୈନ୍ୟ ଅପସାରଣ ସୁନିଶ୍ଚିତ କରିଥିଲେ । ଯାହାପରେ ୪ ବର୍ଷ ଧରି ଚାଲିଥିବା ଉତ୍ତେଜନା ହ୍ରାସ ପାଇଥିଲା । ବୁଝାମଣାକୁ ଚୂଡାନ୍ତ ରୂପ ଦେବା ପରେ ପ୍ରଧାନନ୍ତ୍ରୀ ମୋଦୀ ଓ ସି ଅକ୍ଟୋବର ୨୩ରେ କଜାନରେ କଥାବର୍ତ୍ତା ହୋଇଥିଲେ ।

# ପୁଣି ୨ ଜଣଙ୍କୁ ବାନ୍ଧିଲା ଭରତପୁର ପୁଲିସ

ଭୁବନେଶ୍ୱର(ନିପ୍ର): ଝିମିଟି ଖେଳରୁ ମହାଭାରତ । ଦୁଇ ଭାଇଙ୍କ ଜମିବାଡି ବିବାଦରୁ ଏହା ଉଗ୍ରରୂପ ଧାରଣ କରିଥିଲା। ଖାଲି ସେତିକି ନୁହେଁ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ପରେ ପରିସ୍ଥିତି ଅଣାୟତ ହୋଇଥିଲା। ଉତ୍ତେଜନା କମାଇବାକୁ ଘଟଣା ସ୍ଥଳକୁ ଯାଇଥିବା ପୁଲିସ ଅଫିସରଙ୍କୁ ନିର୍ଘୁମ ପିଟିବା ସହ ପିସିଆର ଭ୍ୟାନକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିଲେ। ଏଭଳି ଅଭାବନୀୟ ଘଟଣା ଘଟିଥିଲା ଭରତପୁର ଥାନା ନିକଟସ୍ଥ ବନଦୁର୍ଗା ବସ୍ତିରେ। ପୁଲିସ ସୋମବାର ଦିନ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଆଜି ପୁଣି ୨ ଜଣଙ୍କୁ ବାନ୍ଧିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଭରତପୁର ଥାନା ନିକଟସ୍ଥ ଆମ୍ବେଦକର ସସାହିର ଦେବବ୍ରତ ନାୟକ(୨୭) ଓ ବିଦେଶୀ ନାୟକ(୪୦)। ଦୁହିଁଙ୍କୁ ମଙ୍ଗଳବାର ଦିନ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି । ଆକ୍ରମଣ ଘଟଣାରେ ଆଉ ୧୫ ରୁ ଅଧିକ ଅପରାଧୀ ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ପୁଲିସ ଚଢ଼ାଉକୁ ଜୋରଦାର କରିଥିବା କହିଛନ୍ତି ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟ । ସୋମବାର ଦିନ ଗିରଫ ହୋଇଥିଲେ ଭରତପୁର ଥାନା ବନଦୁର୍ଗା ବସ୍ତିର ରଶ୍ମିତା ନାୟକ, ଆର୍ଥ ମହାରଣା, ସୂର୍ଯ୍ୟ ମହାରଣା, ମନୋଜ ମହାରଣା, ଅକ୍ଷୟ ମହାରଣା ଓ ରାକେଶ କୁମାର ନାୟକ। ସମସ୍ତ ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର ଦିନ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଭରତପୁର ଥାନା ଅଧିକାରୀଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଖୁବଶୀଘ୍ର ସେମାନଙ୍କୁ ପୁଲିସ ଗିରଫ କରିବ ବୋଲି ଜଣାପଡିଛି । ଆକ୍ରମଣ ଦେଇ ଅପରାଧୀଙ୍କ ନାମରେ ୪ଟି ମାମଲା ରୁଜୁ କରାଯାଇଛି । ସୂଚନାଯୋଗ୍ୟ ଯେ, ସୂର୍ଯ୍ୟ ମହାରଣା ଏବଂ ଅଶୋକ ମହାରଣା ଦୁଇ ଭାଇଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ଗଣ୍ଡଗୋଳ ଲାଗି ରହିଥିଲା । ଜମିବାଡ଼ି ବିବାଦକୁ ନେଇ ରବିବାର ରାତିରେ ସୂର୍ଯ୍ୟ ମହାରଣାଙ୍କ ପରିବାର ଓ କିଛି ସହଯୋଗୀ ଅଶୋକ ମହାରଣାଙ୍କୁ ଆକ୍ରମଣ କରିଥିଲେ। ଯାହାକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଉଭୟ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ପରେ ଉଭୟ ଉଭୟଙ୍କୁ ଖଣ୍ଡା ଓ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ଉଭୟ ପକ୍ଷରୁ କିଛି ଆହତ ମଧ୍ୟ ହୋଇଥିଲେ। ଖବର ପାଇ ଭରତପୁର ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଅତର୍କିତ ଭାବେ ବନଦୁର୍ଗା ବସ୍ତିକୁ ଯାଇ ଲୋକମାନଙ୍କୁ ବୁଝାଇବାକୁ ଉଦ୍ୟମ କରିଥିଲା। ହେଲେ ଦୁର୍ବୃତ୍ତମାନେ ପୁଲିସକୁ ବି ଛାଡିନଥିଲେ। ରାସ୍ତା ଉପରେ ହାଇଡ୍ରାମା ଓ କିଏ ପଥର ଫିଙ୍ଗିଲାଣି ତ କିଏ ଇଟାରେ ଛେଚି ପକାଇଲାଣି ଓ ଆଉ କିଛି ଲୋକ ପୁଲିସ ହାତରୁ ଅପରାଧୀକୁ ଛଡ଼ାଇ ଆଣି ଆଖିବୁଜା ମାଡ଼ ମାରିଲେଣି ଓ ପିସିଆର ଭ୍ୟାନ୍ ଭାଙ୍ଗି ପକାଇଥିଲେ। ଏନେଇ ପୁଲିସ ୪ଟି ମାମଲା ରୁଜୁ କରିଥିଲା। ମଙ୍ଗଳବାର ଦିନ ଚଢ଼ାଉ କରି ପୁଲିସ ୨ ଜଣଙ୍କୁ ଗିରଫ କରିଛି । ଏବେ ଗିରଫଦାରୀ ସଂଖ୍ୟା ୬କୁ ବୃଦ୍ଧି ପାଇଛି ।

# ଭିଆଇପି ସୋ' ରୁମରେ ବଡ଼ ଧରଣର ଅଗ୍ନିକାଣ୍ଡ

## ୮୦ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ




କଟକ(ନିପ୍ର): କଟକ ଦୋଳମୁଣ୍ଡାଇ ଭିଆଇପି ସୋ ରୁମରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ସର୍ଟ ସର୍କିଟ ଯୋଗୁ ଘଟିଛି ଏହି ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଏକ ଘଣ୍ଟା ପରିଶ୍ରମ ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲା। ଆଜି ସକାଳ ୧୦ଟା ସମୟରେ ଦୋକାନ ଖୋଲିବା ସମୟରେ ଏସି ଅନ କରିବା ପରେ ହଠାତ ଏସି ଟି ଫାଟି ଯାଇଥିଲା। ଯାହା ଫଳରେ ଦୁଇ ମହଲା କୋଠା ବିଶିଷ୍ଟ ଏହି ଭିଇଆପି ସୋ ରୁମରେ ଅଗ୍ନିକାଣ୍ଡ ବ୍ୟାପକ ରୂପ ନେଇଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳ ହୋଇଯାଇଥିଲା ଧୂଆଁମୟ। ଏହି ଘଟଣା ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଥିବା ସମସ୍ତ ଦୋକାନକୁ ବନ୍ଦ କରଯାଇଛି। ସୋ ରୁମରେ ପାଖାପାଖି ୮୦ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଥିବା କହିଛନ୍ତି ସୋରୁମ ମାଲିକ। ନିଆଁ ଲାଗିବା ସମୟରେ କୌଣସି କର୍ମଚାରୀ ସୋ ରୁମରେ ନଥିବା କହିଛନ୍ତି ସେ । ଅଗ୍ନିଶମ ବିଭାଗର ୬ଟି ଟିମ ଓ ଗାଡି ନିଆଁ ଲିଭାଇବା ପାଇଁ ନିୟୋଜିତ ହୋଇଥିଲେ। ସୂଚନା ଅନୁଯାୟୀ, ଆଜି ସକାଳ ୧୦ଟା ସମୟରେ ଦୋକାନ ଖୋଲିବା ସମୟରେ ଏସି ଅନ କରିବା ପରେ ହଠାତ ଏସି ଟି ଫାଟି ଯାଇଥିଲା। ଯାହା ଫଳରେ ଦୁଇ ମହଲା କୋଠା ବିଶିଷ୍ଟ ଏହି ଭିଇଆପି ସୋ ରୁମରେ ଅଗ୍ନିକାଣ୍ଡ ବ୍ୟାପକ ରୂପ ନେଇଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳ ହୋଇଯାଇଥିଲା ଧୂଆଁମୟ। ଏହି ଘଟଣା ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଥିବା ସମସ୍ତ ଦୋକାନକୁ ବନ୍ଦ କରଯାଇଛି। ସୋ ରୁମରେ ପାଖାପାଖି ୮୦ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଥିବା କହିଛନ୍ତି ସୋରୁମ ମାଲିକ। ନିଆଁ ଲାଗିବା ସମୟରେ କୌଣସି କର୍ମଚାରୀ ସୋ ରୁମରେ ନଥିବା କହିଛନ୍ତି ସେ । ଅଗ୍ନିଶମ ବିଭାଗର ୬ଟି ଟିମ ଓ ଗାଡି ନିଆଁ ଲିଭାଇବା ପାଇଁ ନିୟୋଜିତ ହୋଇଥିଲେ। ନିଆଁ ଲାଗିବାର କାରଣ ଏବଂ ସମସ୍ତ କାଗଜପତ୍ର ଯାଞ୍ଚ କରାଯିବ ବୋଲି ସହକାରୀ ଅଗ୍ନିଶମ ଅଧିକାରୀ ପ୍ରତାପ କୁମାର ସିଂ କହିଛନ୍ତି।

# ଆଇନଶୃଙ୍ଖଳା ବିପର୍ଯ୍ୟସ୍ତକୁ ନେଇ ହିଞ୍ଜିଳି କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା




ହିଞ୍ଜିଳିକାଟୁ(ନିପ୍ର): ଗତ ୩ ମାସ ଧରି ଗଞ୍ଜାମ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। କଥା କଥାକେ ଗୁଳିଫୁଟୁଛି। କେତେବେଳେ ଖଣ୍ଡାଚୋଟ ତ କେତେବେଳେ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ। ଗତ ୩ ମାସ ମଧ୍ୟରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ୨୧ ଜଣଙ୍କୁ ହତ୍ୟା କରାଯାଇଛି। ମାତ୍ର ୩ ଦିନର ବ୍ୟବଧାନରେ ୩ଟି ହତ୍ୟାକାଣ୍ଡ ଘଟିବା ସହ ୩ ଜଣଙ୍କୁ ହତ୍ୟା କରାଯାଇଛି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତକୁ ନେଇ ହିଞ୍ଜିଳି କଂଗ୍ରେସ ରାସ୍ତାକୁ ଓହ୍ଲାଇଛି। ମଙ୍ଗଳବାର ସନ୍ଧ୍ୟାରେ ହିଞ୍ଜିଳି କଂଗ୍ରେସ ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ପାଢିଙ୍କ ନେତୃତ୍ୱରେ ବହୁ କର୍ମୀ ବସ୍ ଟର୍ମିନାଲ ପରିସରରେ ଏକତ୍ରିତ ହୋଇଥିଲେ। ସେଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରିବା ବଜାର ନିକଟସ୍ଥ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସେଠାରେ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା। ଗଞ୍ଜାମ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ଏହାକୁ ସଜାଡିବାରେ ପୁଲିସ ପ୍ରଶାସନ ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ଉପସ୍ଥିତ କର୍ମୀମାନେ ମତବ୍ୟକ୍ତ କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଅଣାନଗଲେ ଆଗାମୀ ଦିନରେ କଂଗ୍ରେସ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ନାୟକ, ପ୍ରଦୀପ କୁମାର ମହାରଣା, ବେଣୁଧର ବିଷୋୟୀ, ଶତୃଘ୍ନ ନାୟକ, ଚିତ୍ର ଗୌଡ, ଆଶିଷ ପାଢ଼ୀ, ବିରଞ୍ଚି ନାରାୟଣ ପାଢି, ସୁଶିଲ ମଲ୍ଲ, ଧନଞ୍ଜୟ ବେହେରା, ରବିନ୍ଦ୍ର ବୈଠାରୁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

### ପୋଲିସ ପ୍ରତିଷ୍ଠା ଦିବସ ପାଳିତ

# ମାଓ ଦମନ ଓ ନିଶା କାରବାର ରୋକିବାରେ ଓଡିଶା ପୋଲିସକୁ ଉଲ୍ଲେଖନୀୟ ସଫଳତା ମିଳିଛି: ଡିଜିପି

କଟକ(ନିପ୍ର): ଉତ୍କଳ ଦିବସରେ ତଥା ୧୯୩୬ ଏପ୍ରିଲ୍-୧ରେ ଓଡ଼ିଶା ପୋଲିସ ପ୍ରତିଷ୍ଠା ହୋଇଥିଲା । ଏହି ଅବସରରେ ରାଜ୍ୟ ପୋଲିସ ବାହିନୀ ତାର ୯୦ ତମ ପ୍ରତିଷ୍ଠା ଦିବସ ପାଳନ ହୋଇଛି। ପୋଲିସ୍ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜିତ ରାଜ୍ୟସ୍ତରୀୟ ପରେଡ୍‌ରେ ଅଭିବାଦନ ଦେଇଛନ୍ତି । ଏହି ଅବସରରେ ରାଜ୍ୟ ପୋଲିସର ବହୁ ବରିଷ୍ଠ ପୁଲିସ୍ ଅଧିକାରୀ ଓ ବିଭିନ୍ନ ବାଟାଲିୟନ୍‌ର ଅଧିକାରୀ ମାନେ ଯୋଗଦେବେ। ଏହି ଅବସରରେ ପୋଲିସ ଡିଜିପି ନିଜ ଅଭିଭାଷଣରେ କହିଛନ୍ତି ଯେ, ଦିନକୁ ଦିନ ଓଡ଼ିଶା ପୋଲିସର ଦାୟିତ୍ୱ ବଢିଛି। ଆମେ ସମସ୍ତ ଚ୍ୟାଲେଞ୍ଜକୁ ମୁକାବିଲା କରିବା । ମାଓବାଦୀ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସକୁ ସଫଳତା ମିଳିଛି। ଚଳିତ ବର୍ଷ ବହୁ ମାଓବାଦୀଙ୍କୁ ନିହତ କରାଯାଇଛି। ନିଶା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏପିରିକି ଗଞ୍ଜେଇ ଚାଲାଣ ରୋକିବା ଓ ନଷ୍ଟ କରିବାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ମହିଳା ଓ ଶିଶୁଙ୍କ ବିରୋଧରେ ହୋଇଥିବା ଅତ୍ୟାଚାର ବିରୋଧରେ ଓଡ଼ିଶା ପୋଲିସ ଜିରୋ ଟଲରେନ୍ସ୍ ଗ୍ରହଣ କରିଛି । ଓଡ଼ିଶା ପୋଲିସକୁ ଅଧିକ କ୍ରିୟାଶୀଳ କରିବା ପାଇଁ ରାଜ୍ୟର ବିଭିନ୍ନ ଥାନାକୁ ଅତ୍ୟାଧୁନିକ ଗାଡ଼ି ଯୋଗାଇ ଦିଆଯାଇଛି । ସାଇବର କ୍ରାଇମ୍ ରୋକିବା ଓ ଦୃଢତାରେ ସହ ମୁକାବିଲା ଦିଗରେ ସାଇବର ପୋଲିସର ପ୍ରାଥମିକତା । ନୂତନ ପ୍ରଚଳିତ ଆଇନ୍‌କୁ ସଠିକ୍ ରୂପେ କାର୍ଯ୍ୟ କରିବା ଦିଗରେ ପୋଲିସ କାର୍ଯ୍ୟ କରୁଛି ।

# ୪ ଶ୍ରମ କୋଡ୍ ବାତିଲ ଦାବିରେ ବିକ୍ଷୋଭ

କଟକ(ନିପ୍ର): କେନ୍ଦ୍ର ସରକାରଙ୍କ ଦ୍ୱାରା ପୁରୁଣା ପେନସନ ବ୍ୟବସ୍ଥା (ଓପିଏସ୍) ବଦଳରେ ୟୁପିଏସ୍ ଲାଗୁ କରିବା ଏବଂ ୨୯ଟି ଶ୍ରମ ଆଇନ ବଦଳରେ ଶ୍ରମିକ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମ କୋଡ ଲାଗୁ କରିବା, ଶ୍ରମିକ ଛଟେଇ କରିବା, ସରକାରୀ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ଓ ଘରୋଇକରଣ ଭଳି ବିଭିନ୍ନ ଶ୍ରମିକମାରଣ ନୀତି ବିରୁଦ୍ଧରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସି କେନ୍ଦ୍ରୀୟ କମିଟିର ଡାକରାରେ ସାରା ଭାରତ ପ୍ରତିବାଦ ଦିବସ ଉପଲକ୍ଷେ ଜିଲ୍ଲା ଏଆଇୟୁଟିୟୁସି ପକ୍ଷରୁ ଏକ ବିକ୍ଷୋଭ କଟକ ରେଲୱେ ଷ୍ଟେସନ ନିକଟରେ ଶ୍ରମିକ ବିକ୍ଷୋଭ ହୋଇଯାଇଛି। ଏଆଇୟୁଟିୟୁସି ଜିଲ୍ଲା ସଂପାଦକ ରାଜକିଶୋର ମଲ୍ଲିକ, ସଭାପତି ଖଗେଶ୍ୱର ସେଠୀ, କୋଷାଧ୍ୟକ୍ଷ ସୌଭାଗ୍ୟ ସାମଲ, ଶ୍ରମିକ ନେତା ପ୍ରିୟଦର୍ଶନ ପାଢେଲ, ବସନ୍ତ ନାୟକ, ଦିପକ ଦାସ, ସୁକାନ୍ତ ନାୟକ, ଅଜୟ କୁମାର କବି, ବିଭୁତି ଭୋଇ, ଅକ୍ଷୟ ଭୋଇ, ବାବୁଲି ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ। ଅନୁଷ୍ଠିତ ବିକ୍ଷୋଭ ସଭାରେ ସଂଗଠନର ନେତୃବୃନ୍ଦ କେନ୍ଦ୍ର ସରକାର ଗୋଟିଏ ପରେ ଗୋଟିଏ ଶ୍ରମିକ ସ୍ୱାର୍ଥ ବିରୋଧୀ ନୀତି କାର୍ଯ୍ୟକାରୀ କରିବା ଫଳରେ ଶ୍ରମିକ,କର୍ମଚାରୀ ଓ ସବୁ ସ୍ତରର ଶ୍ରମଜିବୀ ଜନସାଧାରଣଙ୍କ ଜୀବନ ଆଜି ଦୁର୍ବିସହ ହୋଇ ପଡିଛି ବୋଲି କହିଥିଲେ। ବହୁ କଷ୍ଟଲବ୍ଧ ସଂଗ୍ରାମ ମଧ୍ୟ ଦେଇ ଅର୍ଜିତ ଅଧିକାର ଗୁଡିକ ଉପରେ କେନ୍ଦ୍ର ସରକାରଙ୍କ ଦ୍ୱାରା ହେଉଥିବା ଆକ୍ରମଣ କୁ ପ୍ରତିହତ କରିବାକୁ ଆଗାମୀ ଦିନରେ ଶ୍ରମଜୀବୀ ଜନସାଧାରଣ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା।

# ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

## ନିର୍ମାଣଧୀନ କୋଠା ତଳୁ ମିଳିଲା ମୃତଦେହ

ଭୁବନେଶ୍ୱର(ନିପ୍ର): ପୁଣି ଜଣେ ଛାତ୍ରଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି । ମଙ୍ଗଳବାର ସକାଳୁ ସକାଳୁ ଏକ ନିର୍ମାଣଧୀନ କୋଠା ତଳୁ ମିଳିଛି ଛାତ୍ରଙ୍କ ମୃତଦେହ । ମଞ୍ଚେଶ୍ୱର ଥାନା ୱାଟକୋ ପମ୍ପ ହାଉସ ନିକଟରେ ଥିବା ନିର୍ମାଣଧିନ କୋଠାରୁ ମିଳିଛି ମୃତଦେହ। ସୋମବାର ଅପରାହ୍ନ ସମୟରେ ରକ୍ତାକ୍ତ ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି କମିଶନରେଟ ପୁଲିସ। ମୃତ ଛାତ୍ର ଜଣଙ୍କ କିଟ୍ କଲେଜର ବିଟେକ ଦ୍ୱିତୀୟ ବର୍ଷର ଛାତ୍ର ଅର୍ଣ୍ଣବ ମୁଖାର୍ଜୀ ବୋଲି ଜଣାପଡିଛି। ତାଙ୍କୁ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଛି । ଏନେଇ କମିଶନରେଟ୍ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏନେଇ ଘଟଣାସ୍ଥଳରେ ଥିବା ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚରା ଉଚୁରା କରିଛି ମଞ୍ଚେଶ୍ୱର ଥାନା ପୁଲିସ । ଏହା ସହିତ ଘଟଣାସ୍ଥଳ ନିକଟରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଛନ୍ତି। ଏପରିକି ମୃତକର ପକେଟରୁ ଏକ ଇୟର ଫୋନ ଜବତ ହେବା ପରେ ମୋବାଇଲ ଫୋନ ନ ମିଳିବାରୁ କୋଠା ଉପରକୁ ଯାଇ ପୁଲିସ ଛାନଭିନ କରିଛି। ମୋବାଇଲ ପାଖରେ ପଡ଼ିଥିବା ସନ୍ଦେହ କରି ଆଖପାଖରେ ଖୋଜାଖୋଜି କରିଛି। ଏପରିକି ଘଟଣା ସ୍ଥଳର ଅନେକ ପାରିପାର୍ଶ୍ୱିକ ଦିଗକୁ ନେଇ ଛାନଭିନ କରିଛି। ସେହିଭଳି ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତକୁ ଜୋରଦାର କରିଛି । ଏନେଇ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି ମଞ୍ଚେଶ୍ୱର ଅଞ୍ଚଳରେ ଏକ ନିର୍ମାଣଧୀନ କୋଠା ନିକଟରୁ ଜଣେ ସିକୁରିଟି ଗାର୍ଡ ଫୋନ ଯୋଗେ ଛାତ୍ର ଖସିପଡିଥିବା ଜଣାଇଥିଲେ। ଏହା ପରେ ସେଠାରେ ମଞ୍ଚେଶ୍ୱର ଥାନା ପହଞ୍ଚିଥିଲା ।

# ଗୁରୁ ନାନକ ସ୍କୁଲ ପରିସରରେ ଓଡ଼ିଶା ଦିବସ

କଟକ: ଅପ୍ରେଲ ୧ ତାରିଖ ଓଡ଼ିଶା ଦିବସ ଗୁରୁ ନାନକ ପବ୍ଲିକ ସ୍କୁଲ ରେ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ର ଅଧ୍ୟକ୍ଷା ସଞ୍ଚିତା ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି କହିଲେ ଅପ୍ରେଲ ୧ ତାରିଖ ଦିନ ଭାଷାକୁ ଭିତ୍ତିକରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରାଯାଇଥିଲା। ଯାହାର ମୁଖ୍ୟ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ। ଏହି ଅବସରରେ ଆଜି ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ଭାବେ ପାଳନ କରାଯାଉଛି। ତେଣୁ ଆମେ ସମସ୍ତେ ଏହି ପକ୍ଷକୁ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ପତାକା ଉତ୍ତୋଳନ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଓଡ଼ିଶା ର କଳା ସଂସ୍କୃତି ଉପରେ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ଶିକ୍ଷୟିତ୍ରୀ ସନ୍ଧ୍ୟା ରାଣୀ ଦାସ ବ୍ୟାସକବି ଫକୀରମୋହନ ସେନାପତିଙ୍କ 'ରେବତୀ' ଓ 'ଛ ମାଣ ଆଠଗୁଣ୍ଠ' ଉପରେ ଅଭିନୟ ପ୍ରଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ବରାଳ ଓଡ଼ିଶାର ହଜି ଯାଉଥିବା ଐତିହ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଆମ ସଂସ୍କୃତି ପରମ୍ପରା ଉପରେ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଥିଲା।

# ଟାଇଁସର ଧନୁଯାତ୍ର ଉଦ୍‌ଯାପିତ



ଏହି ଧନୁଯାତ୍ରାକୁ ଟାଇଁସର, କୁ. ଜମନକିରା, ସାଲେଭାଡି, କୁସୁମୀ, କୁନ୍ତରା, ବାଙ୍କେ, ଗୋଛରା, ତେଲିଡିଲେଇମାଲ ଆଦି ପଞ୍ଚାୟତର ବହୁସଂଖ୍ୟକ ଜନସାଧାରଣ ଉପଭୋଗ କରିଥିଲେ। ଦୀର୍ଘ ୬ ଦିନ ବ୍ୟାପି ହୋଇଥିବା ଏହି ମହୋତ୍ସବରେ ଉଗ୍ରସେନଙ୍କ ଗାଦିଚ୍ୟୁତ, ଦେବକୀ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଟାଇଁସରଠାରେ ଗତ ୨୬ରୁ ଆରମ୍ଭ ହୋଇଥିବା ଷଷ୍ଠତମ ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ତଥା ଅନ୍ତିମ ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ ଧନୁଯାତ୍ରା ହେଉଛି କଳା ସଂସ୍କୃତି ବିକାଶର ଏକ ମାଧ୍ୟମ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳର ଏକତା ଓ ଭାଇଚାରାକୁ ସୁଦୃଢ କରି କଳାକାରଙ୍କୁ ଆଗକୁ ଯିବା ପାଇଁ ପ୍ରେରଣା ଦେଇଥାଏ। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ବସୁଦେବ ବିବାହ, ଶୂନ୍ୟବାଣୀ, କୃଷ୍ଣ ବଳରାମ ଜନ୍ମ, ବିଜୁଳି କନ୍ୟାଙ୍କ ଭବିଷ୍ୟତ ବାଣୀ, ଜରାସନ୍ଧ ଯୁଦ୍ଧ, କଂସଙ୍କ ରଙ୍ଗସଭା, ଅକ୍ରୂରଙ୍କ ଗୋପପୁର ପ୍ରେରଣ, ଅଷ୍ଟମଲ୍ଲ ଯୁଦ୍ଧସହ କୃଷ୍ଣବଳରାମଙ୍କ ଦ୍ୱାରା କଂସବଧ ଆଦି ନାଟ୍ୟ ଅଭିନୟ ଦର୍ଶକଙ୍କୁ ବାନ୍ଧିରଖିଥିଲା। ବରଗଡ ଜିଲ୍ଲା ଚିଚିଣ୍ଡାର ଝସକେତନ ପ୍ରଧାନଙ୍କ କଂସ ଭୂମିକାରେ ଅଭିନୟ ବେଶ ଚିତ୍ତାକର୍ଷକ ହୋଇଥିଲା। ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ଅଶ୍ୱିନୀ ସେନାପତି, ଉପସଭାପତି ପପୁ ସିଂ, ସମ୍ପାଦକ ତସ୍ମିନ ରଣା, ଅଶ୍ୱିନୀ ପଟେଲ, ରମାକାନ୍ତ ରାଉତଙ୍କ ସମେତ ଟାଇଁସର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଡେରାବିଶ ପାଠାଗାରର ସ୍ମରଣୋତ୍ସବ

# ଶିକ୍ଷା ହିଁ ବିକାଶର ମୂଳ ଆଧାର




ଡେରାବିଶ(ନିପ୍ର): ଶିକ୍ଷା ହିଁ ବିକାଶର ଚାବିକାଠି। ଯେଉଁ ଦେଶରେ ଲୋକମାନେ ଉଚ୍ଚ ଶିକ୍ଷିତ ସେହି ଦେଶ ସେତେ ବିକାଶଶୀଳ। ଅଞ୍ଚଳରେ ଶିକ୍ଷାର ପ୍ରସାରରେ ଡେରାବିଶ ପାଠାଗାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପାଠାଗାରର ପ୍ରତିଷ୍ଠାତା ତଥା ଇଂ ବାନାମ୍ବର ଦାସ ପାଠାଗାର ମାଧ୍ୟମରେ ଅଞ୍ଚଳରେ ଶିକ୍ଷାର ବିକାଶ କରିବାକୁ ସର୍ବଦା ଚେଷ୍ଟିତ ଥିଲେ। ଅଞ୍ଚଳରେ ଚାଷ ଜମିକୁ ଜଳଯୋଗାଣ ପାଇଁ କେନାଲ ନିର୍ମାଣ ହେଉ ଅବା ଶିକ୍ଷାର ବିକାଶ ପାଇଁ ସ୍କୁଲ ଓ କଲେଜ ନିର୍ମାଣ ହେଉ ସବୁଥିରେ ସ୍ୱର୍ଗତ ବାନାମ୍ବର ଦାସଙ୍କ ଅଗ୍ରଣୀ ଭୂମିକା ରହିଥିଲା। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଡେରାବିଶ ପାଠାଗାର ଆଜି ଶହ ଶହ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ଗ୍ରହଣର ମାଧ୍ୟମ ହୋଇପାରିଛି। ପାଠାଗାର ଆନ୍ଦୋଳନର ପୁରୋଧା ଥିବା ସ୍ୱର୍ଗତ ବାନାମ୍ବର ଦାସ ବାସ୍ତବରେ ଅଞ୍ଚଳ ପାଇଁ ଜଣେ ଯୋଗଜନ୍ମା ଥିଲେ ବୋଲି ଡେରାବିଶ ପାଠାଗାରର ବାର୍ଷିକ ଉତ୍ସବ ଓ ପ୍ରତିଷ୍ଠାତା ସ୍ୱର୍ଗତ ବାନାମ୍ବର ଦାସଙ୍କ ଶ୍ରାଦ୍ଧୋତ୍ସବରେ ଯୋଗଦେଇ ବିଶିଷ୍ଟ ବକ୍ତାମାନେ ମତ ବ୍ୟକ୍ତ କରିଛନ୍ତି। ଚାଟରାଚକଡା ପଞ୍ଚାୟତ ଡେରାବିଶ ପାଠାଗାର କିରଣକୁଞ୍ଜ ପରିସରରେ ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଇଂ ଭକ୍ତକବି ଦାସ ସଭାପତିତ୍ୱ କରିଥିଲେ। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ଼ଃ ବିଷ୍ଣୁଚରଣ ବାରିକ ମୁଖ୍ୟ ଅତିଥି, ଛତା ଛକ ସ୍ଥିତ କେନ୍ଦ୍ରାପଡ଼ା ପଲିଟେକନିକ୍ ଅଧ୍ୟକ୍ଷ ଡଃ ଗୁଣନିଧି ପ୍ରଧାନ ମୁଖ୍ୟ ବକ୍ତା ଓ ଡେରାବିଶ କଲେଜର ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଅଞ୍ଚଳରେ ଡେରାବିଶ ପାଠାଗାରର ଭୂମିକା ସହିତ ଏହାର ପ୍ରତିଷ୍ଠାତା ସ୍ୱର୍ଗତ ବାନାମ୍ବର ଦାସଙ୍କ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

# ମେହେରାପୁରରେ ଅଗ୍ନିକାଣ୍ଡ: ଦୁଇ ବଖରା ନଷ୍ଟ



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନୂଆଗଡ ପଞ୍ଚାୟତ ମେହେରାପୁରରେ ମଙ୍ଗଳବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଜଣେ ବ୍ୟକ୍ତିଙ୍କ ଦୁଇ ବଖରା ଘର ପୋଡ଼ି ଯାଇଛି। ସୂଚନା ଯୋଗ୍ୟ କି ଦିନ ୧୨ଟା ସମୟରେ କୌଣସି କାରଣରୁ ମେହେରାପୁରର ଏସକେ ଅହମ୍ମଦଙ୍କ ଘରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ପୋଡ଼ି ଯାଇଥିଲା। ଗ୍ରାମବାସୀ ଓ ଘଟଣାସ୍ଥଳରେ ଟାଙ୍ଗୀ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବ୍ୟକ୍ତି ଜଣକ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସାହାଯ୍ୟ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଘର ପୋଡ଼ି ଯିବା ଫଳରେ ଘର ଭିତରେ ଥିବା ଆସବାବପାତ୍ର, ଲୁଗାପଟା ପୋଡ଼ି ନଷ୍ଟ ହୋଇଯାଇଛି।

### ମା' ମଙ୍ଗଳାଙ୍କ ତୃତୀୟ ପାଳି ଯାତ୍ରା

# ଦିନରେ ପାଟୁଆ ନୃତ୍ୟ ଓ ରାତିରେ କାଳିକା ନୃତ୍ୟ



କାକଟପୁର(ନିପ୍ର): ଚୈତ୍ର ମାସର ତୃତୀୟ ମଙ୍ଗଳବାର। ପାରମ୍ପରିକ ପ୍ରଥାନୁସାରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା ତୃତୀୟ ପାଳି ଯାତ୍ରା। ରାତ୍ର ତିନିଘଡି ଥାଇ ମନ୍ଦିର ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ଭିତର ଶୋଧ, ସ୍ନାନ, ବେଶ, ଚନ୍ଦନ ଲାଗି ପରେ ସୂର୍ଯ୍ୟପୂଜା, ବଲ୍ଲଭ ନୀତି କରାଯାଇଥିଲା । ବଲ୍ଲଭ ନୀତି ପରେ ସକାଳ ଧୂପ, ବନ୍ଦାପନା ଆଳତି କରାଯାଇ ସର୍ବସାଧାରଣ ମାନଙ୍କ ଦର୍ଶନ ପାଇଁ ମନ୍ଦିର ର ସାହାଣ ମେଲା କରାଯାଇଥିଲା । ବିଭିନ୍ନ ଅଞ୍ଚଳରୁ ଆସିଥିବା ହଜାର ହଜାର ମାତୃଭକ୍ତ ବ୍ୟାରିକେଟ ମଧ୍ୟରେ ଧାଡ଼ିରେ ମନ୍ଦିର ଭିତରକୁ ଯାଇ ମା ମଙ୍ଗଳାଙ୍କୁ ଦର୍ଶନ କରିଥିଲେ। ମା'ଙ୍କୁ ଚନ୍ଦନ ବେଶରେ ସଜ୍ଜିତ କରାଯାଇଥିଲା। ସଧବା ମହିଳାମାନେ ନିଜ ସ୍ୱାମୀ ଓ ସନ୍ତାନମାନଙ୍କ ମଙ୍ଗଳ କାମନା କରି ମନ୍ଦିର ବେଢାରେ ଥିବା ପନ୍ଥେଇକୁ ପୂଜା କରିଥିଲେ। ଦିନ ପ୍ରାୟ ୨ଟାରେ ଜଗତସିଂହପୁର ଅଞ୍ଚଳରୁ ଆସିଥିବା ରାଉଳ ସେବକମାନେ ଓ ସ୍ଥାନୀୟ ଅଞ୍ଚଳର ଭୋଇ ସେବକମାନେ ପ୍ରାଚୀ ନଦୀର ଘଣ୍ଟତୋଳା ତୁଠକୁ ଯାଇ ପାଣି ତୋଳି ଏକ ବିରାଟ ଶୋଭାଯାତ୍ରାରେ ମନ୍ଦିରକୁ ଆସିଥିଲେ। ମନ୍ଦିର ବେଢାରେ ଓ ସମ୍ମୁଖରେ ପାଟୁଆ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ବିଳମ୍ବିତ ରାତିରେ ଭ୍ରମଣୀ ନୀତି ଓ ଭୋଗ ଅନୁଷ୍ଠିତ ହେବା ପରେ ଜନୈକ ଖମାରେଇ ସେବକ ନିଜକୁ କାଳୀ ବେଶରେ ସଜ୍ଜିତ କରି ଯାଇ ପହଞ୍ଚିଥିଲେ ମା' ମଙ୍ଗଳାଙ୍କ ପାଖରେ। ସେଠାରେ ତାଙ୍କୁ ମା'ଙ୍କ ଆଜ୍ଞାମାଳ ଓ ଖଡଗ ପ୍ରଦାନ କରିବା ପରେ ସେ ମନ୍ଦିର ବେଢ଼ା ଓ ସେବକ ସାହି ଦାଣ୍ଡରେ କାଳୀକା ନୃତ୍ୟ ପ୍ରଦର୍ଶନ କରିଥିଲେ, ଯାହା ମା ମଙ୍ଗଳାଙ୍କ ମନ୍ଦିରରେ ଏକ ଅନନ୍ୟ ପରମ୍ପରା ଭାବେ ଚାଲି ଆସିଛି କାହିଁ କେତେ କାଳରୁ। ତୃତୀୟ ପାଳି ଯାତ୍ରା ପାଇଁ ମନ୍ଦିର ଟ୍ରଷ୍ଟି ତଥା ତହସିଲଦାର ଅଙ୍କିତା ଅନିନ୍ଦିତା ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, କାକଟପୁର ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନାରେ ଶାନ୍ତି ଶୃଙ୍ଖଳାରେ ଭକ୍ତମାନଙ୍କୁ ଦର୍ଶନ କରାଇବା ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୁଖ୍ୟ ରାସ୍ତାର ତୋରଣଠାରୁ ମନ୍ଦିର ପର୍ଯ୍ୟନ୍ତ ମେଳା ଲାଗିଥିଲା। ମଙ୍ଗଳବାର କାକଟପୁର ବଜାର ସମେତ ଆଖପାଖ ଅଞ୍ଚଳ ଲୋକାରଣ୍ୟ ହୋଇପଡ଼ିଥିବା ବେଳେ ପ୍ରବଳ ଗୁଳୁଗୁଳି ଓ ଗରମ ସତ୍ତ୍ୱେ ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ମାତୃଭକ୍ତମାନେ ମା'ଙ୍କ ଦର୍ଶନ କରିଥିଲେ। ବିଳମ୍ବିତ ରାତିରେ କାଳିକା ନୃତ୍ୟ ଅନୁଷ୍ଠିତ ହୋଇଥିଲା।

# ଓଡ଼ିଶାର ଯୁବପିଢ଼ି ଭବିଷ୍ୟତର ପ୍ରକୃତ ସ୍ଥପତି: ରାଜ୍ୟପାଳ

**ଭୁବନେଶ୍ୱର, ୧/୪(ନିପ୍ର):** ଓଡ଼ିଶାର ଯୁବ ପୀଢ଼ି ରାଜ୍ୟର ଭବିଷ୍ୟତର ପ୍ରକୃତ ସ୍ଥପତି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଆଜି ରାଜଭବନରେ ଆୟୋଜିତ ଓଡ଼ିଶା ଦିବସ ପାଳନ ସମାରୋହରେ ଯୋଗ ଦେଇ ରାଜ୍ୟପାଳ ଏହା କହିବା ସହିତ ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଭାବେ ଗଠନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଅଧିକ ଦୃଢ କରିବାକୁ ଆହ୍ୱାନ ଜଣାଇଛନ୍ତି। ଓଡ଼ିଶା ଦିବସ ଅବସରରେ ରାଜ୍ୟବାସୀ ଏବଂ ବାହାରେ ରହୁଥିବା ଓଡିଆମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ସୁଖ ସମୃଦ୍ଧି କାମନା କରିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଓଡ଼ିଶା ଦିବସ ଗର୍ବ ଓ ଆନନ୍ଦର ମୁହୂର୍ତ୍ତ। ଏହା ଏପରି ଏକ ଦିନ ଯେତେବେଳେ ରାଜ୍ୟର ଗୌରବମୟ ଅତୀତକୁ କେବଳ ସ୍ମୃତିଚାରଣ କରାଯାଏ ନାହିଁ, ଏହା ସହିତ ବର୍ତ୍ତମାନ ଏବଂ ପ୍ରତିଶ୍ରୁତିବଦ୍ଧ ଭବିଷ୍ୟତ ମଧ୍ୟ ଚିନ୍ତା କରାଯାଏ। ଏହି ଅବସରରେ ସ୍ୱତନ୍ତ୍ର ରାଜ୍ୟ ଗଠନରେ ଅନନ୍ୟ ଅବଦାନ ରଖିଥିବା ଓଡ଼ିଶାର ସୁଯୋଗ୍ୟ ସନ୍ତାନମାନଙ୍କୁ ରାଜ୍ୟପାଳ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମି ଓଡିଶାର ସେବା କରିବାର ସୁଯୋଗ ପାଇ ନିଜକୁ ଧନ୍ୟ ମନେ କରନ୍ତି ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ। ରାଜ୍ୟପାଳ କହିଥିଲେ ଯେ ଶ୍ରୀ ଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ଦ୍ୱାରା ପ୍ରତିପାଦିତ ସାଂସ୍କୃତିକ ଐତିହ୍ୟ ସମଗ୍ର ବିଶ୍ୱକୁ ପ୍ରେରଣା ଦେଇଚାଲିଛି।



ଓଡ଼ିଶାର ଚମତ୍କାର ହସ୍ତତନ୍ତ, ଜନଜାତି କଳା ଏବଂ ସମୃଦ୍ଧ ଲୋକ କଳା ପରଂପରା ରାଜ୍ୟର ପରିଚୟକୁ ସ୍ୱତନ୍ତ୍ର କରିଛି। ବର୍ତ୍ତମାନ ଓଡ଼ିଶା କେବଳ ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଭୂମି ନୁହେଁ, ଏହା ବର୍ତ୍ତମାନ ଅପାର ସମ୍ଭାବନାର ଭୂମି। ଏହାର ଅବସ୍ଥିତି, ବିଶାଳ ପ୍ରାକୃତିକ ସଂପଦ, ମାନବ ସମ୍ବଳ ପାଇଁ ଓଡ଼ିଶା ଏକ ପ୍ରମୁଖ ଅର୍ଥନୈତିକ କେନ୍ଦ୍ର ଭାବେ ଉଭା ହୋଇଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ରାଜ୍ୟର ବିପୁଳ ଶିଳ୍ପ ସମ୍ଭାବନାକୁ ପ୍ରଦର୍ଶନ କରିଛି ଏବଂ ବିଭିନ୍ନ କ୍ଷେତ୍ରରେ ନିବେଶକୁ ଆକର୍ଷିତ କରିଛି। ପ୍ରବାସୀ ଭାରତୀୟ କନକ୍ଲେଭ୍ ଓଡ଼ିଶାର ବିଶ୍ୱସ୍ତରୀୟ ସଂଯୋଗକୁ ସୁଦୃଢ଼ କରିଛି ଏବଂ ବାଣିଜ୍ୟ, ପ୍ରଯୁକ୍ତି ବିଦ୍ୟା ଏବଂ ପ୍ରତିଭା ବିନିମୟ ପାଇଁ ରାସ୍ତା ଖୋଲିଛି। ଏସବୁ ପଦକ୍ଷେପ ଓଡ଼ିଶାକୁ ପୂର୍ବର ପ୍ରବେଶ ପଥରେ ରୂପାନ୍ତରିତ କରୁଛି ଏବଂ ଭାରତର ଆର୍ଥିକ ଅଭିବୃଦ୍ଧିର ପ୍ରମୁଖ ବାହକଭାବେ ଉପସ୍ଥାପିତ କରୁଛି ବୋଲି ରାଜ୍ୟପାଳ କହିଥିଲେ। ଏତଦ୍‌ବ୍ୟତୀତ ରାଜ୍ୟପାଳ କହିଥିଲେ ଯେ ଓଡ଼ିଶାରେ ବନ୍ଦର, ରାଜପଥ ଏବଂ ସ୍ମାର୍ଟ ସିଟି ବିସ୍ତାର ହେଉଛି। ପର୍ଯ୍ୟଟନ ଶିଳ୍ପ ବିଶ୍ୱସ୍ତରୀୟ ସ୍ୱୀକୃତି ହାସଲ କରୁଛି।

## ୨୫୯.୨୫ ନିୟୁତ ଟନ୍‌ର ରେକର୍ଡ ପଣ୍ୟ ବୋଝେଇ ହାସଲ କରିଛି ପୂର୍ବତଟ ରେଳପଥ

**ଭୁବନେଶ୍ୱର, ୧/୪(ନିପ୍ର):** ପୂର୍ବତଟ ରେଳପଥ ୨୦୨୪-୨୫ ଆର୍ଥିକ ବର୍ଷ (୧ ଏପ୍ରିଲ ୨୦୨୪ ରୁ ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ) ରେ ରେକର୍ଡ ୨୫୯.୨୫୪ ନିୟୁତ ଟନ୍ ମୂଳ ପଣ୍ୟ ବୋଝେଇ ହାସଲ କରି ପଣ୍ୟ ପରିବହନରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି । ଏହି ଉଲ୍ଲେଖନୀୟ ସଫଳତା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଭାବରେ ଚିହ୍ନିତ ହୋଇଛି କାରଣ ପୂର୍ବତଟ ରେଳପଥ ୨୫୯ ନିୟୁତ ଟନ୍ ପଣ୍ୟ ପରିବହନ ସୀମା ଅତିକ୍ରମ କରିବାରେ ଦେଶର ପ୍ରଥମ ରେଳ ଜୋନ୍ ହୋଇଛି, ଯାହା ମାଲ ପରିବହନରେ ପୂର୍ବ ରେକର୍ଡକୁ ଅତିକ୍ରମ କରିଛି । ଏହି ସଫଳତା ପୂର୍ବ ବର୍ଷ ତୁଳନାରେ ୩.୦୩୪ ନିୟୁତ ଟନ୍ ବୃଦ୍ଧି ପାଇଛି । ଏହି ସମୟ ମଧ୍ୟରେ, ପୂର୍ବତଟ ରେଳପଥ ବ୍ୟତୀତ ୨୦୦ ନିୟୁତ ଟନ୍ ପଣ୍ୟ ବୋଝେଇ ସୀମା ଅତିକ୍ରମ କରିଥିବା ଜୋନାଲ ରେଳବାଇ ଗୁଡିକ ହେଲା - ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ (ଏସଇସିଆର) ୨୫୩.୨୦୮ନିୟୁତ ଟନ୍, ଦକ୍ଷିଣ ପୂର୍ବ ରେଳପଥ (ଏସଇଆର) ୨୧୨.୩୬୧ନିୟୁତ ଟନ୍ ଏବଂ ପୂର୍ବ କେନ୍ଦ୍ରୀୟ ରେଳପଥ (ଇସିଆର) ୨୦୨.୬୨ନିୟୁତ ଟନ୍ ସୀମା ଉତୀର୍ଣ୍ଣ କରିଛି।



## ଡିଏଭି ଜଗନ୍ନାଥ କ୍ଷେତ୍ରରେ ବାର୍ଷିକ ଉତ୍ସବ 'ଅମେୟା ୨.୦'

**ଅନୁଗୁଳ,୧/୪(ନିପ୍ର):** ମହାନଦୀ କୋଲ୍ ଫିଲ୍‌ଡ୍ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ୍ ସ୍କୁଲ୍ ପରିସରରେ ବାର୍ଷିକ ଉତ୍ସବ " ଅମେୟା ୨.୦" ଯାହାକି ସ୍ୱର୍ଣ୍ଣିମ ଭାରତ ଭାବନା ସହିତ ସମ୍ବନ୍ଧିତ ,ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ ତଥା ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ୍ ଅଶୋକ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ 'ଚିତ୍ରକଳା ପ୍ରଦର୍ଶନୀ'ର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜଗନ୍ନାଥ କ୍ଷେତ୍ର ଅନନ୍ୟା ମହିଳା ମଣ୍ଡଳର ଅଧ୍ୟକ୍ଷା ସୁସ୍ମିତା ଧଳ ସମେତ ଜଗନ୍ନାଥ କୋଇଲା କ୍ଷେତ୍ରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ତାଳଚେର ବିଭିନ୍ନ କୋଇଲା କ୍ଷେତ୍ରର ପ୍ରବନ୍ଧକ ଏବଂ ବରିଷ୍ଠ ଅଧିକାରୀ, ବିଭିନ୍ନ ଶ୍ରମିକ ସଙ୍ଗଠନର ନେତା,ତଥା ବିଭିନ୍ନ ପଡୋଶୀ ବିଦ୍ୟାଳୟର ଅଧ୍ୟକ୍ଷ ଅଧ୍ୟକ୍ଷା, ଅଭିଭାବକମାନଙ୍କ ପ୍ରତିନିଧି, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଆଦି ଉପସ୍ଥିତ ରହି ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ । କାର୍ଯ୍ୟକ୍ରମଟି ପବିତ୍ର ପ୍ରଦୀପ ପ୍ରଜ୍ୱଳନ ସହିତ ଆରମ୍ଭ ହୋଇଥିଲା ଏବଂ ପରେ ଡ଼ି. ଏ. ଭି ଗାନ ଏବଂ କୋଲ ଇଣ୍ଡିଆ ସଂଗୀତ ପରିବେଷଣ କରାଯାଇଥିଲା ।



କଟକ ଠାରେ ୯୦ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ

## ୯୦ତମ ପୋଲିସ ପ୍ରତିଷ୍ଠା ଦିବସ

**ପୁରୀ,୧/୪(ନିପ୍ର):** ରିଜର୍ଭ ପୋଲିସ ଲାଇନ ପଡ଼ିଆରେ ୯୦ତମ ପୋଲିସ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ବାର୍ତ୍ତା ପଠନ କରି କହିଲେ ଯେ,୧୯୩୬ମସିହା ଆଜିର ଦିନରେ ପୋଲିସ ବାହିନୀ ଗଠନ କରାଯାଇଥିଲା ।ଅପରାଧ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ପୋଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦୈବ ଦୁର୍ବିପାକ ସମୟ ରେ ପୋଲିସର କାର୍ଯ୍ୟ ପ୍ରଶଂସନୀୟ ।ଲୋକଙ୍କର ଆସ୍ଥାଭାଜନ ହୋଇ ପୋଲିସ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେବା ସହ କର୍ତ୍ତବ୍ୟ ସମ୍ପାଦନ ରେ ବ୍ରତୀ ହେବାକୁ ସେ ଆହ୍ୱାନ ଦେଇଥିଲେ ।ସଂରକ୍ଷିତ ଆରକ୍ଷୀ ନିରୀକ୍ଷକଙ୍କ ନେତୃତ୍ୱରେ ଆରକ୍ଷୀ ବାହିନୀ ଚିତ୍ତାକର୍ଷକ ମାର୍ଚ୍ଚ ପାଷ୍ଟ ରେ ଅତିଥିଙ୍କୁ ଅଭିବାଦନ ପ୍ରଦାନ କରିଥିଲେ ।ଏହି ଅବସରରେ ସବ ଇନ୍ସପେକ୍ଟର କୌଶଲ୍ୟା ବେହେରା, ଏ ଏସ ଆଇ କାଳନ୍ଦୀ ଚରଣ ଲେଙ୍କା,ହାବିଲଦାର ରବୀନ୍ଦ୍ର ସେଠୀ,କନଷ୍ଟେବଲ ରବୀନ୍ଦ୍ର ସାହୁ,ଅଭିମନ୍ୟୁ ସ୍ୱାଇଁ ଏବଂ ଟ୍ରାଫିକ କନଷ୍ଟେବଲ କଳ୍ପନା ସେଠୀଙ୍କୁ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଗ୍ରୱାଲ ପୁଷ୍ପଗୁଚ୍ଛ ଓ ଆର୍ଥିକ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

## ନବମ ଓ ଦଶମ ଶ୍ରେଣୀ ଛାତ୍ର ମଧ୍ୟାହ୍ନ ଭୋଜନରେ ସାମିଲ

**ନିମାପଡ଼ା, ୧।୪ (ନିପ୍ର):** ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସମସ୍ତ ବିଦ୍ୟାଳୟର ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବା ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । ପ୍ରାଚୀ ବାଳିକା ବିଦ୍ୟାପୀଠରେ ୩୦ ଜଣ ଛାତ୍ରୀଙ୍କୁ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାନ୍ତି ସୂଚନା ଦେଇ ସରକାରଙ୍କ ଗାଇଡ଼ ଲାଇନ୍ ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳାର ସହିତ ସଫଳ କରାଇବା ପାଇଁ ଶିକ୍ଷକ/ଶିକ୍ଷୟିତ୍ରୀମାନେ ପ୍ରତିଶ୍ରୁତିବଦ୍ଧ ବୋଲି ଘୋଷଣା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ସାହୁ, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ରବୀନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଉତ୍କଳ ଦିବସ ପାଳନ ସହିତ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିଲେ।

## ଆର୍ଥିକ ବିକାଶକୁ ଗୁରୁତ୍ୱ ଦେଲେ ଅନିଲ ଅଗ୍ରୱାଲ

**ଭୁବନେଶ୍ୱର, ୧/୪(ନିପ୍ର):** ବେଦାନ୍ତର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ମଙ୍ଗଳବାର ରାଜ୍ୟର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଏବଂ ସଫଳତାକୁ ପାଳନ କରି ଉତ୍କଳ ଦିବସ ଅବସରରେ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ବାର୍ତ୍ତାରେ, ଶ୍ରୀ ଅଗ୍ରୱାଲ ଓଡ଼ିଶାର ଆଧ୍ୟାତ୍ମିକତା, କଳା, ସଂସ୍କୃତି, ବୟନଶିଳ୍ପ, ଖାଦ୍ୟ, ଭୂଦୃଶ୍ୟ ଏବଂ ସ୍ଥାପତ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ବିଶ୍ୱ ସ୍ତରରେ ନିଜର ପ୍ରତିଭା ଦେଖାଇଛି। ସେ ଓଡିଆ ଲୋକଙ୍କ ପ୍ରତିଭା ଏବଂ କଠିନ ପରିଶ୍ରମ ମାଧ୍ୟମରେ ଭାରତର ବିଶ୍ୱ ପ୍ରତିଷ୍ଠାକୁ ନିରନ୍ତର ବୃଦ୍ଧି କରିବା ପାଇଁ ଓଡ଼ିଆ ସମ୍ପ୍ରଦାୟକୁ ପ୍ରଶଂସା କରିଥିଲେ। ଓଡ଼ିଶାକୁ 'ବିଶ୍ୱର ଆଲୁମିନିୟମ୍ ରାଜଧାନୀ' ଭାବରେ ମାନ୍ୟତା ଦେଇ, ଶ୍ରୀ ଅଗ୍ରୱାଲ ରାଜ୍ୟ ସହିତ ବେଦାନ୍ତର ଗଭୀର ସମ୍ପର୍କ ପାଇଁ ଧନ୍ୟ ମନେକରିଥିଲେ।

ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

ବିଜ୍ଞାପନ

ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ ଜଗତସିଂହପୁର ଜିଲ୍ଲା ମହୋତ୍ସବ, "କଲ୍ଲୋଳ-୨୦୨୫" ଏପ୍ରିଲ ମାସ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ ଠାରେ ପାଳନ କରାଯାଉଅଛି। ପ୍ରତିଦିନ ସଂଧ୍ୟାରେ ସାଧାରଣ ସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ହୁଳହୁଳି ପ୍ରତିଯୋଗିତା, ସୁସ୍ୱାଦୁ ଖାଦ୍ୟମେଳା ଇତ୍ୟାଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଅଛି।

ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆପଣଙ୍କୁ ଅନୁରୋଧ କରୁଅଛି।

ଶ୍ରୀଯୁକ୍ତ ଜେ/ସୋନାଲ, ଭା.ପ୍ର.ସେ.
ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

## ନିଜ ପିଠି ଥାପୁଡେଇବା ବନ୍ଦ କରନ୍ତୁ ନବୀନ: ପୃଥ୍ୱୀରାଜ

**ଭୁବନେଶ୍ୱର, ୧ /୪(ନିପ୍ର):** ନବୀନଙ୍କୁ କଡ଼ା ଜବାବ ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ନିଜ ପିଠି ଥାପୁଡେଇବା ବନ୍ଦ କରନ୍ତୁ ନବୀନ ପଟ୍ଟନାୟକ । ୨୪ ବର୍ଷ ସରକାରରେ ଓଡ଼ିଶାକୁ କେତେ ବର୍ଷ ପଛକୁ ନେଇଛନ୍ତି ତାହା ଓଡ଼ିଶାବାସୀ ଦେଖିଛନ୍ତି। ଯାହାର ଜବାବ ଲୋକ ଏଥର ନିର୍ବାଚନରେ ଦେଇଛନ୍ତି । ଆଉ ଏବେ ସରକାର ଯାହା କାମ କରୁଛି ତାକୁ ବି ଲୋକ ଦେଖୁଛନ୍ତି । ତେଣୁ ନିଜେ ନିଜର ପିଠି ଥାପୁଡେଇବା ଛାଡ଼ି ଓଡ଼ିଶାର ବିକାଶ କେଉଁ ଗତିରେ ଯାଉଛି, ତାକୁ ଦେଖନ୍ତୁ ।

## ଚୈତ୍ରମାସର ତୃତୀୟ ମଙ୍ଗବାର ପାଇଁ ଦେବୀ ପୀଠଗୁଡ଼ିକ ଚଳଚଞ୍ଚଳ

**ପୁରୀ,୧/୪(ନିପ୍ର):** ଚୈତ୍ରମାସର ତୃତୀୟ ପାଳି ମଙ୍ଗଳବାର ପାଇଁ ସହରରେ ଥିବା ଦେବୀ ପୀଠ ଗୁଡ଼ିକରେ ଶ୍ରଦ୍ଧାଳୁ ଭକ୍ତମାନଙ୍କର ପୂଜାର୍ଚ୍ଚନା ଓ ଦର୍ଶନ ପାଇଁ ପ୍ରବଳ ଭିଡ଼ ଲାଗିଥିବା ଦେଖାଯାଇଥିଲା, ମହିଳାମାନେ ଏକତ୍ରିତ ହୋଇ ରାସ୍ତା ଉପରେ କୋଠି କାଟି ପିଢ଼ା ଉପରେ ଗୁଆ ନଡ଼ିଆ ବସାଇ ପୂଜା କରୁଥିବା ଦେଖାଯାଇଥିଲା, ମା'ଙ୍କ ନିକଟରେ ଖଇକୋରା ଓ ପଣା ଭୋଗ କରାଯାଇଥିଲା, ସେହିପରି ଝାଡେଶ୍ୱରିଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା, ମାନସିକ ଧାରି କାଳେଶି ମାନେ ନିଆଁରେ ଚାଲିଥିଲେ ଏହି ଝାମୁଯାତ୍ରା ଦେଖିବା ପାଇଁ ଶ୍ରଦ୍ଧାଳୁ ଭକ୍ତମାନଙ୍କର ପ୍ରବଳ ସମାଗମ ହୋଇଥିଲା।

## ଡିପାର୍ଟମେଣ୍ଟାଲ ପ୍ରୋସିଡିଂ ନଥିଲେ ନେଇ ପାରିବେ ଭିଆରଏସ୍ : ଆଇନ ମନ୍ତ୍ରୀ

**ଭୁବନେଶ୍ୱର, ୧/୪(ନିପ୍ର):** ଆଇଏଏସ୍ ଅଧିକାରୀ ସୁଜାତା କାର୍ତିକେୟନଙ୍କ ଭିଆରଏସ ପ୍ରସଙ୍ଗରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଯଦି ଜଣେ ଅଧିକାରୀଙ୍କ ବିରୁଦ୍ଧରେ କୌଣସି ଡିପାର୍ଟମେଂଟାଲ ପ୍ରୋସିଡିଂ ନଥିବ, ଆଉ ସେ ସେବା ନିବୃତ ହେବା ପାଇଁ ଚାହିଁବେ, ତେବେ ସେଥିରେ କୌଣସି ବାଧା ସୃଷ୍ଟି କରାଯାଏନାହିଁ । ଯେଉଁମାନେ ରାଜନୀତିରେ ଲମ୍ବା ସମୟ ଧରି ଅଛନ୍ତି, ସେମାନେ ଏକଥା ଜାଣିଥିବେ ବୋଲି କହିଛନ୍ତି ଆଇନ ମନ୍ତ୍ରୀ।

## ଓଡ଼ିଶାର ବିକାଶରେ କିଟ୍ ଓ କିସ୍‌ର ଯୋଗଦାନ ରହିଆସିଛି: ଅଚ୍ୟୁତ ସାମନ୍ତ

**ଭୁବନେଶ୍ୱର, ୧।୪(ନିପ୍ର):** କିଟ୍ ଓ କିସ୍ ପକ୍ଷରୁ ଉତ୍କଳ ଦିବସ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ କିଟ୍ ଓ କିସ୍ ପକ୍ଷରୁ ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନର ସ୍ମୃତିଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠନର ଶହେବର୍ଷ ପୂରଣ କରିବାକୁ ଯାଉଛି। ଇତି ମଧ୍ୟରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରିଥିବା ବେଳେ ବିଗତ ୩ ଦଶନ୍ଧୀ ଧରି ଓଡ଼ିଶାର ବିକାଶରେ କିଟ୍ ଓ କିସ୍‌ର ଯୋଗଦାନ ରହିଆସିଛି ଏବଂ ଆଗାମୀ ଦିନରେ ମଧ୍ୟ ଓଡ଼ିଶାର ବିକାଶ ଧାରାରେ କିଟ୍ ଓ କିସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଶ୍ରୀ ସାମନ୍ତ କହିଥିଲେ। କିସ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଉତ୍କଳୀୟ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ଉଚ୍ଚ ପ୍ରଶଂସା କରି ୟୁନେସ୍କୋ ସାଂସ୍କୃତିକ ଐତିହ୍ୟରେ କଟକ ବାଲିଯାତ୍ରା ସ୍ଥାନ ପାଇବାକୁ ଯାଉଥିବା ବିଷୟ ଉଲ୍ଲେଖ କରିଥିଲେ।

Act. Cost of Roof Top Solar for 1KW- Rs 35,000/-
Act. Cost of Roof Top Solar for 2KW- Rs 50,000/-
Act. Cost of Roof Top Solar for 3KW- Rs 82,000/-

PM SURYA GHAR
MUFT BIJLI YOJANA




Centre Subsidy 78000/-
State Subsidy 60000/-

M/s Sudarsana Panda
AUTHORIZED CHANEL PARTNER OF WAAREE SOLAR,
TPSODL APPROVED & MNRE REGISTER VENDOR.
Office At – Gandhi Nagar – 7 th Line Maruti Vihar, Berhampur Odisha,India. Pin - 760001
Contact No: 9437066374 call – 9861785878
Email id : auromeerae931@gmail.com

Total Subsidy 1,38,000/-

DOCUMENTS REQUIRED
: ELECTRICITY BILL
: MOBILE NO.
: MAIL ID .
: BANK A/C DETAILS
: PHOTO

1)Through this scheme, the households will be able to save electricity bills approximately up to 300 units(for 3Kw),200 units (for 2Kw) &100 units (for 1Kw) every month .
2)The Centre provides a CFA Rs 30,000 subsidy for 1 Kw system, Rs 60,000 for 2 Kw systems and Rs 78,000 for 3 Kw systems or higher.
3)The State provides a SFA Rs 25,000 subsidy for 1 Kw system, Rs 50,000 for 2 Kw systems and Rs 60,000 for 3 Kw systems or higher.
4)Households will be able to access collateral-free low-interest loan products of around 5 to 6.9% at present for installation of residential RTS systems up to10 kW.

Solar energy, clean energy for a better tomorrow



ଓଡ଼ିଶା ଦିବସ ଅବସରରେ ରାଜଭବନ ନିକଟସ୍ଥ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ (ଫଟୋ- ଦିନଲିପି)

# 'ଓଡ଼ିଆତ୍ୱ ଆମ ଆଚରଣରେ ଉଦ୍‌ଭାସିତ ହେଉ'

**କୋଣାର୍କ, ୧/୪(ନିପ୍ର):** ଉତ୍କଳ ଦିବସ ପାଳନ ପରିପ୍ରେକ୍ଷୀରେ ଆମ ରାଜ୍ୟର କୋଣ ଅନୁକୋଣରେ ଓଡ଼ିଆ ଜାତିର ଗୌରବଜ୍ଜ୍ୱଳ ଇତିହାସ, ପରମ୍ପରା, ସଂସ୍କୃତି ଓ ସ୍ୱାଭିମାନକୁ ନେଇ ଚର୍ଚ୍ଚା ଆଲୋଚନା ଜାରି ରହିଛି । ତେବେ ଏହା ଭାଷଣବାଜି ତଥା ଉଚ୍ଚାରଣରେ ସୀମିତ ନରହି ପ୍ରତ୍ୟେକ ଓଡ଼ିଆଙ୍କ ଆଚରଣରେ ଓଡ଼ିଆତ୍ୱ ପ୍ରତିଫଳିତ ହେବା ଜରୁରୀ ବୋଲି କୋଣାର୍କରେ ଆୟୋଜିତ ଉତ୍କଳ ଦିବସ ସମାରୋହରେ ବକ୍ତାମାନେ ମତପୋଷଣ କରିଛନ୍ତି। ମଙ୍ଗଳବାର କୋଣାର୍କ ନିକଟ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପରିସରରେ କୋଣାର୍କ ସାହିତ୍ୟ ସଂସଦ ଓ ବସନ୍ତମଞ୍ଜରୀ ପାଠାଗାରର ମିଳିତ ଆନୁକୂଲ୍ୟରେ ଉତ୍କଳ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। **ଆଠଗଡ଼:** ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ ଥିବା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ପ୍ରତ୍ୟୁଷରୁ ସହରରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେପରେ ସହରରେ ଅବସ୍ଥାପିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା। ଉକ୍ତ ଦିବସ ପାଳନ ଅବସରରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ଯୋଗଦାନ କରି ଭାଷା ଭିତ୍ତିରେ ପ୍ରଥମ ପ୍ରଦେଶ ଗଠନରେ ଅବଦାନ ଥିବା ବରପୁତ୍ରମାନଙ୍କ ସ୍ମୃତିଚାରଣ କରିବା ସହ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବାପାଇଁ ସମସ୍ତେ ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। **କୁଚିଣ୍ଡା:** ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ମଙ୍ଗଳବାର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଓଡିଶା ଦିବସ ପାଳିତ ହୋଇଯାଇଛି।



ଭକ୍ତବତ୍ସଳ ଶର୍ମାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶାନ୍ତନୁ କୁମାର ସାହୁ, ବରିଷ୍ଠ ସଦସ୍ୟ କିଶୋର ଚନ୍ଦ୍ର ପ୍ରଧାନ,ପ୍ରଫୁଲ୍ଲ କୁମାର ସାହୁ ଓଡିଶା ଦିବସର ମହତ୍ତ୍ୱ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ଦେଇଥିଲେ। ଏକ ସମୃଦ୍ଧ ଓଡିଶା ଗଠନରେ ବରିଷ୍ଠ ନାଗରିକଙ୍କ କର୍ତ୍ତବ୍ୟ ଉପରେ ଆଲୋଚନା କରି ସମସ୍ତ କ୍ଷେତ୍ରରେ ଜନହିତକର ସେବା ଜାରିରଖିବେ ବୋଲି କହିଥିଲେ। ସଂଘର ସମ୍ପାଦକ ତୁଳାରାମ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। **ନିରାକାରପୁର:** ଖୋର୍ଦ୍ଧା ଜିଲ୍ଲାର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ନିରାକାରପୁର ସ୍ଥିତ ସଖାସଂଘ କ୍ରୀଡା ସଂସଦ ପକ୍ଷରୁ ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଅଛି । ସଖାସଙ୍ଘର ସଭାପତି ବିପିନ ଜୟସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଅଞ୍ଚଳର ଗର୍ବ ଗୌରବ ବାଗ୍ମୀ ଡ ପୁର୍ଣଚନ୍ଦ୍ର ଦାଶ, ନିରାକାରପୁର ରାମଦାୟା ପରିଷଦ ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂ ଓ ସାମ୍ବାଦିକ ଶ୍ୟାମ ସୁନ୍ଦର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଏହି ଦିବସ ପାଳନ ତାତ୍ପର୍ଯ୍ୟ ବିଷୟରେ ଗୁରୁତ୍ୱପୂର୍ଣ୍ଣ ମତ ରଖିଥିଲେ । **ହିଞ୍ଜିଳିକାଟୁ:** ହିଞ୍ଜିଳିକାଟୁ ପୌର ପରିଷଦ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ପବିତ୍ର ଉତ୍କଳ ଦିବସ ଉତ୍ସାହର ସହ ପାଳିତ ହୋଇଛି। ଏହି ଉପଲକ୍ଷେ ପୌର ପରିଷଦ ସମ୍ମିଳନୀ କକ୍ଷ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲେଇ ସଭାପତିତ୍ୱ କରିଥିଲେ। ଦୀପ ପ୍ରଜ୍ୱଳନ ସହ ବରପୁତ୍ର ମାନଙ୍କ ତୈଳ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ଉତ୍କଳ ଜନନୀ ସଙ୍ଗୀତକୁ ସାମୂହିକ ଭାବରେ ଗାନ କରିଥିଲେ। ଏହି ଅବସରରେ ଆଜିର ଦିନରେ ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠିତ ହୋଇଥିଲା। ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ଓଡ଼ିଶାକୁ ପରିଚିତ କରିବାରେ ଓଡ଼ିଶାର ବରପୁତ୍ର ଓ ମହାମନୀଷୀଙ୍କ ଅବିଶ୍ରାନ୍ତ ଉଦ୍ୟମ ଓ ପରିଶ୍ରମ ଅନ୍ତିମ ପର୍ଯ୍ୟାୟରେ ଫଳବତି ହୋଇଥିଲା। **ପାରାଦୀପ:** ପାରାଦୀପର ଅଗ୍ରଣୀ ମହିଳା ସଙ୍ଗଠନ ରମାଦେବୀ ମହିଳା ସମିତି ଅଧ୍ୟକ୍ଷ ୮୯ତମ ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି। ସମିତିର ସଭାପତି ପୁଷ୍ପଲତା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ମଞ୍ଚ ଅଭିନେତ୍ରୀ ଜୟଶ୍ରୀ ମିଶ୍ର, ସମ୍ମାନିତ ଅତିଥି ଭାବରେ ଯୁବ ସମାଜ ସେବୀ ସରୋଜ କୁମାର ପ୍ରଧାନ, ମୁଖ୍ୟ ବକ୍ତା ଭାବରେ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ, ସମ୍ମାନିତ ବକ୍ତା ଭାବରେ ସାମ୍ବାଦିକ ପ୍ରଶାନ୍ତ କୁମାର ରାଉତ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ମହିଳା ସମିତି ସମ୍ପାଦିକା ପ୍ରତିମା ବାରିକ, ଉତ୍କଳ ନାମର ତାତ୍ପର୍ଯ୍ୟ ସହିତ ପୁରାଣର ଇତିହାସ ଉତ୍କଳ ତଥା ଓଡ଼ିଶାର ଗଠନ ଓ ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଭାବେ ୧୯୩୬ ମସିହା ପର୍ଯ୍ୟନ୍ତ ସଂଗ୍ରାମର ବୀର ଉତ୍କଳ ସନ୍ତାନ ମାନଙ୍କୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ